

ମନ୍ଷ୍ଟର୍: ସୁଟିଂ ପୂର୍ବରୁ ୧୦୦ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-95 ◆MONDAY ◆28 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୯୫ ◆ସୋମବାର ◆୨୮ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ହୀରାକୁଦ ଖୋଲିଲା ୨୮ ଫାଟକ

# ମହାନଦୀରେ ବନ୍ୟା

## ଆଜି ମୁଣ୍ଡଳୀ ଛୁଇଁବ ୮ ଲକ୍ଷ କ୍ୟୁସେକ୍ ଜଳ

■ ଭୁବନେଶ୍ୱର/ସମ୍ବଲପୁର, ୨୭।୯ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ବନ୍ୟା ଯୋଗୁଁ ଭଦ୍ରକ, ଯାଜପୁର ଜିଲ୍ଲାପ୍ରଭାବିତହୋଇଥିବାବେ ।।ଳେଏବେ ମହାନଦୀରେ ଆସୁଛି ଆଉ ବେନ୍ୟା। ଅବବାହିକାରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀରେ ଜଳସ୍ତର ବଢ଼ିଛି। ୨୮ଟି ଗେଟ୍ ଦେଇ ବନ୍ୟାପାଣି ନିଷ୍କାସିତ ହେଉଥିବାରୁ ମହାନଦୀ ତଳିମୁଣ୍ଡରେ ବନ୍ୟା ପରିସ୍ଥିତି ଦେଖାଦେଇପାରେ। ଏହାକୁ ନେଇ ଡ୍ୟାମ କର୍ତ୍ତୃପକ୍ଷ ସତର୍କ କରିଛନ୍ତି। ଉପର ମୁଣ୍ଡରୁ ବନ୍ୟାପାଣି ଅଧିକ ଆସୁଥିବାରୁ ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ଖୋଲିଛନ୍ତି।

ଏବେ ମୋଟ ୨୮ଟି ଗେଟ୍‌ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୬ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର ୬୨୮.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୯ଟି ଏବଂ ଡାହାଣପାର୍ଶ୍ୱ ୦୯ଟି ଏହିପରି ମୋଟ୍ ୨୮ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୨,୯୯୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ସ୍ପିଲୱେ ଦେଇ ୪,୫୬,୮୭୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ରବିବାର ରାତିରେ



ମୁଣ୍ଡଳୀ ଦେଇ ପ୍ରାୟ ୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ସୋମବାର ସକାଳ ୯ଟା ବେଳକୁ ଏହା ବୃଦ୍ଧି ପାଇ ୮ ଲକ୍ଷ କ୍ୟୁସେକରେ ପହଞ୍ଚିବ। ଫଳରେ ମହାନଦୀ ଅବବାହିକାର ୪ ଜିଲ୍ଲାର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବା ଆଶଙ୍କା ରହିଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ମହାନଦୀର ଶାଖା ଲୁଣା, କେରାଣ୍ଡିଆ, ଚିତ୍ରୋପ୍ତଳା, ଦୟା, ଭାର୍ଗବୀ, କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା, ରାଜୁଆ, ମକରା ଆଦି ନଦୀ ଗୁଡ଼ିକରେ ସୋମବାର ସକାଳ ପରଠାରୁ ବନ୍ୟା ଜଳ ବଢ଼ିବ। ଏହାଦ୍ୱାରା କଟକ ଜିଲ୍ଲାର ବଡ଼ମ୍ବା, ବାଙ୍କୀ, ଆଠଗଡ଼, ପୁରୀ ଜିଲ୍ଲାର କଣାସ, ନିମାପଡ଼ା ଓ ଗୋପ, ଜଗତସିଂହପୁରର ଏରସମା, ବାଲିକୁଦା ଏବଂ କେନ୍ଦ୍ରାପଡାର ପାଟକୁରାର ତଳିଆ ଅଞ୍ଚଳରେ ବନ୍ୟା ପାଣି ପଶିବ। ଏହି ବନ୍ୟା ସ୍ଥିତି ଅନ୍ୟୂନ ୨୪ ଘଣ୍ଟା ଧରି ବଳବତ୍ତର ରହିବ। ମୁଣ୍ଡଳୀ ଦେଇ ଯେପରି ୮ ଲକ୍ଷ କ୍ୟୁସେକରୁ ଅଧିକ ଜଳ ପ୍ରବାହିତ ନହୁଏ ସେନେଇ ବିଭାଗ ବିଶେଷ ସତର୍କ ରହିଛି। ଗତ ▶ପୃଷ୍ଠା-୭

ଖଣି ଆଇନ ସଂଶୋଧନକୁ ବିରୋଧ

# ଆଜି ବିଜେଡିର ମହାବିକ୍ଷୋଭ



ସାମିଲ ହେବେ ନବୀନ ପଟ୍ଟନାୟକ

■ ଭୁବନେଶ୍ୱର, ୨୭।୯ (ସମିସ): ରାଜ୍ୟର ହିତ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ସଂଶୋଧିତ ଖଣି ଆଇନ ପ୍ରତ୍ୟାହାର ଦାବିରେ ଆସନ୍ତାକାଲି ରାଜଧାନୀ ଭୁବନେଶ୍ୱରରେ ବିକ୍ଷୋଭ ସହ ବିଧାନସଭା ଘେରାଉ କରିବ ବିଜେଡି। ଏହି ବିଶାଳ ବିକ୍ଷୋଭରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେବେ। ଏହି ବିକ୍ଷୋଭରେ ଦଳର ସବୁ ବରିଷ୍ଠ ନେତାଙ୍କ ସହ ସାଂସଦ, ବିଧାୟକମାନେ ମଧ୍ୟ ଉପସ୍ଥିତ ରହିବେ।

ଖଣି ଓ ଖଣିଜ ସାମଗ୍ରୀ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ବିବାଦୀୟ ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ଆଇନରେ ରାଜ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରିବା ଓ ରାଜ୍ୟ ପାଇବାକୁ ଥିବା ଟିକସକୁ ଖଣି ମାଲିକଙ୍କୁ ଉପହାର ଦେବା ପ୍ରତିବାଦରେ ବିଜେଡି ପକ୍ଷରୁ ଏହି ଆନ୍ଦୋଳନ କରାଯାଉଛି। ୨୦୨୪ ମସିହା ଜୁଲାଇ ୨୫ରେ ଖଣି ଓ ଖଣିଜ ଜମି ଉପରେ ରାଜ୍ୟମାନେ ଟିକସ ଓ ଲେଭି ଲଗାଇ ପାରିବେ ଓ ୨୦୦୫ ମସିହାରୁ ଏହାର ବକେୟା ଆଦାୟ କରି ପାରିବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଓଡ଼ିଶା ବକେୟା ବାବଦକୁ ଏକ ଲକ୍ଷ କୋଟି ଓ ବର୍ଦ୍ଧିତ ରାଜସ୍ୱ ବାବଦକୁ ୧୨,୦୦୦ କୋଟି ଟଙ୍କା ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। ମାତ୍ର ଏମଏମଡିଆର ଆଇନ ▶ପୃଷ୍ଠା-୭

## ବ୍ୟାଙ୍କ ଧର୍ମଘଟ ସ୍ଥଗିତ

■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ସାରା ଦେଶରେ ହେବାକୁ ଥିବା ତିନି ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ ରହିଛି। ସପ୍ତାହରେ ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ସମେତ ଅନେକ ଦାବି ପୂରଣ ପାଇଁ ବ୍ୟାଙ୍କ କର୍ମଚାରୀମାନେ ସେପ୍ଟେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଏହି ଧର୍ମଘଟ ଡାକରା ଦେଇଥିଲେ। ସେପ୍ଟେମ୍ବର ୨୭ ରାତିରେ ଭାରତୀୟ ବ୍ୟାଙ୍କ ସଂଘ ଆଇବିଏ) ଏବଂ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ମଧ୍ୟରେ ଏକ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ▶ପୃଷ୍ଠା-୭

## ନିମାପଡ଼ା ଗେଷ୍ଟ ହାଉସ୍‌ରେ ଗଣଦୁଷ୍କର୍ମ

ନିମାପଡ଼ାକୁ ହସ୍ତାନ୍ତର ହେଲା ଜିରୋ ଏଫ୍‌ଆଇଆର୍

ଅଭିଯୁକ୍ତମାନେ ଶାସକ ଦଳ ସହ ସମ୍ପୃକ୍ତ ଅଭିଯୋଗ

ଚାରି ଜଣ ଯୁବକଙ୍କୁ ପୁଲିସ ଅଟକ ରଖିଥିବା ସୂଚନା

■ ଭୁବନେଶ୍ୱର, ୨୭।୯ (ସମିସ): ନିମାପଡ଼ାର ଏକ ଗେଷ୍ଟ ହାଉସ୍‌ରେ ଜଣେ ୨୪ ବର୍ଷୀୟା ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଛି । ମହିଳାଙ୍କ ଅଭିଯୋଗ ଆଧାରରେ ନିମାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୫(୨), ୩(୫), ୩୫୧(୨), ୬୪(୧) ଓ ୭୦(୧) ଲାଗୁ ହୋଇଛି। ଅଭିଯୋଗ ଅନୁସାରେ ଅନୁଗୋଳ ଜିଲ୍ଲା ଖମାର ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱରରେ ଡ଼େଲ୍‌ଟା ଛକର ଏକ ▶ପୃଷ୍ଠା-୭

ତୀବ୍ର ହେଉଛି ଜ୍ଞାନେଶ ବିରୋଧୀ ଅଭିଯାନ

## ସଫେଇ ଚଳିବନି; ଇସ୍ତଫା ଲୋଡ଼ା

କକ୍ରୋଚ୍‌କୁ ଅନୁମତି ଦେଉନି ମହାରାଷ୍ଟ୍ର ସରକାର

ଜେଲ୍‌ଭରୋ ଆନ୍ଦୋଳନ ପାଇଁ ଅଭିଜିତଙ୍କ ଧମକ

ଆସାମରେ ଶତାଧିକ କକ୍ରୋଚ୍ ପାର୍ଟି ସମର୍ଥକ ଅଟକ



■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ଏସ୍‌ଆଇଆରକୁ ନେଇ ବିବାଦରେ ଥିବା ମୁଖ୍ୟ ନିର୍ବାଚନକମିସନରଜ୍ଞାନେଶକୁମାରଙ୍କ ଉପରେ ଇସ୍ତଫା ପାଇଁ ଚାପ ବଢ଼ିବାରେ ଲାଗିଛି। ତାଙ୍କ ବିରୋଧରେ ବ୍ୟାପୁଥିବା ଅସନ୍ତୋଷକୁ ଚାପିବା ଲାଗି ଗତକାଲି ନିର୍ବାଚନ କମିସନଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍ପଷ୍ଟୀକରଣକୁ ବିରୋଧୀ ଦଳ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସେମାନେ କହିଛନ୍ତି ଯେ ଏଭଳି ଲୋକଦେଖାଣିଆ ସ୍ପଷ୍ଟୀକରଣ ଚଳିବ ନାହିଁ। ଯେଉଁ ପ୍ରସଙ୍ଗକୁ ନେଇ ନିର୍ବାଚନ କମିସନରେ ମତଭେଦ ରହିଛି, ସେସଂପର୍କରେ କମିସନ କାହିଁକି ମୁହଁ ଖୋଲୁ ନାହାନ୍ତି। ଅଫିସ ଭିତରେ ବସି ବିବୃତି ଦେଲେ ଚଳିବ ନାହିଁ। ଯଦି କମିସନରେ ମତଭେଦ ନାହିଁ, ତାହାହେଲେ ତିନି ଜଣ କମିସନର ମିଳିତ ସାମ୍ବାଦିକ ସମ୍ମିଳନୀର ସମ୍ମୁଖୀନ ହୁଅନ୍ତୁ ବୋଲି କଂଗ୍ରେସ, ସପିଏମ୍ ଏବଂ କକ୍ରୋଚ୍ ପାର୍ଟି ଦାବି କରିଛନ୍ତି। ସେମାନେ ଅଭିଯୋଗ ▶ପୃଷ୍ଠା-୭


ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୧ ବର୍ଷ
ଓଡ଼ିଶାର ସବୁଠୁ ପ୍ରସିଦ୍ଧ ପ୍ରକାଶନ

ସାରା ଓଡ଼ିଶା ପଢ଼ୁଛି ଆପଣ ପଢ଼ିନାହାନ୍ତି ?
୨୭ ପ୍ରସିଦ୍ଧ ଲେଖକଙ୍କ ୫୩୭ଟି କାହାଣୀ ଅଧା ମୂଲ୍ୟରେ ହାତଘଡ଼ି ଓ ଉପହାର କୁପନ ସହ

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ






୨୭ଟି ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
୪,୯୯୯ ଟଙ୍କାରେ
୪,୯୯୯ ଟଙ୍କା ବିନିମୟରେ ପାଉଛନ୍ତି
୧୦,୦୦୦ ଟଙ୍କାର ୨୭ଟି ପୁସ୍ତକ
୨,୪୯୯ ଟଙ୍କା ମୂଲ୍ୟର ହାତଘଣ୍ଟା
୭,୦୦୦ ଟଙ୍କାର ଉପହାର କୁପନ

ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଘଣ୍ଟା

ପେନ୍ ଇନ୍ ବୁକ୍ସ ପୋଥି ସରାଗିଆଙ୍କ ସ୍ୱର୍ଗ ୨୦୦୬ ମସିହାରୁ

facebook.com/PENINBOOKS

ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର - ୭୫୧୦୧୩
ଫୋନ୍ : ୯୧୨୪୬ ୦୯୬୩୧

ପଢ଼ନ୍ତୁ ଓ ପଢ଼ାନ୍ତୁ

▶ ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
▶ ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
▶ ଭାରତୀୟ ଡାକ ପାର୍ସଲ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ଓ ଉପହାର ପଠାଯିବ।
▶ ଯୋଜନା ୫ ଜୁଲାଇ ୨୦୨୬, ରବିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

9124609631

Odia Media Private Limited
odiamedia@icici

OMPL/2609/SK04

## ମାଫିଆଙ୍କୁ ଧରିବାକୁ କାର୍ ଛାତରେ ୪୦ କିମି ଝୁଲିଲେ ପୁଲିସ

କୋଏମ୍ବାଟୁର,୨୭।୯ (ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ନିକଟରେ ନିଷିଦ୍ଧ ଗୁଟଖା ଓ ତମାଖୁ ଚାଲାଣ କରୁଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଗାଡ଼ି ଯାଞ୍ଚ ସମୟରେ ଏକ ଏସୟୁଭିର ଯାତ୍ରୀମାନେ ପୁଲିସ କର୍ମଚାରୀଙ୍କୁ ଠେଲି ଦେଇ ଖସି ପଳାଇବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି। ଏହି ସମୟରେ ହେଡ୍ କନଷ୍ଟେବଳ ଭେଲମୁରୁଗନ ସାହସିକତା ଦେଖାଇ ଗାଡ଼ିର ଛାତ ଉପରକୁ ଡେଇଁ ପଡ଼ିଥିଲେ। ସେ ଛାତର ରେଲିଂକୁ ଧରି ପ୍ରାୟ ୪୦ କିଲୋମିଟର ପର୍ଯ୍ୟନ୍ତ ଝୁଲି ରହିଥିଲେ। ଦ୍ରୁତ ଗତିରେ ଅଭିଯୁକ୍ତମାନେ ପଳାଉଥିବା ବେଳେ ପୁଲିସ ଗାଡ଼ି ଓ ଆମ୍ବୁଲାନ୍ସରେ ସେମାନଙ୍କୁ ପଛରୁ ଗୋଡ଼ାଇଥିଲା। ଶେଷରେ ଏକ ହୋଟେଲ ନିକଟରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଗାଡ଼ିଟିକୁ ଅଟକାଇବାରେ ସଫଳ ହୋଇଥିଲା। ଏହି ମାମଲାରେ ପୁଲିସ ରାଜସ୍ଥାନର ତିନି ଜଣ ଯୁବକଙ୍କୁ ଗିରଫ କରିଛି। ଏହାସହ ବେଙ୍ଗାଲୁରୁରୁ କୋଏମ୍ବାଟୁରକୁ ଚାଲାଣ ହେଉଥିବା ପ୍ରାୟ ୩୦୦ କିଲୋଗ୍ରାମ ନିଷିଦ୍ଧ ଗୁଟଖା ଜବତ କରିଛି।



## ରାଇଫଲ୍‌ରେ କାର୍ କାଚ ଭାଙ୍ଗି ୫ ଜଣଙ୍କ ଜୀବନ ବଞ୍ଚାଇଲେ ପୁଲିସ ଦମ୍ପତି

ଲକ୍ଷ୍ନୌ,୨୭।୯ (ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସୱେରେ ଏକ ଦୁର୍ଘଟଣାଗ୍ରସ୍ତ ଓଲଟି ପଡ଼ିଥିବା କାର୍‌ରୁ ୫ ଜଣ ଯାତ୍ରୀଙ୍କୁ ସାହସିକତାର ସହ ଉଦ୍ଧାର କରିଛନ୍ତି ଜଣେ ପୁଲିସ କନଷ୍ଟେବଳ ଦମ୍ପତି। ସୌରିଖରୁ କନୌଜ ଆଡ଼କୁ ଯାଉଥିବା ବେଳେ ଏକ୍ସପ୍ରେସୱେର ୧୭୧ କିଲୋମିଟର ବୁଲାଣି ନିକଟରେ କନଷ୍ଟେବଲ ଅମିତ ତିଓତିଆ ଏବଂ ପତ୍ନୀ ଅର୍ଚ୍ଚନା ସିଂହ ରାସ୍ତାକଡ଼ରେ ଏକ କାର୍ ଓଲଟି ପଡ଼ିଥିବା ଦେଖିବାକୁ ପାଇଥିଲେ। କାର୍ ଭିତରେ ଯାତ୍ରୀମାନେ ଫସି ରହି ଚିତ୍କାର କରୁଥିଲେ। ଚିତ୍କାର ଶୁଣି ଦମ୍ପତି ତୁରନ୍ତ ଗାଡ଼ି ରଖିଥିଲେ। ପରିସ୍ଥିତିକୁ ଦେଖି ଅମିତ ତାଙ୍କର ସର୍ଭିସ୍ ରାଇଫଲ୍ ସାହାଯ୍ୟରେ କାର୍‌ର କାଚ ଭାଙ୍ଗିଥିଲେ। ଏହାପରେ ଜଣଙ୍କ ପରେ ଜଣେ ୫ ଜଣଙ୍କୁ ନିରାପଦରେ ବାହାରକୁ ଆଣିଥିଲେ। ଏହି ଦୁର୍ଘଟଣାରେ ଆହାତଙ୍କୁ ସୌରିଖସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଉଦ୍ଧାର କାର୍ଯ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁଲିସ ଦମ୍ପତିଙ୍କ ସାହସିକତା, ଉପସ୍ଥିତ ବୁଦ୍ଧି ଏବଂ ତତ୍ପରତାକୁ ସର୍ବସାଧାରଣରେ ପ୍ରଶଂସା କରାଯାଉଛି।



ଥମୁନି ନିର୍ବାଚନ କମିସନ ବିବାଦ

# ଚାପରେ ଦୁଇ ନିର୍ବାଚନ କମିସନର!



## ଏକାଠି ସାମ୍ବାଦିକ ସମ୍ମିଳନୀ କରନ୍ତୁ ତିନି କମିସନର: ରାୱତ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବିବାଦୀୟ ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ସଂପର୍କରେ ଦି ଇଣ୍ଡିଆନ ଏକ୍ସପ୍ରେସରେ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରବଳ ଚାପରେ ଅଛନ୍ତି ଦୁଇ ଜଣ ନିର୍ବାଚନ କମିସନର ଡ. ସୁଖବିନ୍ଦର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ। ନୂଆ ଭୋଟର ପଞ୍ଜୀକରଣ ପାଇଁ ଉଦ୍ଦିଷ୍ଟ ଫର୍ମ-୬ ଏବଂ ଡାଟାବେସର କେନ୍ଦ୍ରୀକରଣକୁ ନେଇ ଏହି ଦୁଇ କମିସନର ପ୍ରତିବାଦ ଜଣାଇଥିଲେ ମଧ୍ୟ ସେମାନଙ୍କ କଥା ଶୁଣିନଥିଲେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର। ସେମାନଙ୍କ ଆପତ୍ତିକୁ ଖାତିର ନକରି ସେ ଏହି ସଂଶୋଧନକୁ କାର୍ଯ୍ୟକାରୀ କରିଥିଲେ। ଏସଆଇଆର ସଂପର୍କରେ ବିଭିନ୍ନ ପଦକ୍ଷେପକୁ ବିରୋଧ କରି ୧୪ ମାସରେ ୧୦ ଥର ସେମାନେ ପ୍ରତିବାଦ କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନଥିଲା। ତେଣୁ ସେମାନେ ବାଧ ହୋଇ କ୍ୟାବିନେଟ ସଚିବଙ୍କୁ ଚିଠି ଲେଖିଥିଲେ। ତେବେ ଦୁଇ ନିର୍ବାଚନ କମିସନର ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ନହୋଇ କ୍ୟାବିନେଟ ସଚିବଙ୍କୁ କାହିଁକି ଚିଠି ଲେଖିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର ଓପି ରାୱତ। ସେ କହିଛନ୍ତି ଯେ ନିର୍ବାଚନ କମିସନର ସାମ୍ବିଧାନିକ କର୍ତ୍ତୃପକ୍ଷ ହୋଇଥିବାରୁ ସେମାନେ ସିଧା ରାଷ୍ଟ୍ରପତିଙ୍କ ପାଖକୁ ଯିବା କଥା। ସେମାନଙ୍କ ପାଇଁ କ୍ୟାବିନେଟ ସଚିବ ଉପଯୁକ୍ତ ପ୍ଲାଟଫର୍ମ ନୁହନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଯାହା ଜଣାପଡୁଛି ଦୁଇ କମିସନର ପ୍ରବଳ ଚାପରେ ଥିଲେ। ମତଭେଦକୁ ନେଇ ସେମାନେ ରାଷ୍ଟ୍ରପତିଙ୍କ ପାଖକୁ ଯାଇଥିଲେ ସେମାନଙ୍କ ପଦବୀ ପ୍ରତି ବିପଦ ଥିଲା। କାରଣ ମୁଖ୍ୟ ନିର୍ବାଚନ କମିସନର କେବଳ ସୁପାରିସ କରିଦେଲେ ରାଷ୍ଟ୍ରପତି ସେମାନଙ୍କୁ ହଟାଇଦେବେ। ଏହି ଭୟରେ ସେମାନେ ରାଷ୍ଟ୍ରପତିଙ୍କ ପାଖକୁ ଯାଇନାହାନ୍ତି। ସେ ଆହୁରି କହିଛନ୍ତି ଯେ କମିସନ ଭିତରେ ମତଭେଦକୁ ନେଇ ଯେଉଁ ପ୍ରଶ୍ନ ଉଠୁଛି, ତାହାର ସମାଧାନ କମିସନ ପକ୍ଷରୁ ଜାରି କରାଯାଉଥିବା ମିଳିତ ବିବୃତିରେ ମିଳିବ ନାହିଁ। ତନି ଜଣ କମିସନର ଏକାଠି ହୋଇ ମିଳିତ ସାମ୍ବାଦିକ ସମ୍ମିଳନୀ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ଘୋଷଣାକୁ ସମର୍ଥନ କରିଛନ୍ତି ବିଶିଷ୍ଟ ସମାଜସେବୀ ସୋନମ ୱାଙ୍ଗଚୁକ୍। ସେ କହିଛନ୍ତି ଯେ ଆସନ୍ତା ଅକଟୋବର ୨ ତାରିଖରୁ ଆରମ୍ଭ ହେଉଥିବା ଏହି ଆନ୍ଦୋଳନ ପ୍ରତି ତାଙ୍କର ପୂରା ସମର୍ଥନ ରହିଛି।

**୧୨ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିୟୋଜିତ କଲା ବିଜେପି**

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଅଭିଯାନ ଜୋର ଧରିଥିବା ବେଳେ ତାଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛି ବିଜେପି। ଜ୍ଞାନେଶ-ବିରୋଧୀ ଅଭିଯାନର ନେତୃତ୍ୱ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନେଉଥିବା ବେଳେ ତାଙ୍କର ମୁକାବିଲା ଲାଗି ବିଜେପି ପକ୍ଷରୁ ଏହାର ୧୨ ଜଣ ମୁଖ୍ୟମନ୍ତ୍ରୀ ଆଜି ସେମାନଙ୍କ ରାଜ୍ୟରେ ସାମ୍ବାଦିକ ସମ୍ମିଳନୀ କରି ଜ୍ଞାନେଶଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ଓ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି।

ସମଗ୍ର ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ରାହୁଲ 'ଏକ୍ସ'ରେ କହିଛନ୍ତି ଯେ ଝଡ଼ଭରା ସମୁଦ୍ରରେ ତାଙ୍କୁ ପହଁରିବାକୁ ଭଲ ଲାଗେ।

## ମହାଦେବ ବେଟିଂ ଅଭିଯୁକ୍ତଙ୍କୁ ବିମାନବନ୍ଦରରେ ଧରିଲା ସିବିଆଇ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବହୁକୋଟି ଟଙ୍କାର ମହାଦେବ ଅନଲାଇନ୍ ବେଟିଂ ଆପ୍ ମାମଲାରେ ସିବିଆଇ ଅଭିଷେକ କୁମାରଙ୍କୁ ଗିରଫ କରିଛି। ମହାଦେବ ବେଟିଂ ନେଟୱର୍କର ପ୍ରମୁଖ ଅଭିଯୁକ୍ତ କୁହାଯାଉଥିବା ଅଭିଷେକ ଗୁରୁବାର ଦୁବାଇରୁ ହାଇଦ୍ରାବାଦ ଫେରିବା ପରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଧରିଥିଲା ସିବିଆଇ। ଅଭିଷେକ ମହାଦେବ ବୁକ୍ ଅଧୀନରେ ଚାଲୁଥିବା ଅନଲାଇନ୍ ବେଟିଂ ଓ ଜୁଆ କାରବାରରେ ସକ୍ରିୟ ଭୂମିକା ନେଇଥିଲେ। ସେ ବେଟିଂ ପ୍ୟାନେଲ୍‌ଗୁଡ଼ିକର ସମନ୍ୱୟ, ଟଙ୍କା ସଂଗ୍ରହ ଏବଂ ବେଆଇନ କାରବାରରୁ ମିଳିଥିବା ଅର୍ଥରେ ଦୁବାଇରେ ସ୍ଥାବର ସମ୍ପତ୍ତି କିଣିଥିବା ଅଭିଯୋଗ ରହିଛି। ଗିରଫ ପରେ ତାଙ୍କ ନିକଟରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିବା ଏବଂ ତାହା ମହାଦେବ ଆପ୍‌ର କାର୍ଯ୍ୟକଳାପ ସହ ତାଙ୍କ ସମ୍ପର୍କର ପ୍ରାଥମିକ ସୂଚନା ଦେଉଥିବା ସିବିଆଇ କହିଛି। ଅଭିଷେକ ମୁଖ୍ୟ ଅଭିଯୁକ୍ତ ସୌରଭ ଚନ୍ଦ୍ରାକର ଓ ଶୁଭମ ସୋନିଙ୍କ ସହ ଘନିଷ୍ଠ ଭାବେ କାମ କରୁଥିଲେ। ଗିରଫ ପରେ ତାଙ୍କୁ ୨ ଦିନିଆ ସିବିଆଇ ହେପାଜତକୁ ନିଆଯାଇଛି। ମହାଦେବ ଆପ୍ ସମ୍ପର୍କିତ ଛତିଶଗଡ଼ର ୧୩ଟି ଏଫଆଇଆରର ତଦନ୍ତ ସିବିଆଇ ହାତକୁ ଯିବା ପରେ ଏଜେନ୍ସି ଏପର୍ଯ୍ୟନ୍ତ ୧୦୦ ଅଭିଯୁକ୍ତଙ୍କ ବିରୋଧରେ ୮ଟି ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଆପ୍‌ର ପ୍ରମୋଟର, ପ୍ୟାନେଲ୍ ଅପରେଟର, ହାୱାଲା ଅପରେଟର ଓ କିଛି ସରକାରୀ କର୍ମଚାରୀଙ୍କ ନାମ ରହିଛି। ମୁଖ୍ୟ ପ୍ରମୋଟରମାନଙ୍କୁ ଭାରତ ଫେରାଇ ଆଣିବା ପାଇଁ ୭ଟି ରେଡ୍ କର୍ଣ୍ଣର ନୋଟିସ୍ ଓ ୨ଟି ପ୍ରତ୍ୟର୍ପଣ ପ୍ରସ୍ତାବ ପଠାଯାଇଥିବା ସିବିଆଇ କହିଛି।

**ବେଟିଂ ପ୍ୟାନେଲ୍ ସମନ୍ୱୟ, ଟଙ୍କା ସଂଗ୍ରହ ଓ ଦୁବାଇରେ ସମ୍ପତ୍ତି କିଣିଥିବା ଅଭିଯୋଗ**

## ଧ୍ୱଂସାବଶେଷରୁ ମୁଜତାବାଙ୍କୁ ଉଦ୍ଧାର କରାଯାଇଥିଲା!

ତେହେରାନ,୨୭।୯ (ଏଜେନ୍ସି): ଆମେରିକା-ଇସ୍ରାଏଲ ଆକ୍ରମଣ ପରେ ଇରାନ ସର୍ବୋଚ୍ଚ ନେତା ମୁଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ସମୟ ସମୟରେ ଅନେକ ରିପୋର୍ଟ ପ୍ରକାଶ ପାଉଛି। ଏହି ସମୟରେ ନ୍ୟୁୟର୍କ ପୋଷ୍ଟ ଏନେଇ ନୂତନ ରିପୋର୍ଟ ପ୍ରକାଶ କରିଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ତେହେରାନ୍‌ର ଏକ ଡାକ୍ତରଖାନାର ଧ୍ୱଂସାବଶେଷ ତଳୁ ଇରାନର ନୂତନ ସର୍ବୋଚ୍ଚ ନେତା ମୁଜତାବା ଖାମେନେଇଙ୍କୁ ଉଦ୍ଧାର କରାଯାଇଥିବା ଏଥିରେ କୁହାଯାଇଛି। ଇରାନର 'ଆସେମ୍ବ୍ଲି ଅଫ୍ ଏକ୍ସପର୍ଟସ'ର ସଦସ୍ୟ ମୋହସେନ୍ ହେଇଦାରୀ କାତାର ଭିତ୍ତିକ ଏକ ଟିଭି ନେଟୱାର୍କକୁ ଦେଇଥିବା ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି। ହେଇଦାରୀଙ୍କ ଅନୁଯାୟୀ, ତେହେରାନ୍‌ର ତିନୋଟି ହସପିଟାଲ୍ ଉପରେ ବୋମା ବର୍ଷଣ କରାଯାଇଥିଲା। ତୃତୀୟ ହସପିଟାଲର ଧ୍ୱଂସାବଶେଷ ତଳୁ ୫୬ ବର୍ଷୀୟ ମୁଜତାବାଙ୍କୁ କାଢ଼ାଯାଇଥିଲା। ଏହି ଘଟଣା ପରଠାରୁ ସେ ଅଜ୍ଞାତ ସ୍ଥାନକୁ ଚାଲିଯାଇଛନ୍ତି। ଏହି ଆକ୍ରମଣ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପରସ୍ପର ବିରୋଧୀ ବିବୃତ୍ତି ସାମ୍ନାକୁ ଆସିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଖାମେନେଇ ଗୁରୁତର ଭାବେ ଆହତ ହୋଇଛନ୍ତି ଏବଂ ତାଙ୍କ ଶରୀରର ବାମ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷରେ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ କହିଛନ୍ତି ଯେ ୬ ଘଣ୍ଟାର ବୈଠକ ପରେ ସେ ମୁଜତାବା ସମ୍ପୂର୍ଣ୍ଣ ସୁସ୍ଥ ଥିବା ଦେଖିଛନ୍ତି।



## ଭାରତର ଚେତାବନୀ

ନ୍ୟୁୟର୍କ,୨୭।୯ (ଏଜେନ୍ସି): ମିଳିତ ଜାତିସଂଘରେ ଅଭିଭାଷଣ ଦେଇ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଆତଙ୍କବାଦ ବିରୋଧରେ ଆତ୍ମରକ୍ଷାର ଅଧିକାର ପ୍ରୟୋଗ କରିବା ନେଇ ଘୋଷଣା କରିଛନ୍ତି। ଏହା ସହିତ, ଗଲ୍ଫ ଆଞ୍ଚଳିକ ସଂଘର୍ଷ ଏବଂ ଲୋହିତ ସାଗରରୁ କଳା ସାଗର ପର୍ଯ୍ୟନ୍ତ ବାଣିଜ୍ୟିକ ଜାହାଜ ଓ ନାବିକମାନଙ୍କ ଉପରେ ହେଉଥିବା ଆକ୍ରମଣକୁ ଜୟଶଙ୍କର ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି କହିଛନ୍ତି। ଏହି ଆକ୍ରମଣରେ ଭାରତୀୟ ନାବିକଙ୍କ ମୃତ୍ୟୁ ଓ ନିଖୋଜ ଘଟଣାକୁ ନେଇ ସେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସାମୁଦ୍ରିକ ଜାହାଜ ଓ ନାବିକମାନଙ୍କ ସୁରକ୍ଷା ପାଇଁ ଭାରତ ଓ ଲାଇବେରିଆ ୨୩ଟି ସହଯୋଗୀ ଦେଶ ସହିତ ମିଶି ଏକ ବିଶେଷ ପଦକ୍ଷେପ ଆରମ୍ଭ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ବିଜୟଙ୍କ ୟୁଟର୍ଣ୍ଣ

ଚେନ୍ନଇ,୨୭।୯ (ଏଜେନ୍ସି): ରାଜନୈତିକ ଦଳ ଓ ନିରପେକ୍ଷ କର୍ମୀଙ୍କ ତୀବ୍ର ବିରୋଧ ପରେ ତାମିଲନାଡୁ ସରକାର ସୂଚନା ଅଧିକାର ଆଇନ୍ ନେଇ ଏକ ବିବାଦୀୟ ନିଷ୍ପତ୍ତି ପ୍ରତ୍ୟାହାର କରିଛନ୍ତି। ଜନସାଧାରଣ (ଆଇନ ଓ ଶୃଙ୍ଖଳା) ବିଭାଗକୁ ୨୦୦୫ ସୂଚନା ଅଧିକାର (ଆରଟିଆଇ) ଆଇନରୁ ଛାଡ଼ କରିବା ପାଇଁ ବିଜୟଙ୍କ ରାଜ୍ୟ ସରକାର ପ୍ରଥମେ ବିଜ୍ଞପ୍ତି ଜାରି କରିଥିଲେ। ତେବେ ପ୍ରବଳ ବିରୋଧ ପରେ ସରକାର ଏହାକୁ ବାତିଲ କରିଛନ୍ତି। ଗତ ୨୧ ତାରିଖରେ ଜାରି ଆଦେଶରେ ଏହି ବିଭାଗକୁ ଆରଟିଆଇ ଆଇନର ଅଧୀନରେ 'ଗୁପ୍ତଚର ଓ ସୁରକ୍ଷା ସଂସ୍ଥା' ଭାବେ ଦର୍ଶାଯାଇଥିଲା। ଏହି ନିଷ୍ପତ୍ତି ବଳବତ୍ତର ରହିଥିଲେ ପୁଲିସ ହାଜତ ମୃତ୍ୟୁ, ଗୁଳିକାଣ୍ଡ, ନିର୍ଯାତନା, ଏବଂ ସାମ୍ପ୍ରଦାୟିକ ସଂଘର୍ଷ ସମ୍ପର୍କିତ ସୂଚନା ପ୍ରକାଶିତ ହୋଇପାରିନଥାନ୍ତା।



ଦିଲ୍ଲୀରେ ରାସ୍ତା କାମର ତଦାରଖ କରୁଥିବା ବେଳେ ଜଣେ ଯୁବକଙ୍କୁ ଚାପୁଡ଼ା ମାରୁଛନ୍ତି ଦିଲ୍ଲୀ ମନ୍ତ୍ରୀ ପରବେଶ ବର୍ମା। ଯୁବକ ଜଣକ ମୋବାଇଲରେ ଫଟୋଉଠାଉଥିଲେ।

## ଭୁଶୁଡ଼ିଲା କୋଠା; ୨ ମୃତ

ଅମ୍ବାଲା,୨୭।୯ (ଏଜେନ୍ସି): ହରିୟାଣାର ଅମ୍ବାଲା ସହର ନିକଟସ୍ଥ ଧୁଲକୋଟ ଗ୍ରାମରେ ଏକ ତିନିମହଲା ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୧୫ ରୁ ୨୦ ଜଣ ଶ୍ରମିକ ଧ୍ୱଂସାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ପୁଲିସ, ଜିଲ୍ଲା ପ୍ରଶାସନ, ଏନଡିଆରଏଫ, ଏସଡିଆରଏଫ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଅଭିଯାନ ଆରମ୍ଭ କରିଛନ୍ତି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି।

# ବର୍ଷା, ବନ୍ୟାରେ ଭାସୁଛି ଉତ୍ତର ପ୍ରଦେଶ



**୫୬ ଜଣଙ୍କ ମୃତ୍ୟୁ, ୧୦୨୧ ଗୃହ କ୍ଷତିଗ୍ରସ୍ତ**

ଲକ୍ଷ୍ନୌ,୨୭।୯ (ଏଜେନ୍ସି): ଉତ୍ତର ପ୍ରଦେଶରେ ଗତ ୬୦ ଘଣ୍ଟା ଧରି ପ୍ରବଳ ଲଗାଣ ବର୍ଷା ହୋଇଛି। ଫଳରେ ବର୍ଷା ଜନୀତ ମୃତ୍ୟୁସଂଖ୍ୟା ୫୬ରେ ପହଞ୍ଚିଛି। ଏହି ପ୍ରାକୃତିକ ବିପତ୍ତିରେ ୪୬ ଜଣ ଆହାତ ହୋଇଥିବା ବେଳେ ୧,୦୨୧ଟି ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧୦୭ଟି ଗୃହପାଳିତ ପଶୁଙ୍କର ପ୍ରାଣହାନି ଘଟିଛି। ସରକାରୀ ତଥ୍ୟ ଅନୁଯାୟୀ, ସୀତାପୁର ଜିଲ୍ଲାରେ ସବାଧିକ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଲଖିମପୁର ଖେରୀ, ବହରାଇଚ୍ ଓ ବଲରାମପୁରରେ ୫ ଜଣ ଲେଖାଏଁ ଏବଂ ଅଯୋଧ୍ୟା ଓ ଗୋରଖପୁରରେ ୪ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି। ହରଦୋଇ ଜିଲ୍ଲାରେ ସବାଧିକ ୨୭୨ଟି ଘର ଭାଙ୍ଗିଯାଇଛି ଏବଂ ୨୮ଟି ପଶୁଙ୍କ ମୃତ୍ୟୁ ଘଟିଛି। ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ଉତ୍ତର-ପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ଛତିଶଗଡ ଉପରେ ସୃଷ୍ଟ ଅବପାତ ଯୋଗୁଁ ଏହି ବର୍ଷା ହୋଇଛି। ଲକ୍ଷ୍ନୌରେ ୧୨୫.୮ ମିଲିମିଟର ଏବଂ ବାନ୍ଦାରେ ୨୨୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଫରୁଖାବାଦରେ ସାଧାରଣ ତୁଳନାରେ ୨୦୦ ଗୁଣ ଅଧିକ ବର୍ଷା ହୋଇଛି। ପ୍ରବଳ ବର୍ଷା ଓ ପବନ ଯୋଗୁଁ ଗ୍ରାମାଞ୍ଚଳରେ ଛିଡ଼ା ହୋଇଥିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ଏବଂ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଏହି ଜଳବନ୍ଦୀକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଗଙ୍ଗା ଏକ୍ସପ୍ରେସୱେ ଜଳମଗ୍ନ ହେବା ଭିଡିଓ ସେୟାର କରିଛନ୍ତି। ସେ ଏହାକୁ "ଗଙ୍ଗା ଏକ୍ସପ୍ରେସ ୱାଟରୱେ' ବୋଲି କଟାକ୍ଷ କରିଛନ୍ତି। ଅନ୍ୟପଟେ, ବିଏସପି ସୁପ୍ରିମୋ ମାୟାବତୀ ପ୍ରଭାବିତ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

## ଦୁଷ୍କର୍ମ ଗୁଜବକୁ ନେଇ ଛାତ୍ର ଅଶାନ୍ତି

**ଜାତୀୟ ରାଜପଥ ଅବରୋଧ, ବିଶ୍ୱବିଦ୍ୟାଳୟରେ ଭଙ୍ଗାରୁଜା**

ଫଗୱାଡ଼ା, ୨୭।୯ (ଏଜେନ୍ସି): ପଞ୍ଜାବର ଫଗୱାଡ଼ାସ୍ଥିତ ଲଭଲି ପ୍ରୋଫେସନାଲ ୟୁନିଭରସିଟି କ୍ୟାମ୍ପସରେ ଜଣେ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ଗୁଜବ ପରେ ରବିବାର ବ୍ୟାପକ ଛାତ୍ର ଅଶାନ୍ତି ଦେଖାଦେଇଛି। ଉତ୍ୟକ୍ତ ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଭଙ୍ଗାରୁଜା କରିବା ସହ ଜଳନ୍ଧର-ଫଗୱାଡ଼ା ଜାତୀୟ ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ରବିବାର ରାତି ପ୍ରାୟ ୧ଟାରେ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ନିକଟରେ ଉତ୍ତେଜନା ଦେଖାଦେଇଥିଲା। ହଷ୍ଟେଲର ଜଣେ ଛାତ୍ରୀଙ୍କୁ ତିନିଦିନ ପୂର୍ବରୁ ଜଣେ ପାଇପ୍ ମିସ୍ତ୍ରୀ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ଓ ଗୁଜବ ପ୍ରଚାରିତ ହୋଇଥିଲା। ଏ ସମ୍ପର୍କରେ ହଷ୍ଟେଲ ୱାର୍ଡ଼ନଙ୍କୁ ଜଣାଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିବା ଛାତ୍ରଛାତ୍ରୀ ଦାବି କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଭିଡିଓରେ ଉତ୍ୟକ୍ତ ଛାତ୍ରଛାତ୍ରୀ ଭଙ୍ଗାରୁଜା କରୁଥିବା ତଥା କେତେକ ସାମଗ୍ରୀରେ ନିଆଁ ଲଗାଇବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ରାଜପଥ ବନ୍ଦ ଯୋଗୁଁ ଯାତାୟାତକୁ ଫଗୱାଡ଼ା-ଜାନ୍ଦିଆଲା ରୋଡ୍ ଦେଇ ପରିବର୍ତ୍ତିତ କରାଯାଇଛି। ଅନ୍ୟପକ୍ଷରେ, ୟୁନିଭରସିଟି କର୍ତ୍ତୃପକ୍ଷ ଦୁଷ୍କର୍ମ ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ମିଥ୍ୟା ଓ ଗୁଜବ କହି ଖଣ୍ଡନ କରିଛନ୍ତି। କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ଅଫିସିଆଲ୍ ସୂଚନା ଉପରେ ନିର୍ଭର କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଜନତାଙ୍କୁ ନିବେଦନ କରାଯାଇଛି।

## ନେପାଳରେ ପୁଣି ହିମସ୍ଖଳନ; ୧୦ ପର୍ବତାରୋହୀ ନିଖୋଜ



କାଠମାଣ୍ଡୁ,୨୭।୯ (ଏଜେନ୍ସି): ନେପାଳର ମନାଙ୍ଗ ଜିଲ୍ଲାସ୍ଥିତ ୭,୧୨୬ ମିଟର ଉଚ୍ଚ ହିମଲୁଙ୍ଗ ହିମାଳ ପର୍ବତର ବେସ କ୍ୟାମ୍ପରେ ରବିବାର ଭୟଙ୍କର ହିମସ୍ଖଳନ ଘଟିଛି। ଏଥିରେ ୧୦ ଜଣ ପର୍ବତାରୋହୀ ଓ ସେମାନଙ୍କ ସହଯୋଗୀ କର୍ମଚାରୀ ନିଖୋଜ ଅଛନ୍ତି। ନିଖୋଜ ୧୦ ଜଣଙ୍କ ମଧ୍ୟରୁ ୨ ଜଣ 'ଇମାଜିନ୍ ନେପାଳ ପ୍ରାଇଭେଟ୍ ଲିମିଟେଡ୍'ର ଏବଂ ୮ ଜଣ 'ହିମାଳୟନ୍ ହୋଲିଡେଜ୍ ନେପାଳ' ସଂସ୍ଥାର ବୋଲି ସେ ସୂଚନା ମିଳିଛି। ଅପରପକ୍ଷରେ, ଅଭିଯାନ ଆୟୋଜକ ମିଙ୍ଗମା ଗ୍ୟାଲଜେ ଶେର୍ପା କହିଛନ୍ତି ଯେ ତାଙ୍କର ଦୁଇଜଣ ରୋଷେଇ କର୍ମଚାରୀ ମଧ୍ୟ ନିଖୋଜ ଅଛନ୍ତି। ନେପାଳ ପର୍ଯ୍ୟଟନ ବିଭାଗ ସ୍ଥିତି ଉପରେ ନଜର ରଖିଛି ଏବଂ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ନେପାଳର ପାର୍ବତ୍ୟ ଅଞ୍ଚଳରେ ପ୍ରବଳ ବରଫପାତ ଓ ବର୍ଷା ଜାରି ରହିଛି। ଫଳରେ ଯାତାୟାତ ଓ ପର୍ବତାରୋହଣ ଅଭିଯାନ ବାଧାପ୍ରାପ୍ତ ହୋଇଛି। ପାଣିପାଗ ଖରାପ ହେବା ସମ୍ପର୍କରେ ଚେତାବନୀ ପାଇ ଅଧିକାଂଶ ଦଳ ପାହାଡ଼ରୁ ଓହ୍ଲାଇ ଆସିଥିଲେ ମଧ୍ୟ କିଛି ଲୋକ ସେଠାରେ ରହିଯାଇଥିଲେ।

## ସିଆଇଏସ୍‌ଏଫ୍‌କୁ ମିଳିଲା ଏନ୍‌ଟିଏର ସୁରକ୍ଷା ଦାୟିତ୍ୱ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ)ର ଗୋପନୀୟ କାର୍ଯ୍ୟକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଣିକି ଏନଟିଏର ସମ୍ବେଦନଶୀଳ ଓ ଗୋପନୀୟ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ୍) ଯବାନ। ନୂଆଦିଲ୍ଲୀର ମିଣ୍ଟୋ ରୋଡ୍‌ସ୍ଥିତ ସରକାରୀ ଭାରତ ପ୍ରେସ୍ ବିଲ୍ଡିଂରେ ଏନଟିଏର ନୂଆ କାର୍ଯ୍ୟାଳୟକୁ ଗୋପନୀୟ କାର୍ଯ୍ୟକଳାପ ସ୍ଥାନାନ୍ତର ପରେ ଏହି ବ୍ୟବସ୍ଥା ହୋଇଛି। ନୂଆ ପରିସରରେ ସୁରକ୍ଷା ପାଇଁ ୩୯ ଜଣ ଯବାନ ମୁତୟନ ହୋଇଛନ୍ତି। ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ ବ୍ୟବସ୍ଥାକୁ ମଧ୍ୟ କଡ଼ା କରାଯାଇଛି। ଗୋପନୀୟ ଅଞ୍ଚଳକୁ ପ୍ରବେଶ କରୁଥିବା କର୍ମଚାରୀଙ୍କ ଫ୍ରିସ୍କିଂ, ବ୍ୟାଗ୍‌ର ଏକ୍ସ-ରେ ସ୍କାନିଂ ଏବଂ ଡୋର୍ ଫ୍ରେମ୍ ମେଟାଲ୍ ଡିଟେକ୍ଟର ମାଧ୍ୟମରେ ଯାଞ୍ଚ କରାଯିବ।

# କେନ୍ଦ୍ରୀୟ ଆଇନ ସହ ବିରୋଧାଭାସ; 'ଗୁଣ୍ଡା' ବିଲ୍ ଫେରାଇଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସରକାରଙ୍କ ଦ୍ୱାରା ଆଗତ ଓ ରାଜ୍ୟ ବିଧାନସଭାରେ ପାରିତ ବହୁଚର୍ଚ୍ଚିତ ବିବାଦୀୟ ଗୁଣ୍ଡା ବିଲ୍‌କୁ ଅନୁମୋଦନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଏହି ବିଲ୍‌କୁ ରାଜ୍ୟ ସରକାରଙ୍କ ପୁନର୍ବିଚାର ପାଇଁ ଫେରାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏହାକୁ ଗୁରୁତର ଝଟକା ବୋଲି କୁହାଯାଉଛି। ବିରୋଧୀ ଦଳଙ୍କ ପ୍ରବଳ ବିରୋଧ ମଧ୍ୟରେ ଏହି ବିଲ ପାସ୍ ହୋଇଥିଲା। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା ଏଥିରୁ ସ୍ପଷ୍ଟ ହୋଇଛି। ତେବେ ଏହି ବିବାଦୀୟ ବିଲ୍‌କୁ ରାଷ୍ଟ୍ରପତି ବିନା ଅନୁମୋଦନରେ ଫେରାଇଲେ କାହିଁକି।

ଗୁଣ୍ଡା ବିଲ୍ (କଣ୍ଟ୍ରୋଲ ଅଫ୍ ଆଣ୍ଟି ସୋସିଆଲ ଆକଟିଭିଟିଜ୍ ବିଲ୍ ୨୦୨୬) ଆରମ୍ଭରୁ ହିଁ ବିବାଦୀୟ ବିଲ୍ ଥିଲା। ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ଏହି ବିଲ୍ ଅଣାଯାଇଥିବା ବିରୋଧୀ ଦଳ ଅଭିଯୋଗ କରିଥିଲେ। ବିଲ୍‌ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ପୋଲିସ ଓ ଜିଲ୍ଲା ପ୍ରଶାସନ ଯେକୌଣସି ଲୋକଙ୍କୁ ଅପରାଧରେ ଲିପ୍ତ ଥିବା ସନ୍ଦେହ କଲେ ସେମାନଙ୍କୁ ବିନା ବିଚାରରେ ୧୨ମାସ ପର୍ଯ୍ୟନ୍ତ ଅଟକ ରଖିପାରିବ। ପୋଲିସ ଓ ଜିଲ୍ଲା ପ୍ରଶାସନ ଯେକୌଣସି ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲା କିମ୍ବା ଅଞ୍ଚଳକୁ ବର୍ଷେ ପର୍ଯ୍ୟନ୍ତ ନପଶିବାକୁ ଆଦେଶ ଦେଇ ପାରିବେ। ଏହି ଆଇନ ଅଧୀନରେ ସମସ୍ତ ଅପରାଧ ଏପରିକି ସାମାନ୍ୟ ଅପରାଧ ବି ଧର୍ତ୍ତବ୍ୟ ଓ ଜାମିନ ବିହୀନ ବିବେଚିତ ହେବ। ଆନ୍ଦୋଳନ ସମୟରେ କୌଣସି ସରକାରୀ ଅଥବା ବେସରକାରୀ ଧନ ସମ୍ପତ୍ତିର କ୍ଷୟକ୍ଷତି ହୋଇଥିଲେ ସରକାର, ଆନ୍ଦୋଳନକାରୀ ଏବଂ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କର ସମ୍ପତ୍ତି ବାଜ୍ୟାପ୍ତି କରି ତାହାକୁ ନିଲାମ କରିଦେଇପାରିବେ।

ତେବେ କେନ୍ଦ୍ର ସରକାର ଏହାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। କହିଥିଲେ ଯେ ଏହାର ଗୋଟିଏ ଧାରା ନାରକୋଟିକ୍ ଡ୍ରଗ୍ସ ଆଇନ, ୧୯୮୫ର ବିରୋଧାଚରଣ କରିପାରେ। ଦୁଇ ଦୁଇଟି ଆଇନରେ ଏକ ସମୟରେ ଏକ ପ୍ରକାର କ୍ଷମତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିକାରୀଙ୍କୁ ମିଳିବାର ସମ୍ଭାବନା ରହୁଥିବାରୁ ଆଇନଟିକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିପାରେ।

# ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଜିଲ୍ଲା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



ଜୟପୁର/କୋଟପାଡ଼,୨୭।୯(ସମିସ): କୋରାପୁଟ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝି ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସପ୍ତାହ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ କୋଟପାଡ ବ୍ଲକରେ ପାଣିରେ ଘେରରେ ରହିଥିବା ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ବୋଟ ମାଧ୍ୟମରେ ପରିଦର୍ଶନ କରିଥିଲେ। ଜୟପୁର ବିମାନବନ୍ଦର ସମ୍ମିଳନୀ କକ୍ଷ ଠାରେ ଉପସ୍ଥିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ସାଂସଦ , ବିଧାୟକ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ କରିଥିଲେ। ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକର ସ୍ଥିତି, ରାସ୍ତାଘାଟ, ବିଦ୍ୟୁତ, ଘରଦ୍ୱାର ଏବଂ ଚାଷଜମିର ଫସଲ କ୍ଷୟକ୍ଷତି ନେଇ ଅଧିକାରୀଙ୍କ ଠାରୁ ତଥ୍ୟ ନେଇଥିଲେ ମୁଖ୍ୟମନ୍ତ୍ରୀ। କୋରାପୁଟ, ନବରଙ୍ଗପୁର ସମେତ ଅବିଭକ୍ତ କୋରାପୁଟ ଜିଲାର ବନ୍ୟା ପ୍ଲାବିତ ଅଞ୍ଚଳର ସମସ୍ୟାର ସମାଧାନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସମୀକ୍ଷା ବୈଠକରେ ଆଲୋଚନ କରିବା ସହିତ କ୍ଷତିପୂରଣ ଓ ସହାୟତା ପ୍ରଦାନ କରାଯାଇଥିବା ନେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି। ଜୟପୁର ବିମାନ ବନ୍ଦରରୁ ସଡ଼କ ପଥରେ ବନ୍ୟାକ୍ଷତିଗ୍ରସ୍ତ କୋଟପାଡ ବ୍ଲକକୁ ଯାଇଥିଲେ। କୋଟପାଡ ବ୍ଲକରେ ପହଞ୍ଚିବା ପରେ ଓଡ୍ରାଫର ବୋଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ , ରାଜସ୍ୱ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ବିଧାୟକ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ ଅଧିକାରୀ ମାନେ ପ୍ରଥମେ ବ୍ଲକର ଚାନ୍ଦିଲି ଗ୍ରାମପଞ୍ଚାୟତର ଡୁରୁଞ୍ଜି ଏବଂ ପିରିଞ୍ଜି ଗ୍ରାମ ଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଚାନ୍ଦିଲି ଗ୍ରାମ ରିଲିଫ୍ ଆଶ୍ରୟସ୍ଥଳୀରେ ପହଞ୍ଚି ବନ୍ୟା ପ୍ରଭାବିତ ସୁର୍ଲି, ପିରିଞ୍ଜି ଏବଂ ଆଖପାଖ ଜଳମଗ୍ନ ଗ୍ରାମର ବାସିନ୍ଦା ମାନଙ୍କ ସମସ୍ୟା ପଚାରି ବୁଝିଥିଲେ। କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଉଭୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଜିଲ୍ଲାର ବନ୍ୟା ଓ ବର୍ଷା ପ୍ରଭାବିତ ସମସ୍ତ ଅଞ୍ଚଳର ସମସ୍ୟାର ସମାଧାନ ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଆକାଶପଥରେ ନବରଙ୍ଗପୁର ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଭୁବନେଶ୍ୱର ଫେରିଯାଇଛନ୍ତି।

- କୋରାପୁଟରେ ବୋଟ୍‌ରେ ବନ୍ୟାଞ୍ଚଳ ବୁଲିଲେ
- ନବରଙ୍ଗପୁରରେ ଆକାଶ ମାର୍ଗରୁ ଦେଖିଲେ
- ସପ୍ତାହ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟାହ୍ନରେ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ଜୟପୁର ବିମାନବନ୍ଦରରେ ପହଞ୍ଚିବା ସମୟରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ଜିଲ୍ଲାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କୋଟପାଡ଼ ରୂପୁ ଭତ୍ରା, ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଜିଲ୍ଲାପାଳ ମୋନଜ ସତ୍ୟୱାନ ମହାଜନ, ଏସପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପଳ ଶୁଭ୍ରା ପଣ୍ଡା, ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଏବଂ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ବିମାନ ବନ୍ଦରର ସମ୍ମିଳନୀ କକ୍ଷ ଠାରେ ବନ୍ୟା ସ୍ଥିତିକୁ ନେଇ ଲୋକ ପ୍ରତିନିଧି ଏବଂ ଅଧିକାରୀ ମାନଙ୍କୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

## ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ପ୍ରସଙ୍ଗରେ ଘେରିଲା ବିଜେଡି

# ପଶ୍ଚିମ ଓଡ଼ିଶାବାସୀଙ୍କୁ ଭଣ୍ଡାଇଛି ବିଜେପି

ଭୁବନେଶ୍ୱର,୨୭।୯(ସମିସ): ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନାଁରେ ବିଜେପି ସରକାର ଓ ବିଜେପି ନେତାମାନେ ଦୀର୍ଘ ଦିନ ଧରି ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାବାସୀଙ୍କୁ ଭ୍ରମିତ କରିଆସୁଛନ୍ତି। ବିଜେପିର ଏହି ମିଛ ପ୍ରତିଶ୍ରୁତି ଓ ନାଟକ ବନ୍ଦ ହେଉ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଙ୍ଗ ରୋହିତ ପୂଜାରୀ। ସେ କହିଛନ୍ତି ଯେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ନିଜ ଇସ୍ତାହାରରେ ସମ୍ବଲପୁରରେ ଓଡ଼ିଶାର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ଜୁନ୍ ୨୦୨୪ରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କେନ୍ଦ୍ର ନିକଟରେ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଦାବି ରଖିଥିଲେ । ପରେ ୨୦୨୪ ସେପ୍ଟେମ୍ବର ୮ ତାରିଖରେ ନୂଆଖାଇ ଅବସରରେ ସମ୍ବଲପୁର ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦ୍ୱିତୀୟ ଏମ୍ସ ସମ୍ବଲପୁରରେ ହେବ ବୋଲି ଘୋଷଣା କରିଥିଲେ। ସେପ୍ଟେମ୍ବର ୨୦୨୪ରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚାଲିଥିବା କହିଥିଲେ। ଏପରିକି ଏମ୍ସ ପାଇଁ ଜମି ଖୋଜାଯାଉଥିବା ନେଇ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ତଥ୍ୟ ସମସ୍ତ ଘୋଷଣାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି ୨୦୨୪ ଅକ୍ଟୋବରରେ କେନ୍ଦ୍ର ପକ୍ଷରୁ ଏମ୍ସ ପ୍ରତିଷ୍ଠା ନେଇ ସକରାତ୍ମକ ଅନୁମୋଦନ ମିଳିନଥିଲା,



କଥା କହିଥିଲେ । ବିଜେପି ନେତାମାନେ ସମ୍ବଲପୁରକୁ ଆସି ମିଛ ପ୍ରତିଶ୍ରୁତିରେ ପୁରୁଣା କ୍ୟାସେଟ୍ ବଜାଇବା ବନ୍ଦ କରନ୍ତୁ । ଯଦି ଏମ୍ସ ହେବ, ତେବେ କେନ୍ଦ୍ର ସରକାରଙ୍କ ଅନୁମୋଦନ କେଉଁଠି? ମଞ୍ଜୁରୀ କେଉଁଠି? ବଜେଟ୍ କେଉଁଠି?

- ଏମ୍ସ ପ୍ରତିଷ୍ଠା ନାଁରେ ବିଜେପିର ମିଛ ପ୍ରତିଶ୍ରୁତି ଓ ନାଟକ ବନ୍ଦ ହେଉ
- ସଂସଦରେ ଦାବି କରିଥିଲେ ସାଂସଦ ମାନସ, ମନା କରିଦେଲା କେନ୍ଦ୍ର

ତେବେ ତା'ପରେ ବିଜେପିର ନେତାମାନେ ସମ୍ବଲପୁରବାସୀଙ୍କୁ କାହିଁକି ବାରମ୍ବାର ଏମ୍ସ ହେବ ବୋଲି କହି ଆସୁଛନ୍ତି? ୨୦୨୪ରେ ଭୋଟ ପାଇଁ ଏମ୍ସର ପ୍ରତିଶ୍ରୁତି, ନୂଆଖାଇରେ ଘୋଷଣା, ପରେ ଜମି ଖୋଜା, ୨୦୨୬ରେ ପୁଣି ନୂଆ କଥା । ଏହା କ'ଣ ପଶ୍ଚିମ ଓଡ଼ିଶାବାସୀଙ୍କ ସହିତ ରାଜନୈତିକ ଛଳନା ନୁହେଁ? ବିଜେପିର ଜାତୀୟ ପ୍ରବକ୍ତା ଅଜୟ ଆଲୋକ ୧୧ ଫେବୃଆରୀ ୨୦୨୬ରେ ସମ୍ବଲପୁର ଆସି ଏମ୍ସ ପାଇଁ ରାଜ୍ୟ ସରକାର ଜମି ଯୋଗାଇବାକୁ ଯାଉଥିବା ଏବଂ ପ୍ରକଳ୍ପ ଆଗକୁ ବଢୁଥିବା ଡିପିଆର କେଉଁଠି? ଜମି ଚିହ୍ନଟ ହେଲେ ତା'ର ପରବର୍ତ୍ତୀ ପଦକ୍ଷେପ କ'ଣ ସ୍ପଷ୍ଟ କରନ୍ତୁ। ବିଜେପି ମିଛ କହିବା ଓ ଲୋକଙ୍କୁ ଭ୍ରମିତ କରିବାର ରାଜନୀତିରେ ପାରଙ୍ଗମ, କିନ୍ତୁ ସମ୍ବଲପୁରବାସୀ ଏ ମିଛକୁ ଏତେ ସହଜରେ ଭୁଲିଯିବେ ନାହିଁ । ଏମ୍ସ କୌଣସି ନିର୍ବାଚନୀ ଲଲିପପ୍ ନୁହେଁ। ଏହା ପଶ୍ଚିମ ଓଡ଼ିଶାର କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଅଧିକାରର ପ୍ରଶ୍ନ। ଖାଲି ଏମ୍ସ ନୁହେଁ, ସେମାନେ ନିଜର ନିର୍ବାଚନୀ ପ୍ରତିଶ୍ରୁତିରେ ହାଇକୋର୍ଟ ବେଞ୍ଚ, ଡବ୍ଲୁଓଡିସି ମୁଖ୍ୟାଳୟ ସ୍ଥାନାନ୍ତରଣ, ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ଭଳି ଅନେକ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଜଡ଼ିତ ରହିଥିବା ଦାବି ଗୁଡ଼ିକର ପ୍ରତିଶ୍ରୁତି ଦେଇଥିଲେ। ଜନସାଧାରଣ ସବୁ ମନେ ରଖିଛନ୍ତି ଏବଂ ଏହି ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବିଜେପି ଦଳକୁ ଠିକ୍ ସମୟରେ ଜବାବ ଦେବେ। ଯେ ପର୍ଯ୍ୟନ୍ତ ସମ୍ବଲପୁରରେ ସରକାର ଏମ୍ସ ନ କରିବେ ସେ ପର୍ଯ୍ୟନ୍ତ ଏହି ଲଢେଇ ଜନସାଧାରଣଙ୍କ ସହ ମିଶି ଜାରି ରହିବ ଏବଂ ଆଗକୁ ଆହୁରି ତୀବ୍ରତର ହେବ ବୋଲି ଙ୍ଗ ପୂଜାରୀ ଚେତାବନୀ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ମାସରେ ବିଜେଡି ସାଂସଦ ମାନସ ମଙ୍ଗରାଜ ଏ ସଂକ୍ରାନ୍ତରେ ରାଜ୍ୟସଭାରେ ପ୍ରଶ୍ନ ଉଠାଇଥିଲେ। ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦ୍ୱିତୀୟ ଏମ୍ସ ସ୍ଥାପନ ଅପରିହାର୍ଯ୍ୟ ବୋଲି ଉଲ୍ଲେଖ କରି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ମାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ପ୍ରତାପ ରାଓ ଯାଧବ ସମ୍ବଲପୁରରେ ଏମ୍ସ ସ୍ଥାପନ ପାଇଁ କୌଣସି ଯୋଜନା ନଥିବା ରୋକ୍‌ଠୋକ୍ ମନା କରିଦେଲେ। ଯାହାକୁ ନେଇ ଶ୍ରୀ ମଙ୍ଗରାଜ କ୍ଷୋଭ ପ୍ରକାଶ କରି ଓଡ଼ିଶାବାସୀ ଓ ପଶ୍ଚିମ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ଗ୍ରହଣୀୟ ନୁହେଁ ବୋଲି କହିଥିଲେ।

# ଘରୁ ଡ଼ାକିନେଇ ହତ୍ୟା କରି ପୋଡ଼ିଦେଲେ

ମୋହନା,୨୭।୯(ସମିସ): ରାତିଧରେ ଘରୁ ଡ଼ାକିନେଇ ହତ୍ୟା କରି ପୋଡ଼ିଦେଲେ। ଏଥିସହିତ ସ୍ତ୍ରୀକୁ ମାଡ଼ ମାରିଲେ ଗାଁ ଲୋକ। ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ମେରମା ଗ୍ରାମରେ ଏହି ଘଟଣା ଘଟିଛି। ରାମଚନ୍ଦ୍ର ମଲିକ ନିଜ ଗାଁ ମେରମା ଛାଡି ଦଶବର୍ଷ ହେଲା ଗାଁ ନିକଟ ପାହାଡ଼ ଉପରେ ଏକ କୁଡ଼ିଆ କରି ରହୁଥିଲେ। ତାଙ୍କ ସହିତ ତାଙ୍କ ପରିବାର ରହୁଥିଲେ। ମେରମା ଗ୍ରାମରେ କିଛି ଲୋକଙ୍କ ମୃତ୍ୟୁ ହେବାପରେ ଗାଁ ଲୋକେ ରାମଚନ୍ଦ୍ରଙ୍କୁ ଗୁଣିଆ କରିଥିବା ସନ୍ଦେହ କରି ହଠାତ ଗତକାଲି ରାତି ଦୁଇଟାରେ ରାମଚନ୍ଦ୍ରଙ୍କୁ ମିଟିଙ୍ଗ କରିବାକୁ ଘରୁ ଡାକି ନେଇଥିଲେ। ଗାଁ ଭିତରକୁ ଡାକି ଆଣି ତାଙ୍କୁ ମାରପିଟ କରିବାରୁ ସ୍ତ୍ରୀ ଲୀଳାବତୀ ମଲିକ ବାରଣ କରିବାରୁ ସ୍ତ୍ରୀକୁ ବି ମାଡ଼ ମାରିଥିଲେ। ଶେଷରେ ରାମଚନ୍ଦ୍ରଙ୍କୁ ଗାଁ ଲୋକେ ମାଡ଼ ମାରିବା ସହିତ ପୋଡି ଦେଇଥିଲେ। ପୁଲିସ ଘଟଣା ସମ୍ପର୍କରେ ଖବର ପାଇ ମେରମା ଗାଁରେ ପହଞ୍ଚି କିଛି ଲୋକଙ୍କୁ ଥାନାକୁ ଆଣିବା ସହ ଅଧିକା ତଦନ୍ତ ଜାରି ରଖିଛି।

# ଆରମ୍ଭ ହେଲା ପିତୃପକ୍ଷ

ପୁରୀ,୨୭।୯(ସମିସ): ରବିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ପର୍ଯ୍ୟନ୍ତ ଚାଲିବ। ପିତୃପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ତିଳତର୍ପଣ ଏବଂ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷର ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ସେମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଧାର୍ମିକ ଗ୍ରନ୍ଥ ଅନୁସାରେ ପାରିବାରିକ କଲ୍ୟାଣ ଏବଂ ପିତୃପୁରୁଷଙ୍କ ଆତ୍ମା ଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ କର୍ମ କରିବା ଉଚିତ୍। ବିଧିପୂର୍ବକ ଶ୍ରାଦ୍ଧ କଲେ ପିତୃପୁରୁଷ ଆଶୀର୍ବାଦ କରିଥା'ନ୍ତି। ବିଶ୍ୱାସ ରହିଛି ଏହି ପକ୍ଷରେ ପିତୃଗଣ କୌଣସି ନା କୌଣସି ରୂପରେ ଆମ୍ଭମାନଙ୍କ ପାଖକୁ ଆସନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ ଅନ୍ଧାରରେ ଆସ ଆଲୁଅରେ ଯାଅ ବୋଲି କୁହାଯାଇ ବିଦାୟ ଦିଆଯାଏ।



ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହାକୁ ଅପରପକ୍ଷ ମଧ୍ୟ କୁହାଯାଏ। ଏହି ୧୫ ଦିନ ପର୍ଯ୍ୟନ୍ତ ପିତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରୟାସ କରାଯାଇଥାଏ। ବିଶ୍ୱାସ ରହିଛି ଏହି ସମୟରେ ସମସ୍ତ ପିତୃପୁରୁଷ ଶ୍ରାଦ୍ଧ, ପିଣ୍ଡଦାନକୁ ଅପେକ୍ଷା କରିଥା'ନ୍ତି। ଏଣୁ ଶ୍ରଦ୍ଧାର ସହ ଏହି ସମୟରେ ରୀତିନୀତି ଅନୁସାରେ କରାଯାଇଥାଏ ଶ୍ରାଦ୍ଧ। ପିତୃପୁରୁଷମାନେ ସେମାନଙ୍କ ବଂଶଧରମାନଙ୍କ ଦ୍ୱାରା କରାଯାଇଥିବା ତର୍ପଣ, ଶ୍ରାଦ୍ଧ ଏବଂ ପିଣ୍ଡଦାନ ଇତ୍ୟାଦିରେ ସନ୍ତୁଷ୍ଟ ହୋଇ ବଂଶବୃଦ୍ଧି, ସୁଖ ଏବଂ ସମୃଦ୍ଧତା ପାଇଁ ଆଶୀର୍ବାଦ କରିଥା'ନ୍ତି। ଏହି ଅପରପକ୍ଷ ବା ପିତୃପକ୍ଷ ସମୟରେ ଅନେକ ନିୟମ ନିଷ୍ଠା ରହିଛି। ପିତୃପକ୍ଷରେ ଖିଅର ହେବା ସମ୍ପୂର୍ଣ୍ଣ ନିଷିଦ୍ଧ ରହିଥିବାବେଳେ ଏହି ସମୟରେ ନଖ ମଧ୍ୟ କଟାଯିବା ବାରଣ ରହିଛି। ଏପରିକି ଅପର ପାଗରେ ଅର୍ଥାତ୍ ବାହାରେ ଭୋଜନ କରିବା ସମ୍ପୂର୍ଣ୍ଣ ନିଷିଦ୍ଧ ଅଟେ। ସେହିପରି ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସମୟରେ ସମ୍ପୂର୍ଣ୍ଣ ଶୁଦ୍ଧପୂତ ଭାବେ ରହିବାର ବିଧି ମଧ୍ୟ ରହିଛି।

**ଭାଙ୍ଗିଲେ ଆଉ ଏକ ପ୍ରତିଶ୍ରୁତି**

# ଏ ବର୍ଷ ବି ହେବନି ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୨୭।୯ (ସମିସ): ସରକାରକୁ ଆସିଲେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି । ମାତ୍ର ପ୍ରଥମ ଦୁଇବର୍ଷ ପରେ ତୃତୀୟ ବର୍ଷ ଅର୍ଥାତ୍ ଚଳିତ ବର୍ଷ ବି ଛାତ୍ରସଂସଦ ନିର୍ବାଚନ ହେବ ନାହିଁ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ସମୟ ଅତିକ୍ରମ କରିଯାଇ ଥିବାରୁ ଏ ବର୍ଷ ଛାତ୍ରସଂସଦ ନିର୍ବାଚନ ନ ହେବା ଅପାତତଃ ନିଶ୍ଚିତ ବୋଲି କୁହାଯାଉଛି ।

ସାଧାରଣତଃ ଦୁର୍ଗାପୂଜା ଛୁଟି ପୂର୍ବରୁ କ୍ୟାମ୍ପସ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଅକ୍ଟୋବର ୧୭ ତାରିଖ ଠାରୁ ପୂଜା ଛୁଟି ଆରମ୍ଭ ହେବ ଏଥିପାଇଁ ଆଉ ମାତ୍ର ୧୯ ଦିନ ବାକି ରହିଛି। ମାତ୍ର ଏଯାଏ ଛାତ୍ରସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ସାଧାରଣତଃ ବିଜ୍ଞପ୍ତି ପ୍ରକାଶର ୨ ଦିନ ପରେ ମତଦାତାଙ୍କ ସୂଚୀ ପ୍ରକାଶିତ ହୁଏ ଓ ଏ ସଂକ୍ରାନ୍ତରେ ଆପତ୍ତି ଅଭିଯୋଗ ପାଇଁ ୩ ଦିନ ସମୟ ଦିଆଯାଇଥାଏ। ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ପରେ ନାମାଙ୍କନ ପାଇଁ ୩ଦିନ ସମୟ ମିଳେ। ଏହାପରେ ପ୍ରାର୍ଥୀପତ୍ର ଯାଞ୍ଚ, ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ। ନାମାଙ୍କନ ପ୍ରତ୍ୟାହାର କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଏହାର ପରବର୍ତ୍ତୀ କାର୍ଯ୍ୟଦିବସରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥାଏ। ପ୍ରଚାର କରିବା ପାଇଁ ପ୍ରାୟ ସପ୍ତାହେ ସମୟ ଦେବାର ନିୟମ ଥିବାରୁ ସମସ୍ତ ପ୍ରକ୍ରିୟା ପାଇଁ ଅତି କମ୍‌ରେ ୨୦ ରୁ ୨୨ ଦିନ ସମୟ ଆବଶ୍ୟକ। ମାତ୍ର ଏହି ପ୍ରକ୍ରିୟା ନିମନ୍ତେ ଆଉ ସମୟ ନ ନଥିବାରୁ ଚଳିତ ବର୍ଷ ବି ଛାତ୍ରସଂସଦ ନିର୍ବାଚନ ହେବ ନାହିଁ ବୋଲି ସୂଚନା ମିଳିଛି ।

ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଗଠନ ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ୍ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ମଧ୍ୟ ଛାତ୍ରସଂସଦ ନିର୍ବାଚନ କରାଯିବାକୁ ଘୋଷଣା କରିଥିଲେ। ମାତ୍ର ଏବେ ଏହି ପ୍ରସଙ୍ଗରେ କେହି ମୁହଁ ଖୋଲୁ ନାହାନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଛାତ୍ର ସଂସଦ ନିର୍ବାଚନ ପାଇଁ ସରକାର ସକରାତ୍ମକ ଅଛନ୍ତି' କହି କଥାକୁ ଏଡ଼ାଇ ଯାଉଛନ୍ତି। ଏହି 'ସକରାତ୍ମକ' ଶବ୍ଦର ଅର୍ଥ କ'ଣ ତାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କର ପ୍ରସଙ୍ଗ ହୋଇଛି। ଯଦି ସରକାର ସକରାତ୍ମକ ଅଛନ୍ତି, ତାହେଲେ ବାରମ୍ବାର କାହିଁକି ନିର୍ବାଚନ କରିବାକୁ ବିଫଳ ହେଉଛନ୍ତି? ନିର୍ବାଚନ ପାଇଁ କେଉଁ କାରଣ ସରକାରଙ୍କ ରାସ୍ତାରେ କଣ୍ଟା ସାଜିଛି?

ଅପରପକ୍ଷରେ ସରକାରଙ୍କ ଏହି ମନୋଭାବକୁ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଗଠନଗୁଡ଼ିକ ବିରୋଧ କରିଛନ୍ତି। ଶାସକ ବିଜେପିର ଛାତ୍ର ସଂଗଠନ ଏବିଭିପି ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ବାରମ୍ବାର ନିଶାଣ କରିଛି। ଅଧକ୍ଷ ଓ କୁଳପତିଙ୍କ ଜରିଆରେ ନିର୍ବାଚନ ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଏସ୍‌ଜେଡି ଓ ଛାତ୍ର କଂଗ୍ରେସ ମଧ୍ୟ ଏକାଧିକ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଥିଲେ। ଏଆଇଏସ୍‌ଏଫ୍ ପକ୍ଷରୁ ଗତ ୨୫ ତାରିଖରେ ବିଧାନସଭା ଘେରାଉ କରାଯାଇଥିବାବେଳେ ଡିଏସ୍‌ଓ ପକ୍ଷରୁ ମଧ୍ୟ ଆନ୍ଦୋଳନ ଡ଼ାକରା ଦିଆଯାଇଛି। ମାତ୍ର ସରକାର ନିର୍ବାଚନ ସମ୍ପର୍କରେ ସରକାର, ଉଚ୍ଚଶିକ୍ଷା ବିଭାଗ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଜେନ-ଜିଙ୍କ ରୋଷ ଓ ସମ୍ଭାବ୍ୟ ପରାଜୟ ଭୟରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଭୟ କରୁଛି ବୋଲି ବିଭିନ୍ନ ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି ।

## ଓଲଟ ପାଲଟ



ଧୂମକେତୁ ପରି କକ୍ରୋଚ ଜନତା
ପାର୍ଟି ଟି ଆସିଲା ମାଡ଼ି,
ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ
ଦିଲ୍ଲୀରେ ଛାଡ଼ିଲେ ରଡ଼ି ।
ବେଳୁ ବେଳ ସ୍ଥିତି ଅସମ୍ଭାଳ ହେଲା
ମନ୍ତ୍ରୀ ଗଲେ ପଦ ଛାଡ଼ି,
ଓଡ଼ିଶାରେ ଏବେ ରେଷ୍ଟି
ଶିକ୍ଷା ମନ୍ତ୍ରୀଙ୍କର ଛାତି ଧଡ଼ ପଡ଼
କେବେ ଦେବେ ତାଙ୍କୁ ତଡ଼ି ॥

*-ଯାଯାବର*

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଭିଜିଲାନ୍ସ କବଜାରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ମାଲକାନଗିରି/ବ୍ରହ୍ମପୁର, ୨୭।୯ (ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିଶିର ଦାଶଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ତାଙ୍କ ବିରୋଧରେ ଦୀର୍ଘଦିନ ଧରି ଆୟ ତୁଳନାରେ ଅଧିକ ସମ୍ପତ୍ତି ସଂଗ୍ରହ କରିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଆଧାର କରି ରବିବାର ସକାଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏକକାଳୀନ ଭାବେ ୬ଟି ସ୍ଥାନରେ ଚଢ଼ଉ କରାଯାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ମାଲକାନଗିରି ଡିଆରଡିଏ ସ୍ଥିତ ତାଙ୍କ କାର୍ଯ୍ୟାଳୟ, ଉଡ଼ାରେ ରହୁଥିବା ଘର, ଭୁବନେଶ୍ୱର ବରମୁଣ୍ଡାସ୍ଥିତ ୪ ମହଲା କୋଠା, ବ୍ରହ୍ମପୁର ନୀଳାଚଳ ନଗରସ୍ଥିତ ୨ ମହଲା କୋଠା, ଗଞ୍ଜାମ ଜିଲ୍ଲା ବାସୁଦେବପୁର (ଗୋବରା) ସ୍ଥିତ ଘର, ଏବଂ ବ୍ରହ୍ମପୁର ଗଜପତି ନଗର ସ୍ଥିତ ତାଙ୍କ ପୈତୃକ ଘରେ ତଲାସୀ କରାଯାଇଛି। ଏହି ଅଭିଯାନରେ ଜଣେ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ଜଣେ ଇନ୍ସପେକ୍ଟରଙ୍କ ସମେତ ଅନେକ ଭିଜିଲାନ୍ସ କର୍ମଚାରୀ ଅଂଶଗ୍ରହଣ କରିଛନ୍ତି। ତଲାସି ସମୟରେ ବହୁମୂଲ୍ୟର ୬ଟି ଜମି, ଦୁଇଟି ବହୁତଳ କୋଠା, ବ୍ୟାଙ୍କ ଜମା ରାଶି ଓ ଅନ୍ୟାନ୍ୟ ସ୍ଥାବର-ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦଲିଲପତ୍ର ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରେ ତାଙ୍କ ନାମରେ ଏକାଧିକ ମୂଲ୍ୟବାନ ଜମି ଓ ଘର ଥିବା ସୂଚନା ମିଳିଛି। ଚଢ଼ଉ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ମୋଟ କେତେ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି, ସେନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ପଷ୍ଟ ତଥ୍ୟ ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି।






# ଏମ୍‌ଏମ୍‌ଡିଆର ଆଇନ ବିରୋଧରେ ଇଣ୍ଡିଆ ମେଣ୍ଟର ରଣହୁଙ୍କାର







ଅନୁଗୋଳ, ୨୭ ।୯ (ସମିସ)

ଇଣ୍ଡିଆ ମେଣ୍ଟର ଆହ୍ୱାନରେ ଅନୁଗୋଳଠାରେ ଆଞ୍ଚଳିକ ପ୍ରତିବାଦ ସଭାରେ ରାଜ୍ୟସ୍ତରୀୟ ମେଣ୍ଟ ସଦସ୍ୟ ପ୍ରମୁଖ ନେତୃମଣ୍ଡଳୀ ସମେତ ପିସିସି ସଭାପତି ଭକ୍ତଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏମଏମଡିଆର ସଂଶୋଧିତ ଅଧିନିୟମ ରଦ୍ଦ ଏବଂ ୟୁପିଆଇ ଶୁଳ୍କ ପ୍ରତ୍ୟାହାର ଦାବି ସହ ରାଜ୍ୟରେ ତ୍ରୁଟିଯୁକ୍ତ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି । ପିସିସି ସଭାପତି ଦାସ ଉଦବୋଧନ ଦେଇ କହିଲେ ଯେ କେନ୍ଦ୍ର ସରକାର ଏମଏମଡିଆର ସଂଶୋଧିତ ଅଧିନିୟମ ଆଣିବା ଦୁର୍ଭାଗ୍ୟଜନକ । ରତ୍ନଗର୍ଭା ଓଡ଼ିଶା ରାଜ୍ୟର ଖଣିଜ ପଦାର୍ଥ ଉପରୁ ସେସ୍ ଓ ରାଜସ୍ୱ ହରାଇବେ ରାଜ୍ୟବାସୀ । ସମୂହ ଖଣିଖାଦାନ ଯୋଗୁଁ ଆଦିବାସୀ, କୃଷକ, ସ୍ଥାନୀୟ ଲୋକେ ଭିଟାମାଟି ତଥା ଜୀବିକା ହରାଇବେ । ପ୍ରଦୂଷଣରେ ସନ୍ତୁଳିତ ହେବେ, ପେଟ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବେ । ମାତ୍ରାଧିକ ଦୁର୍ଘଟଣାରେ ଜୀବନ ଯିବ । ମାତ୍ର ସେମାନଙ୍କ ସୁରକ୍ଷାକୁ ଅଣଦେଖା କରି ଏ ଅଞ୍ଚଳର ଖଣିଜକୁ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ସେଥିରୁ ଅସୁଲ ରାଜସ୍ୱକୁ କେନ୍ଦ୍ର ସରକାର ନେଇଯିବେ । ପୂର୍ବରୁ ଖଣିଜରୁ ମିଳୁଥିବା ରାଜସ୍ୱ ରାଜ୍ୟ ସରକାରଙ୍କ ଅଧୀନରେ ରହୁଥିଲା । ଜିଲ୍ଲା ଖଣିଜ ପାଣ୍ଠି ସୃଷ୍ଟିକରି ଅଞ୍ଚଳର ବିକାଶରେ ବିନିଯୋଗ ହେଉଥିଲା । ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଅଧିନିୟମକୁ ଇଣ୍ଡିଆ ମେଣ୍ଟ ଘୋର ବିରୋଧ କରୁଛି । କେନ୍ଦ୍ର ସରକାର ଏହି ନିୟମକୁ ପ୍ରତ୍ୟାହାର ନ କରିବା ଯାଏ ମେଣ୍ଟ ସାମ୍ମୁଖ୍ୟ ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଥିଲେ ।

ସେହିପରି ଡିଜିଟାଲ ଟ୍ରାଞ୍ଜକସନ ୟୁପିଆଇର ବ୍ୟବହାର ଉପରେ ଶୁଳ୍କ ଯୋଡ଼ିବା ଦ୍ୱାରା ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥା ପ୍ରଭାବିତ ହେବ । ରାଜ୍ୟ ଗଣଶିକ୍ଷା ବିଭାଗର ଅପାରଗତା ଯୋଗୁଁ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି । ଏ ପରିପ୍ରେକ୍ଷୀରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି । ରାଜ୍ୟର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବେ ଜଳାଞ୍ଜଳି ଦେଇ କେନ୍ଦ୍ର ସରକାର ଏମଏମଡିଆର ସଂଶୋଧନ ଅଧିନିୟମକୁ ତରବରିଆ ଭାବେ ପାରିତ କରାଇ ଆମକୁ ପୁଣି ଦୁର୍ବଳ କରିବା ପାଇଁ ଭିତିରିଆ ମନ୍ତ୍ରଣା କରିଛନ୍ତି । ଫଳରେ ରାଜ୍ୟ ମାସକୁ ୧୨ରୁ ୨୦ ହଜାର କୋଟି ଟଙ୍କା ରାଜସ୍ୱ ହରାଇବ ଓ ଆଦାୟ କରିବାକୁ ଥିବା ୧, ୧୦, ୦୦୦ କୋଟି ଟଙ୍କା ଆଉ ଆଦାୟ କରିପାରିବ ନାହିଁ । ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରି ସେ କହିଲେ ଯେ ରାଜ୍ୟର ପ୍ରାୟ ୪୫ ହଜାର ମହିଳା ଅପହୃତା ହୋଇ ନିଖୋଜ ଥିବା ବେଳେ ୪ ହଜାରରୁ ଊର୍ଦ୍ଧ୍ୱ କୋମଳମତି ନାବାଳିକା ଓ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି ।

ଇଣ୍ଡିଆ ମେଣ୍ଟର ଏହି ଆଞ୍ଚଳିକ ସମାବେଶରେ କଂଗ୍ରେସ ସମେତ ସହଯୋଗୀ ଦଳ ସିପିଆଇ, ସିପିଆଇ (ଏମ), ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଏନସିପି-ଏସପି, ଆରଜେଡିର ରାଜ୍ୟସ୍ତରୀୟ ଶୀର୍ଷ ନେତୃମଣ୍ଡଳୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ନିନ୍ଦା କରିବା ସହ ସରକାର ଏଥିରୁ ନିବୃତ ରହିବାକୁ ଦାବି କରିଥିଲେ । ଅନ୍ୟଥା ଏ ଆନ୍ଦୋଳନ ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହେବ ବୋଲି ଚେତାବନୀ ଦେଇଥିଲେ । କାର୍ଯ୍ୟକ୍ରମରେ ଅନୁଗୋଳ ସମେତ ପଡ଼ୋଶୀ ଢେଙ୍କାନାଳ, ବୌଦ୍ଧ, ସମ୍ବଲପୁର ଆଦି ୫ ଜିଲ୍ଲାର କଂଗ୍ରେସ ଜିଲ୍ଲା କମିଟି କର୍ମକର୍ତ୍ତା, ପୂର୍ବତନ ମନ୍ତ୍ରୀ, ବିଧାୟକ, ପୂର୍ବ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ ବୃନ୍ଦ, ଅନୁଗୋଳ ଜିଲ୍ଲାରୁ ମନୋନୀତ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ, ବିଭିନ୍ନ ସେଲର ସାଂଗଠନିକ କାର୍ଯ୍ୟକର୍ତ୍ତା ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ସହସ୍ରାଧିକ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ହାତରେ ବିଭିନ୍ନ ଦଳର ଫ୍ଲାଗ ଧରି ମହିଳା, ପୁରୁଷମାନେ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସମ୍ବନ୍ଧୀୟ

## ଅନୁଗୋଳରେ ବିଶାଳ ଗଣ ସମାବେଶ

ସ୍ଲୋଗାନ ଦେଇଥିଲେ । ଡିସିସି ସଭାପତି ସୁନୀଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ମହାତ୍ମା ଗାନ୍ଧୀ ଏବଂ ଡ. ବି.ଆର. ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଅନୁଗୋଳ ଜିଲ୍ଲା ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ସିପିଏମ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ସିପିଏମର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନ୍ମେଶ୍ୱର ସାମନ୍ତରାୟ ଏବଂ ଜିଲ୍ଲା ସମ୍ପାଦିକା ମୀନା ପ୍ରଧାନ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଆଞ୍ଚଳିକ ସମାବେଶ ଆୟୋଜନ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ ଯୋଗଦେଇ କହିଲେ, ଅନୁଗୋଳ ଜିଲ୍ଲା ବିଶେଷ କରି ଛେଣ୍ଡିପଦା ଏକ ଚାଷୀବହୁଳ ଅଞ୍ଚଳ ହୋଇଥିବାରୁ ଶାସକ ଦଳ ନିର୍ବାଚନ ବେଳେ ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ଛେଣ୍ଡିପଦାବାସୀଙ୍କ ଭୋଟ ହାତେଇ ଏବେ ଏଠାରେ ଥିବା ବ୍ୟାପକ କୋଇଲା ଖଣି ବିକ୍ରି କରି ଅଞ୍ଚଳକୁ ଶ୍ରୀହୀନ କରିଦେଲେଣି । ଛେଣ୍ଡିପଦା କାହିଁକି ସାରା ଅନୁଗୋଳ ଜିଲ୍ଲା ପ୍ରଦୂଷିତ ହୋଇ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଲୋକଙ୍କ ସରକାର ବୋଲାଉଥିବା ବିଜେପି ସରକାର ଲୋକଙ୍କ ଜୀବନ ଜୀବିକା ସହ ଖେଳୁଛି ବୋଲି କହିଥିଲେ । କେନ୍ଦ୍ର ସରକାର ଏମଏମଡିଆର ସଂଶୋଧିତ ଅଧିନିୟମ ଆଣିବା ଦୁର୍ଭାଗ୍ୟଜନକ । ଏ ଅଞ୍ଚଳର ଖଣିଜକୁ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ସେଥିରୁ ଅସୁଲ ରାଜସ୍ୱକୁ କେନ୍ଦ୍ର ସରକାର ନେଇଯିବେ । କେନ୍ଦ୍ର ସରକାର ଏହି ଅଧିନିୟମ ପ୍ରତ୍ୟାହାର ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ ।

ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ରାଜ୍ୟର ସ୍ୱାର୍ଥକୁ ବଜାୟ ରଖିବା ପାଇଁ ଏ ସରକାର ନିଶ୍ଚିତ ପରିବର୍ତ୍ତନ ହେବା ଆବଶ୍ୟକ, ନଚେତ ଆଗାମୀ ଦିନରେ ଓଡ଼ିଶା ଶ୍ରୀହୀନ ହେବ ବୋଲି କହିଥିଲେ । ସମାବେଶରେ ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ଉପସଭାପତି ଦେବାଶିଷ ପଟ୍ଟନାୟକ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଆଇଏନଟିୟୁସି ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ଅଭିଳାଷ ମାଣିଆ, ସତ୍ୟଜିତ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ପ୍ରକାଶ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ଅମ୍ବିକା ପ୍ରସାଦ ଭଞ୍ଜ, ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ବୌଦ୍ଧ ଜିଲ୍ଲା ସଭାପତି ଅବଦୁଲ କଲିମ ଖାନ, ସମ୍ବଲପୁର ଜିଲ୍ଲା ସଭାପତି ଅମିତ କୁମାର ଗୁରୁ, ଦେବଗଡ଼ ଜିଲ୍ଲା ସଭାପତି ସେମ ହେମ୍ବ୍ରମ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କଂଗ୍ରେସ ପଛୁଆ ବର୍ଗ ଅଧ୍ୟକ୍ଷ ସରୋଜ ପ୍ରଧାନ, ପ୍ରଦେଶ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷା ଏଲ ମାଣିକପ୍ରଭା, ନଗର ମହିଳା କଂଗ୍ରେସ ସଭାନେତ୍ରୀ କେସିଦା ଖାନ, ତପନ ପ୍ରଧାନ, ନୀଳକଣ୍ଠ ନାଏକ, ଟିକନ ବେହେରା, ଗୋବିନ୍ଦ ନାଏକ, ଉମେଶ ଚନ୍ଦ୍ର ସାହୁ, ଦାଶରଥି ସାହୁ, ଜିତେନ୍ଦ୍ର ସାହୁ, ସୁବ୍ରତ ଗଡ଼ନାୟକ, ସୁରେଶ ବେହେରା, ନରୋତ୍ତମ ନାଏକ, ସୁଦୀପ ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ଶାନ୍ତିଲତା ବେହେରା, ଅନୁଗୋଳ ଜିଲ୍ଲା ଆଇଏନଟିୟୁସି ସଭାପତି ଦିଗମ୍ବର ଗଡ଼ନାୟକ, ଅନୁଗୋଳ ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, କଂଗ୍ରେସ ଉପସଭାପତି ନିରଞ୍ଜନ ଦାସ, ଚିତ୍ତରଞ୍ଜନ ନାଏକ, ବଳବୀର ସିଂ, ଅମୂଲ୍ୟ ବେହେରା, ତାଳଚେର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ, ପାଲଲହଡ଼ା ପ୍ରାର୍ଥୀ ଫକିର ପ୍ରଧାନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, ରାକେଶ ମିଶ୍ର, ବିନୋଦ ମାଝୀ, ରଶ୍ମିରଞ୍ଜନ ସାହୁ, ଅଜୟ କୁମାର ବେହେରା, ସୌମେନ୍ଦ୍ର ଦେହୁରୀ, ହେମନ୍ତ ମହାଳିକ, ଅରୁଣ ଦାସ, ଅବିନାଶ ଦଳବେହେରା, ଅରୂପ ସାମଲ, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପିସିସି ସାଧାରଣ ସମ୍ପାଦକ ବିଜୟାନନ୍ଦ ଚାଉଳିଆ ଧନ୍ୟବାଦ ପ୍ରଦାନ କରିଥିଲେ ।

## ମହିଳାଙ୍କ ବେକରୁ ଚେନ୍ ଟାଣିନେଲେ ଦୁର୍ବୃତ୍ତ

● ଅସଲି ଛିଣ୍ଡି ରହିଗଲା, ନକଲି ନେଇ ଦୁର୍ବୃତ୍ତ ଫେରାର୍

କଣିହାଁ, ୨୭ ।୯ (ସମିସ): କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ପବିତ୍ରନଗର ଛକ ନିକଟରେ ଦିନଦ୍ୱିପ୍ରହରରେ ଛିନ୍‌ତାଇ ଘଟଣା ସାମ୍ନାକୁ ଆସିଛି । ପଲସର ବାଇକରେ ଆସି ମାରଣାସ୍ତ୍ର ଦେଖାଇ ଦମ୍ପତିଙ୍କୁ ଅଟକାଇବା ସହ ମହିଳାଙ୍କ ବେକରୁ ଚେନ୍ ଟାଣି ନେଇଛନ୍ତି ଦୁର୍ବୃତ୍ତ । ତେବେ ସୌଭାଗ୍ୟବଶତଃ ଲୁଟେରାଙ୍କ ହାତରେ ନକଲି ଚେନ୍ ଲାଗିଥିବା ବେଳେ ଅସଲି ସୁନା ଚେନ୍ ଛିଣ୍ଡି ମହିଳାଙ୍କ ହାତରେ ରହିଯାଇଛି । ପରାବିଲ ଗ୍ରାମର ଏହି ଦମ୍ପତି ନିଜ ବାଇକ୍‌ରେ ଘରକୁ ଫେରୁଥିଲେ । ପବିତ୍ରନଗର ଛକରୁ ମାତ୍ର ୩୦୦ ମିଟର ଦୂର ତଥା ଘରଠାରୁ ପ୍ରାୟ ଏକ କିଲୋମିଟର ପୂର୍ବରୁ ଅପରାହ୍ନ ପ୍ରାୟ ୪ଟାରେ ଏକ ପଲସର ବାଇକରେ ୩ ଦୁର୍ବୃତ୍ତ ଆସି ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ । ଦମ୍ପତି ଅଟକିବା ମାତ୍ରେ ଦୁର୍ବୃତ୍ତମାନେ ମହିଳାଙ୍କ ବେକରୁ ଚେନ୍ ଝାମ୍ପିନେଇ ଦ୍ରୁତଗତିରେ ଫେରାର୍ ହୋଇଯାଇଥିଲେ । ତେବେ ଝାମ୍ପିବା ବେଳେ ଅସଲି ସୁନା ଚେନଟି ଛିଣ୍ଡି ମହିଳାଙ୍କ ହାତରେ ରହିଯାଇଥିଲା । ଦୁର୍ବୃତ୍ତମାନେ ନେଇଥିବା ଚେନ୍ କମ୍ ଦାମ୍‌ର ନକଲି ଚେନ୍ ବୋଲି ଜଣାପଡ଼ିଛି । ଦିନଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ରାସ୍ତାରେ ମାରଣାସ୍ତ୍ର ଦେଖାଇ ଏଭଳି ଲୁଟପାଟ୍ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପୁଲିସ ଏଥିପ୍ରତି ଦୃଷ୍ଟି ଦେଇ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି ।

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପ୍ରମୋ ରନ୍

ଅନୁଗୋଳ, ୨୭ ।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ରବିବାର ସକାଳେ ଏକ ପ୍ରମୋ ରନ୍ ଆୟୋଜିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ



ଶୈଳଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇ ଏହି ଦୌଡ଼ ବିଏଡ୍ କଲେଜ ଛକ, ଜିଲ୍ଲାପାଳଙ୍କ ବାସଭବନ, ନୂଆ ବସ୍‌ଷ୍ଟାଣ୍ଡ, ଫରେଷ୍ଟ ଟ୍ରେନିଂ କଲେଜ, ପିଟିସି ଛକ, ଥାନା ଛକ ଦେଇ ପୁନଶ୍ଚ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଆସନ୍ତା ଡିସେମ୍ବର ୧୩ରେ ହେବାକୁ ଥିବା ରାଜ୍ୟସ୍ତରୀୟ ପୁରୀ କୋଷ୍ଟାଲ ମାରାଥନ୍‌ରେ ଯୋଗଦେବାକୁ ଲୋକଙ୍କୁ ଆହ୍ୱାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅନୁଗୋଳ ଅତିରିକ୍ତ ତହସିଲଦାର ଶ୍ରୀପାଳି ଭରଦ୍ୱାଜ, ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଜ୍ଞାନେଶଙ୍କ ଇସ୍ତଫା ଓ ଏସ୍‌ଆଇଆର୍ ରଦ୍ଦ ଦାବି

● ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିବାଦ ସଭା




ଅନୁଗୋଳ, ୨୭ ।୯ (ସମିସ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଗୁପ୍ତାଙ୍କ ତୁରନ୍ତ ଇସ୍ତଫା ଓ ବେଆଇନ୍ ଭାବେ ହୋଇଥିବା ଏସ୍‌ଆଇଆର୍ ରଦ୍ଦ ଦାବିରେ ରବିବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ରାଜାଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଶତାଧିକ କର୍ମୀ, ସଂଗଠକ ଶିକ୍ଷକପଡ଼ାସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ରାଜାଛକରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ମାନସ ପାଳ ବକ୍ତବ୍ୟ ଦେଇ କେନ୍ଦ୍ର ବିଜେପି ସରକାର ଓ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଥିଲେ । ଗୋଟିଏ ଗଣତାନ୍ତ୍ରିକ ଦେଶର ମୁଖ୍ୟ ନିର୍ବାଚନ କମିଶନର ଭଳି ଏକ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ଜ୍ଞାନେଶ କୁମାରଙ୍କ ଏପରି ଅଗଣତାନ୍ତ୍ରିକ, ଅସାମ୍ବିଧାନିକ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ସୁରକ୍ଷା ଓ ନାଗରିକଙ୍କ ଭୋଟ୍ ଅଧିକାର ସୁନିଶ୍ଚିତ କରିବା ପରିବର୍ତ୍ତେ ମୁଖ୍ୟ ନିର୍ବାଚନ କମିଶନର ଏସ୍‌ଆଇଆର୍ ନାଁରେ କୋଟି କୋଟି ଲୋକଙ୍କ ଭୋଟ୍ ଅଧିକାର ହରଣ କରିବା ଅକ୍ଷମଣୀୟ ଅପରାଧ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜିଲ୍ଲା କମିଟି ସଭ୍ୟ ସୁବାସ ପ୍ରଧାନ, ରଣଜିତ ପ୍ରଧାନ, ସଞ୍ଜୟ ସାହୁ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, ପ୍ରମିଳା ପଣ୍ଡା, ଦୁଃଖିଶ୍ୟାମ ମଲ୍ଲିକଙ୍କ ସମେତ ସଂଗଠନର ଶତାଧିକ କର୍ମୀ, ସଂଗଠକ ଅଂଶଗ୍ରହଣ କରିଥିଲେ ।

## ରାସ୍ତାରେ ବସି ଆନ୍ଦୋଳନ କଲେ ପୂର୍ବତନ ସାଂସଦ

ଜାତୀୟ ରାଜପଥ ୧୪୯ର ଶୋଚନୀୟ ଅବସ୍ଥା



ତାଳଚେର, ୨୭ ।୯ (ସମିସ): ୧୪୯ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ଦେଖି ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ରବିବାର ସକାଳ ୬ଟାରେ ତାଳଚେର ଥର୍ମାଲ ନନ୍ଦିରା ବ୍ରିଜ ନିକଟରେ ଅର୍ଥନୈତିକ ଅବରୋଧ କରିଛନ୍ତି । ତାଳଚେର ଅଞ୍ଚଳବାସୀଙ୍କ ଦୁଃଖ ପାଲଟିଥିବା ଏହି ରାଜପଥ ଅସୁରକ୍ଷିତ ହୋଇପଡ଼ିଛି । ଏହାକୁ ଦେଖି ମଧ୍ୟ ସମସ୍ତେ ଆଖି ବୁଜିଦେଇଛନ୍ତି । ଖାଲଖମାରେ ପରିପୂର୍ଣ୍ଣ ଏହି ରାସ୍ତା ଲୋକଙ୍କୁ ଯମଯନ୍ତ୍ରଣା ଦେଉଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟି ମୁଣ୍ଡ ଗଡ଼ୁଛି । ଗତ ୬ମାସ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଏହାର ପ୍ରତିବାଦରେ ପୂର୍ବତନ ସାଂସଦ ସାହୁ ରାଜରାସ୍ତାରେ ୩ ଘଣ୍ଟା ବସି ରହି ପ୍ରତୀକାତ୍ମକ ଆନ୍ଦୋଳନ କରିଥିଲେ । ସେହିପରି ଦୁର୍ଘଟଣାରେ ମୃତ୍ୟୁବରଣ କଲେ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଗୋରୁ ମଲେ ସେଠାରେ ଥିବା ମନ୍ଦିର ପରିଚାଳନା କମିଟିକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ, ନନ୍ଦିରା ପୋଲକୁ ବିପଦମୁକ୍ତ ଘୋଷଣା କରାଯିବା ସହ ରାସ୍ତା ମରାମତି ନ ହେବା ଯାଏ ଭାରୀଯାନ ଚଳାଚଳ ନିଷିଦ୍ଧ କରାଯିବାକୁ ଦାବି କରିଥିଲେ । ଏହି ଅର୍ଥନୈତିକ ଅବରୋଧ ଆନ୍ଦଳନରେ ଗାନ୍ଧୀ ବିଚାର ମଞ୍ଚ, ଜିଲ୍ଲା ପରିଷଦ ସଭ୍ୟା ରୀତାରାଣୀ ଦାସ, ବିନୋଦ ଲାଲ, ବାବୁଲା ଶତପଥୀ, ଲିପୁ ରଥ, କଳାକାର ସିଂ, କାଳିଆ ସାମଲ, କୁଶବିହାରୀ ସାମଲ ପ୍ରମୁଖଙ୍କ ସମେତ ବିଜେଡି କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ । ଆନ୍ଦୋଳନ ଫଳରେ ଶହ ଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିଥିଲା । ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ବିଭିନ୍ନ ସ୍ଥାନରେ ଭାଗବତ ଜନ୍ମ ମହୋତ୍ସବ ପାଳିତ



ଅନୁଗୋଳ, ୨୭ ।୯ (ସମିସ): ସହର ଉପକଣ୍ଠ ଶିକ୍ଷକପଡ଼ାର ଶିବଶକ୍ତି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପବିତ୍ର ଭାଗବତ ଜନ୍ମ ମହୋତ୍ସବ ପାଳିତ ହୋଇଛି । ଗଗନ ବିହାରୀ ଦାସ, କ୍ଷୀରୋଦ ଚନ୍ଦ୍ର ଦାସ, କୁମୁଦିନୀ ପ୍ରଧାନ, ଅଙ୍ଗଦ ରାଉଳ, ଅଞ୍ଜନା ପ୍ରଧାନ, ଗଙ୍ଗାଧର ସ୍ୱାଇଁ, ରାମଚନ୍ଦ୍ର ଦେହୁରୀ, ବାପିକାନ୍ତ ସାହୁ, ଧନଞ୍ଜୟ ସାହୁ, ସଂକୀର୍ତ୍ତନ ମଣ୍ଡଳୀ ପରିଚାଳକ ସୁରେନ୍ଦ୍ର କୁମାର ପ୍ରଧାନ ଓ ମନୋରଞ୍ଜନ ପଟ୍ଟନାୟକଙ୍କ ସମେତ ଶିକ୍ଷକପଡ଼ାର ଭାଗବତପ୍ରେମୀ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆଖଡ଼ାଶାଳରେ ନିରାଡ଼ମ୍ବରରେ କାର୍ଯ୍ୟକ୍ରମ ପାଳନ କରାଯାଇଛି ।

**ଅନୁଗୋଳ:** ହେମସୁରପଡ଼ା ଶନି ମନ୍ଦିର ନିକଟ ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ ପାଳିତ ହୋଇଛି । ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ଭାଗବତ ପାଠ, ହୋମଯଜ୍ଞ ଆଦି



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଭାଗବତରେ ସମାଜରେ କେଉଁଟି କରଣୀୟ ଏବଂ କେଉଁ ବିଷୟ ବର୍ଜନୀୟ ତାହା ସୁନ୍ଦର ଭାବରେ ଆଲୋଚିତ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ବାସିନ୍ଦା ଏହି ଉତ୍ସବରେ ସାମିଲ ହୋଇଥିଲେ । ଭାଗବତ ପରିଚାଳନା କମିଟି ସଭାପତି ମକଦ୍ଦମି ରାଉତଙ୍କ ସମେତ ପ୍ରଶାନ୍ତ ଦଳବେହେରା, ଶ୍ରୀକାନ୍ତ ମହାଳିକ, ରାମଚନ୍ଦ୍ର ଦାସ, ଅନାଦି ପ୍ରଧାନ, ଶ୍ରୀମତୀ ଦଳବେହେରା ପ୍ରମୁଖ ସମାରୋହ ପରିଚାଳନା କରିଥିଲେ ।



**କିଶୋରନଗର:** କଦଳୀମୁଣ୍ଡାରେ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ, କ୍ଷିତିଜ୍ୟୋତି ଆଶ୍ରମ, କଦଳୀମୁଣ୍ଡା ଶାଖା ମନ୍ଦିରରେ ଗତ ୨୦ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଠାକୁର ଶ୍ରୀ ଶ୍ରୀ ଗୁରୁସ୍ୱାମୀ କେଶବଚନ୍ଦ୍ରଙ୍କ ପ୍ରଣୋଦିତ ବିଧି ଉପଚାରରେ ଶୁଭାଧିବାସ, ହୋମଯଜ୍ଞ ସହ ନିଷ୍ଠା ଓ ସଦାଚାର ପାଳନରେ ଥିବା ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଦ୍ୱାରା ପବିତ୍ର ଭାଗବତର ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ପ୍ରତ୍ୟହ ଭାଗବତ ପଠନ ଅଞ୍ଚଳବାସୀଙ୍କ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଉଦଯାପନୀ ଦିବସରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ପରମେଶ୍ୱର ଭାଇ ଓ ଯଶୋବନ୍ତି ଅପା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

## ରାସ୍ତାରେ ବିରାଟ ଗର୍ତ୍ତ, ବିପଦରେ ଛାତ୍ରଛାତ୍ରୀ

● ଠାକୁରଗଡ଼-କନ୍ତପଡ଼ା ରାସ୍ତାର ଦୁରବସ୍ଥା
● ସ୍କୁଲ ସମ୍ମୁଖରେ ମରାମତି ପାଇଁ ଦାବି



କିଶୋରନଗର, ୨୭ ।୯ (ସମିସ): ଠାକୁରଗଡ଼ରୁ କନ୍ତପଡ଼ାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଠାକୁରଗଡ଼ ଛକ ନିକଟରେ ଶୋଚନୀୟ ହୋଇପଡ଼ିଛି । ସ୍କୁଲ୍ ସମ୍ମୁଖ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହେଉଛି । ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି ।

ରାସ୍ତାରେ ଥିବା ଗର୍ତ୍ତଗୁଡ଼ିକ ଦିନକୁ ଦିନ ଅଧିକ ବଡ଼ ହେବାରେ ଲାଗିଛି । ଦୁଇଚକିଆ ଯାନ ଓ ଅନ୍ୟ ଛୋଟ ଗାଡ଼ି ଚଳାଚଳ ସମୟରେ ଚାଳକମାନଙ୍କୁ ଗର୍ତ୍ତ ଏଡ଼ାଇ ଯିବାକୁ ପଡ଼ୁଛି । ଫଳରେ ଲୋକେ ଅସୁବିଧାରେ ପଡ଼ୁଛନ୍ତି । ଅନ୍ୟପକ୍ଷରେ ସ୍କୁଲ ନିକଟରେ ଏଭଳି ଅବସ୍ଥା ଥିବାରୁ ଛାତ୍ରଛାତ୍ରୀଙ୍କ ଯାତାୟାତ ଅଧିକ ଚିନ୍ତାଜନକ ହୋଇପଡ଼ିଛି । ବର୍ଷା ହେଲେ ସମସ୍ୟା ଆହୁରି ଗମ୍ଭୀର ହେଉଛି । ଗର୍ତ୍ତଗୁଡ଼ିକରେ ବର୍ଷାଜଳ ଜମି ରହିବା ଯୋଗୁଁ ଗର୍ତ୍ତର ଗଭୀରତା ସହଜରେ ଜଣାପଡୁନାହିଁ । ଫଳରେ ଗାଡ଼ି ଚାଳକଙ୍କ ପାଇଁ ଏହା ବିପଜ୍ଜନକ ହୋଇପଡୁଛି । ଅନେକ ସମୟରେ ଛାତ୍ରଛାତ୍ରୀ ଓ ପଥଚାରୀଙ୍କୁ ମଧ୍ୟ ପାଣି ଓ କାଦୁଅରେ ପଶି ଯାତାୟାତ କରିବାକୁ ପଡୁଛି । ଏହି ରାସ୍ତା ଠାକୁରଗଡ଼ ଅଞ୍ଚଳର ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ମାର୍ଗ । ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସମେତ ଚାକିରିଆ, ବ୍ୟବସାୟୀ ଓ ଜନସାଧାରଣ ଏହି ରାସ୍ତା ଦେଇ ଯାତାୟାତ କରନ୍ତି । ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି । ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ବିଶେଷକରି ସ୍କୁଲ ସମ୍ମୁଖ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

## ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ

# ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ ପ୍ରତ୍ୟାହାର ଦାବି

ଅନୁଗୋଳ, ୨୭ ।୯ (ସମିସ)



ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ପୂର୍ବାହ୍ନରେ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି । କମିଟି ଆବାହକ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ରମେଶ ସାହୁ, ତୀର୍ଥବାସୀ ଭୋଇ, ପଠାଣୀ ବାରିହା, ମାନସ ପାଳ, ଦାମୋଦର ଦାସ, ନିରୋଦ ପାଳ, ତ୍ରେତାନନ୍ଦ ସାମନ୍ତ, ତ୍ରିଲୋଚନ ଜେନା, ହେମନ୍ତ ଦାସ, ଭିକାରୀ ପ୍ରଧାନ, ଅଶୋକ ପ୍ରଧାନ, ପ୍ରହ୍ଲାଦ ସାହୁ, ପ୍ରଦୀପ ପ୍ରଧାନ, ରବୀନ୍ଦ୍ର ବେହେରା, ବ୍ରଜସୁନ୍ଦର ବିଶ୍ୱାଳ, କାଳୀଚରଣ ପ୍ରଧାନ, ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଏମ୍‌ଏମ୍‌ଡିଆର୍ ସଂଶୋଧିତ ଆଇନ ଫଳରେ ଖଣିଜ ସମ୍ପଦ ସମୃଦ୍ଧ ଓଡ଼ିଶା ବିଶେଷକରି ଖଣିଖାଦାନ ଭରା ଅନୁଗୋଳ ଜିଲ୍ଲାର ବ୍ୟାପକ ଆର୍ଥିକ କ୍ଷତି ଯୋଗୁଁ ବିକାଶ ବାଧାପ୍ରାପ୍ତ ହେବ ବୋଲି ପ୍ରକାଶ କରିଥିଲେ । ଏହାଦ୍ୱାରା ରାଜ୍ୟ ସରକାର ବାର୍ଷିକ ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇବେ । ଅନୁଗୋଳ ଭଳି ଖଣି କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ଗଚ୍ଛିତ ଥିବା ଖଣିଜ ପାଣ୍ଠିରୁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ, ଗମନାଗମନ ଭଳି ମୌଳିକ ସୁବିଧାର ଯେଉଁ ବିକାଶ କାର୍ଯ୍ୟ ସାଧିତ ହେଉଥିଲା ତାହା ଗୁରୁତର ଭାବେ ବାଧାପ୍ରାପ୍ତ ହେବ ବୋଲି ମତପ୍ରକାଶ କରିଥିଲେ । ଜନସ୍ୱାର୍ଥ ବିରୋଧୀ ଏହି ଆଇନ ପ୍ରତ୍ୟାହାର ଦାବିରେ ଜିଲ୍ଲାର ବୁଦ୍ଧିଜୀବୀ, ଶିକ୍ଷାବିତ, ପରିବେଶବିତ, ସଚେତନ ନାଗରିକ ତଥା କ୍ଷତିଗ୍ରସ୍ତ ଲୋକଙ୍କୁ ନେଇ ନାଗରିକ କନଭେନସନ ଆୟୋଜନ କରି ଜନଆନ୍ଦୋଳନ ସଂଗଠିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥିସହିତ ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, କୁକୁଡ଼ା ଫାର୍ମର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାର ଅନ୍ୟତ୍ର ସ୍ଥାନାନ୍ତର କରିବା ଆଦି ଦାବି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବାରମ୍ବାର ଦାବି ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଜିଲ୍ଲାର ନ୍ୟାଯ୍ୟ ଦାବିକୁ ଉପେକ୍ଷା କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା । ଦାବି ସମ୍ପର୍କରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି ।

## ୨୧ ମାସ ପରେ ବି ମହାକାଳପଡ଼ା ବ୍ଲକ୍‌ରେ ବିଡିଓ ପଦ ଫାଙ୍କା

# ତହସିଲଦାରଙ୍କ ହାତରେ ବିଡିଓ ଦାୟିତ୍ୱ

**ମହାକାଳପଡ଼ା, ୨୭/୯ (ସମିସ)**

ଦୀର୍ଘ ଏକୋଇଶି ମାସ ବିତିଗଲାଣି। ହେଲେ ମହାକାଳପଡ଼ା ବ୍ଲକ୍‌ରେ ଏଯାଏଁ ସ୍ଥାୟୀ ବିଡିଓ ନିଯୁକ୍ତି ହୋଇପାରିନାହିଁ। ଫଳରେ ତହସିଲଦାରଙ୍କୁ କାମଚଳା ବିଡିଓ ଦାୟିତ୍ୱ ଦିଆଯାଇ ବ୍ଲକ୍ ପ୍ରଶାସନ ଚାଲିଛି। ଦୀର୍ଘଦିନ ଧରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସହ ପ୍ରଶ୍ନ ଉଠିଛି।

ମହାକାଳପଡ଼ା ବ୍ଲକ୍‌ର ତତ୍କାଳୀନ ବିଡିଓ ସାଗର ନନ୍ଦଙ୍କ ବଦଳି ପରେ ତତ୍କାଳୀନ ତହସିଲଦାର ଶିବ ମଲ୍ଲିକ ଅତିରିକ୍ତ ବିଡିଓ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୨୦୨୪ ଫେବୃଆରୀ ୧୪ ତାରିଖରେ ସୌମ୍ୟଶ୍ରୀ ପାଣିଗ୍ରାହୀ ମହାକାଳପଡ଼ାର ନୂତନ ବିଡିଓ ଭାବେ ଯୋଗ ଦେଇଥିଲେ। ତେବେ କାର୍ଯ୍ୟରେ ଯୋଗଦେବାର ପ୍ରାୟ ୯ ମାସ ପରେ ନଭେମ୍ବର ୨୯ ତାରିଖରେ ତାଙ୍କର ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ଆସିବାକୁ ଥିବା ସଞ୍ଜୀବ ସାହୁ ମହାକାଳପଡ଼ାରେ ଯୋଗ ନ ଦେଇ ଡିସେମ୍ବର ୨ ତାରିଖରେ ଡୁଙ୍ଗୁରିପାଲି ବିଡିଓ ଭାବେ ବଦଳି ହୋଇଥିଲେ। ଫଳରେ ନୂତନ ବିଡିଓ ଯୋଗ ନ ଦେବାରୁ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ପରେ ସୌମ୍ୟଶ୍ରୀ ଦାୟିତ୍ୱରୁ ମୁକ୍ତ ହେବା ପରେ ୨୦୨୫ ଡିସେମ୍ବର ୧୦ରେ ମହାକାଳପଡ଼ା ତହସିଲଦାର ଭାବେ ଯୋଗଦାନ କରିଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

**ସ୍ଥାୟୀ ନିଯୁକ୍ତିକୁ ନେଇ ଉଠିଲା ପ୍ରଶ୍ନ**

ରବିନାରାୟଣ ଆଚାର୍ଯ୍ୟ ତହସିଲଦାରଙ୍କ ସହ ସବ୍‌ରେଜିଷ୍ଟ୍ରାର, ବିଡିଓ, ରାମଚଣ୍ଡୀ ଓ ତାରିଣୀ ମନ୍ଦିର ଟ୍ରଷ୍ଟି ଭଳି ଏକାଧିକ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଏକପଟେ ତହସିଲଦାରଙ୍କ ଉପରେ ଏକାଧିକ ଦାୟିତ୍ୱ ରହିଥିବାବେଳେ ଅନ୍ୟପଟେ ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଜନକଲ୍ୟାଣକାରୀ ଯୋଜନା ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟର ତଦାରଖ ପାଇଁ ସ୍ଥାୟୀ ବିଡିଓଙ୍କ ଆବଶ୍ୟକତା ରହିଛି। ତେବେ ଏତେ ଦୀର୍ଘ ସମୟ ଧରି ସ୍ଥାୟୀ ବିଡିଓ ନିଯୁକ୍ତ ନ ହେବା ପଛରେ କାରଣ କ'ଣ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ମହାକାଳପଡ଼ା ଭଳି ବଡ଼ ଓ ସମ୍ବେଦନଶୀଳ ବ୍ଲକ୍‌ରେ ଦୀର୍ଘ ସମୟ ଧରି କାମଚଳା ବିଡିଓଙ୍କ ଭରସାରେ ପ୍ରଶାସନ ଚାଲିବା ଦ୍ୱାରା ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ମହାକାଳପଡ଼ା ବ୍ଲକ୍‌ରେ ଜଣେ ସ୍ଥାୟୀ ବିଡିଓ ନିଯୁକ୍ତ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଗୋବରୀ ନଦୀରେ ବୁଡ଼ି ଚାଷୀଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା, ୨୭।୯ (ସମିସ):** ଗୋବରୀ ନଦୀରେ ବୁଡ଼ି ଜଣେ ୫୨ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନାଗପୁରା ଗ୍ରାମର ଅନନ୍ତ ଚରଣ ରାଉତ ବୋଲି ଜଣାପଡ଼ିଛି। ଏହି ଅଭାବନୀୟ ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅନନ୍ତ ଶନିବାର ନିଜ ବିଲକୁ ଘାସ କାଟିବାକୁ ଯାଇଥିଲେ। ଘାସ କାଟି ଘରକୁ ଫେରୁଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ଗୋବରୀ ନଦୀ ଘାଟରେ ଗାଧୋଇବା ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ନଦୀର ଗଭୀର ଜଳରେ ବୁଡ଼ି ଯାଇଥିଲେ। ଘଟଣା ଜାଣିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ନଦୀରୁ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ଅନନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ପୁଲିସ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଯାହାକୁ ରଖିବେ ଅନନ୍ତ

# ନଦୀରେ ଭାସିଯାଉଥିବା ବୃଦ୍ଧାଙ୍କୁ ଜୀବିତ ଉଦ୍ଧାର କଲେ ଗ୍ରାମବାସୀ



**ପଟ୍ଟାମୁଣ୍ଡାଇ,୨୭।୯ (ସମିସ):** କଥାରେ ଅଛି ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ। ତାହା ପ୍ରମାଣିତ ହୋଇଛି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ଗ୍ରାମରେ। ଜଣେ ବୃଦ୍ଧା ନଦୀରେ ଭାସିଯାଉଥିବାବେଳେ ଗ୍ରାମବାସୀ ତାଙ୍କୁ ଜୀବିତ ଉଦ୍ଧାର କରିଛନ୍ତି। ଏହାକୁ ନେଇ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତର ଆଗଡ଼ିଆ ଗ୍ରାମ ବ୍ରାହ୍ମଣୀ ନଦୀର ଗଭୀର ସ୍ରୋତରେ ଭାସିଯାଉଥିବା ଜଣେ ଜଣେ ବୃଦ୍ଧାଙ୍କୁ ସ୍ଥାନୀୟ ଗ୍ରାମବାସୀ ଓ ଯୁବକ ସାହାସିକତାର ସହିତ ନଦୀର ପ୍ରଖର ସ୍ରୋତ ମଧ୍ୟରୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଛନ୍ତି। ବାଲିପାଟଣା ପଞ୍ଚାୟତ ଆଗଡିଆ ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ଜଣେ ବୃଦ୍ଧା ଭାସିଯାଉଥିବା ଦେଖି ସ୍ଥାନୀୟ ଲୋକ ହୋ ହାଲ୍ଲା କରିବାରୁ ସ୍ଥାନୀୟ ଯୁବକ ଏକ ଡଙ୍ଗା ଦ୍ୱାରା ନଦୀ ମଧ୍ୟକୁ ଯାଇ ପ୍ରଖର ସ୍ରୋତ ମଧ୍ୟରୁ ବୃଦ୍ଧାକୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ଆଶା ଦିଦିଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଲୋକମାନେ ଆମ୍ବୁଲାନ୍ସ ଯୋଗେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ନଦୀ ଗର୍ଭରୁ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବା ବୃଦ୍ଧା ଜଣକ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ କଳାଖଣ୍ଡ ଗ୍ରାମର କେସି ଦଳାଇ ବୋଲି ଜଣାପଡିଛି। ସେ ଆଜି ସକାଳେ ନଦୀ କୂଳକୁ ଶୌଚ ହେବାକୁ ଆସି ଅସାବଧାନତାବଶତଃ ନଦୀର ପ୍ରଖର ସ୍ରୋତରେ ପଡି ଭାସିଆସିଥିବା ବୃଦ୍ଧା ଜଣକ କହିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ଯେ ସମ୍ପ୍ରତି ବିଭିନ୍ନ ନଦୀରେ କୁମ୍ଭୀର ଉପଦ୍ରବ ଦେଖିବାକୁ ମିଳୁଛି। କିନ୍ତୁ ଭରାନଦୀର ପ୍ରଖର ସ୍ରୋତରେ ବୃଦ୍ଧା ଜଣକ ପାଖାପାଖି ୨୨ କିଲୋମିଟର ଅତିକ୍ରମ କରିବା ପରେ ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତ ଆଗଡିଆ ଗ୍ରାମର ବ୍ରାହ୍ମଣୀ ନଦୀ ଗର୍ଭରୁ ବୃଦ୍ଧାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ଭାସି ଆସି ୭୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧା ଜଣକ ଜୀବିତ ରହିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣା ଦେଖି ସାଧାରଣ ଲୋକ ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ ବୋଲି ଆଲୋଚନା କରୁଛନ୍ତି।

# କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ-୨୦୨୬'

**କେନ୍ଦ୍ରାପଡ଼ା,୨୭।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ-୨୦୨୬' ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି। ଏ ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଅଯୋଧ୍ୟାନଗର, ବଡ଼ହାଟ ଓ ବଟାପୁର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଉତ୍ସବରେ ଯୋଗଦେଇଥିଲେ। ଏ ଅବସରରେ ଅଙ୍ଗନବାଡ଼ି କେନ୍ଦ୍ରରେ ଅଭିଭାବକ, ଅଦ୍ୱିକା ବାଳିକା, ସୁଭଦ୍ରା ହିତାଧିକାରୀ, ପ୍ରାକ୍-ବିଦ୍ୟାଳୟ ଶିଶୁ, ସ୍ଥାନୀୟ ଜନପ୍ରତିନିଧି ଓ ସମୁଦାୟର ବିଭିନ୍ନ ସଦସ୍ୟ ଉପସ୍ଥିତ ରହି ଉତ୍ସବରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଉତ୍ସବର ଅଂଶ ଭାବେ ଅଙ୍ଗନବାଡ଼ି କେନ୍ଦ୍ରରେ ପିତାମାନଙ୍କ ପାଇଁ ରେସିପି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପିତାମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବିଭିନ୍ନ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ଅଙ୍ଗନବାଡ଼ି କେନ୍ଦ୍ରର ବିଭିନ୍ନ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ଆଇସିଡିଏସ ଅଧୀନରେ ମିଳୁଥିବା ବିଭିନ୍ନ ସେବା ଓ ସୁବିଧା ସମ୍ପର୍କରେ ସେମାନଙ୍କ ମତାମତ ଓ ଅନୁଭୂତି ଜାଣିଥିଲେ। ଏଥିସହିତ ଶିଶୁଙ୍କ ପୋଷଣ, ପ୍ରାକ୍-ବିଦ୍ୟାଳୟ



ଶିକ୍ଷା, ମାତୃ ଓ ଶିଶୁ ଯତ୍ନ ଓ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରକୁ ଶିଶୁଙ୍କ ପୋଷଣ, ପ୍ରାରମ୍ଭିକ ଶିକ୍ଷା ଓ ମାତୃ-ଶିଶୁ ଯତ୍ନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଆହୁରି ସୁଦୃଢ଼ କରିବା ସହ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା "ଅଙ୍ଗନ କା ଉତ୍ସବ'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଭିତରକନିକାରେ ବନ୍ୟପ୍ରାଣୀ ସପ୍ତାହ

**ରାଜନଗର,୨୭।୯ (ସମିସ):** ରାଜନଗର ବନଖଣ୍ଡ ଅଧୀନସ୍ଥ କନିକା ବନାଞ୍ଚଳ ପରିସରରେ ମଣ୍ଡଳସ୍ତରୀୟ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଇଛି। ଏ ଅବସରରେ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡାଙ୍ଗମାଳ, ବୀଣାପାଣି ଉଚ୍ଚବିଦ୍ୟାଳୟ, ଦୀଘି, ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ, ବାଘମାରି, ଶଶିଭୂଷଣ ଉଚ୍ଚବିଦ୍ୟାଳୟ, କୃଷ୍ଣନଗରଜୟଦୂର୍ଗା ପ୍ରାଥମିକ ବିଦ୍ୟାଳୟ, ବାଙ୍କୁଆଳର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଗାନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟନ୍ତ ଏକ ସଚେତନତା ରାଲିକୁ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମୈତ୍ରୀ ମଞ୍ଜରୀ ବିଶ୍ୱାଳ, କନିକା ବନାଞ୍ଚଳ ଅଧିକାରୀ ଚିତ୍ରସେନ ଜେନା ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ପରେ କନିକା ବନାଞ୍ଚଳ ପରିସରରେ ପଶୁ-ମଣିଷ ସଂଘର୍ଷର ନିରାକରଣ, ହମ୍ପବ୍ୟାକ୍ ଡଲଫିନର ପରିସଂଖ୍ୟା ବିଷୟରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କନିକା ବନପାଳ ପ୍ରଶାନ୍ତ ସିଂ, ବନପାଳ ନବୀନ ମଲ୍ଲିକ, ବନପାଳ ସଂଜୀବ ଦାସ, ବନରକ୍ଷୀ ବବୁଲ ପରିଡା, ଅବକାଶ ପାତ୍ର, ପ୍ରଦୋଷ ମହାପାତ୍ର, ସୁଶ୍ରୀ ଗୀତାଞ୍ଜଳି ସାହୁ, କଳ୍ପତରୁ




ସେଠୀ, ଗୋରାଚାନ୍ଦ ସିଂ, ସୁବାସ ମାଝୀ, ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ସୁଶ୍ରୀ ବନ୍ଦିତା ବିଶ୍ୱାଳ, ସୁଶ୍ରୀ ଗାୟତ୍ରୀ ତିର୍କୀ, ରଶ୍ମିରଞ୍ଜନ ବେହେରା, ରିଙ୍କୁନ ଜେନା ପରିଚାଳନା କରିଥିଲେ। ଏଥିରେ ୫ଟି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ରତାଦିଆ ଖଣ୍ଡସାହି ପଞ୍ଚାୟତ

# ଆବାସ ଯୋଜନା ତାଲିକାରୁ ବହୁ ଯୋଗ୍ୟ ବ୍ୟକ୍ତି ବାଦ୍ ପଡ଼ିଥିବା ଅଭିଯୋଗ



**ଡେରାବିଶ, ୨୭।୯ (ସମିସ):** ଡେରାବିଶ ବ୍ଲକ୍ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତର ଆବାସ ଯୋଜନା ତାଲିକାରୁ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାଦ ଦିଆଯାଇଥିବା ନେଇ ପଞ୍ଚାୟତର ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର ଅଭିଯୋଗ କରିଛନ୍ତି। ତାଲିକାରୁ ବାଦ୍ ପଡ଼ିଥିବା ବହୁ ଯୋଗ୍ୟ ହିତାଧିକାରୀ ଗରିବ ଶ୍ରେଣୀର ହୋଇଥିବାବେଳେ ଏଥିମଧ୍ୟରୁ ବହୁ ହିତାଧିକାରୀ ଦିବ୍ୟାଙ୍ଗ ବ୍ୟକ୍ତି ରହିଥିବା ଶ୍ରୀ ଭଦ୍ର ପ୍ରକାଶ କରିଛନ୍ତି।

ଶ୍ରୀ ଭଦ୍ରଙ୍କ ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ଆବାସ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୫୯୬ ଜଣଙ୍କ ନାମ ତାଲିକାଭୁକ୍ତ କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଏହି ତାଲିକାରେ ନାମ ଥିବା ଲୋକଙ୍କ ଘରକୁ ଘର ଯାଇ ସରକାରୀ ଅଧିକାରୀ ତଦନ୍ତ କରି ୧୧୬ ଜଣ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ କରି ଚୁଡ଼ାନ୍ତ ତାଲିକାରେ ୪୮୦ ଜଣଙ୍କ ନାମ ପ୍ରକାଶ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଚାଳଘରେ ରହୁଥିବା ବିଧବା, ଭିନ୍ନକ୍ଷମ ଓ ଗରିବ ଶ୍ରେଣୀର ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଆବାସ ଯୋଜନାରେ ପକ୍କା ଯୋଗାଇ ଦେବାକୁ ନିୟମ ରହିଛି। ତେବେ ରତାଦିଆ ଖଣ୍ଡସାହି ପଞ୍ଚାୟତରେ ତାଲିକାରୁ ବାଦ ପଡ଼ିଥିବା ହରିପୁର ଗ୍ରାମର ସାଗରିକା ସାହୁ, ପ୍ରତୀମା ଭଦ୍ର, ରତାଦିଆର କନକଲତା ସେଠୀ, ଅନୁଆପଡ଼ାର ଆରତି ସାହୁ, ସତ୍ୟାନନ୍ଦ ଜେନା, ଚନ୍ଦନ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, କାଦୁଆର ଉମାକାନ୍ତ ସାହୁ, ବରାଙ୍ଗର ବ୍ରଜକିଶୋର ଜେନା ପ୍ରମୁଖ ଚାଳଘରେ ରହୁଥିବା ଗରିବ ଶ୍ରେଣୀର ବ୍ୟକ୍ତି ରହିଥିବାବେଳେ ଅନୁଆପଡ଼ା ଗ୍ରାମର ୧୦୦ ପ୍ରତିଶତ ଭିନ୍ନକ୍ଷମ ଧୀରେନ କୁମାର ସାହୁ, ଉମେଶ ଚନ୍ଦ୍ର ଭଦ୍ର, ରତାଦିଆର ସୁଦାମ ବେହେରା ପ୍ରମୁଖ ରହିଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏହି ତାଲିକାକୁ ପୁନଃ ତଦନ୍ତ କରାଯାଇ ଉପରୋକ୍ତ ହିତାଧିକାରୀଙ୍କ ନାମକୁ ଯୋଗ କରାଯାଇ ସେମାନଙ୍କୁ ଅବାସ ଯୋଜନାରେ ସାମିଲ କରିବା ପାଇଁ ଶ୍ରୀ ଭଦ୍ର ଦାବି କରିଛନ୍ତି।

# ପ୍ରଦେଶ କଂଗ୍ରେସର ନବନିଯୁକ୍ତ ସାଧାରଣ ସମ୍ପାଦକ ରତିକାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଡେରାବିଶ, ୨୭।୯ (ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବନିଯୁକ୍ତ ସାଧାରଣ ସମ୍ପାଦକ ରତିକାନ୍ତ କାନୁନ୍‌ଗୋଙ୍କୁ ଆଜି ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ଶ୍ରୀ କାନୁନ୍‌ଗୋଙ୍କୁ କଂଗ୍ରେସର ଶହଶହ କର୍ମୀ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ବଜାର ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ଚାନ୍ଦୋଳ କଲେଜ ଛକସ୍ଥ ସଭାସ୍ଥଳ ନିକଟକୁ ପାଛୋଟି ନେଇଥିଲେ। ପରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ଉପସଭାପତି ଉମେଶ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିନୋଟି ବ୍ଲକରୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଶ୍ରୀ କାନୁନ୍‌ଗୋଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ଭାବେ ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡ଼ା, ମାର୍ଶାଘାଇ ବ୍ଲକ୍ କଂଗ୍ରେସ ସଭାପତି ଶିକ୍ଷାଂଶୁ ଲେଙ୍କା, ଡେରାବିଶ ବ୍ଲକ କିଷାନ କଂଗ୍ରେସ ସଭାପତି ଜୟଦେବ ପରିଡ଼ା, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ସୁଖଦାନନ୍ଦ ପ୍ରଧାନ, ଡେରାବିଶ ବ୍ଲକ ମହିଳା କଂଗ୍ରେସ ସଭାପତି ରଶ୍ମିତା ମହାନ୍ତି, ମହିଳା ନେତ୍ରୀ କୃଷ୍ଣପ୍ରିୟା ବାରିକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ଚରଣ ପାତ୍ର, ଯୁବକଂଗ୍ରେସର କୈଳାସ କର, ରମାକାନ୍ତ ସ୍ୱାଇଁ, ବିଭୂତି ମହାନ୍ତି ପ୍ରମୁଖ ଯୋଗଦେଇ ପାଟକୁରା ନିର୍ବାଚନମଣ୍ଡଳୀର ନେତା ଶ୍ରୀ କାନୁନ୍‌ଗୋଙ୍କୁ ଦଳ ଏହି ଗୁରୁଦାୟିତ୍ୱ ଦେଇଥିବାରୁ ସେମାନେ ଉତ୍ସାହିତ ଥିବା କହିଥିଲେ। ଶ୍ରୀ କାନୁନ୍‌ଗୋ ତାଙ୍କ ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ କଂଗ୍ରେସ ଦେଶ ତଥା ରାଜ୍ୟରେ ସ୍ଥିର ଓ ସୁଶାନ ଦେଇପାରିବ ବୋଲି ମନ୍ତବ୍ୟ ଦେବା ସହ କଂଗ୍ରେସର ଭୋଟର ତାଲିକା ସଂଶୋଧନ ଓ ରାଜ୍ୟର ଖଣି କେନ୍ଦ୍ର ହାତକୁ ଟେକିଦେବା ନୀତିକୁ ତିବ୍ର ବିରୋଧ କରିବା ସହ କଂଗ୍ରେସକୁ ଲୋକମାନେ ପୁଣି ଶାସନର ଦାୟିତ୍ୱ ଦେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

# ଛୁଆକୁ ନଦୀରୁ ରକ୍ଷା କରିବାକୁ ମାଆ ହରିଣର ପ୍ରାଣମୂର୍ଚ୍ଛା ଉଦ୍ୟମ

**ରାଜନଗର,୨୭।୯ (ସମିସ):** ଯୁଗେ ଯୁଗେ ସନ୍ତାନ ଯେତେବେଳେ ବିପଦରେ ପଡ଼େ, ସେଇଠି ମାନବ ହେଉ ବା ବନ୍ୟପ୍ରାଣୀ ସନ୍ତାନକୁ ବିପଦ ମୁହଁରୁ ରକ୍ଷା ପାଇଁ ଜୀବନକୁ ବାଜିରେ ଲଗାଇ ନିଜ ସନ୍ତାନକୁ ଉଦ୍ଧାର ପାଇଁ ପ୍ରାଣ ଯିବାଯାଏ ଉଦ୍ୟମ କରିଥାଏ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭିତରକନିକା ଜାତୀୟ ଉଦ୍ୟାନରେ। ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଜାତୀୟ ଉଦ୍ୟାନ ସଂଲଗ୍ନ କାଳିଭଞ୍ଜଡ଼ିଆ ଦ୍ୱୀପରେ ବସବାସ କରୁଥିବା ହରିଣଟିଏ ତିନି ମାସର ଛୁଆ ସହିତ ନଦୀ କୂଳରେ ଖାଦ୍ୟ ସଂଗ୍ରହ



ସମୟରେ ହରିଣ ଶାବକଟି ନଦୀ ସ୍ରୋତରେ ଭାସିଯିବାରୁ ମାଆ ହରିଣୀ ଉଦ୍ଧାର କରିବା ପାଇଁ ନଦୀର ପ୍ରଖର ସ୍ରୋତକୁ ଡେଇଁ ପଡ଼ି ପ୍ରୟାସ କରିଥିଲା। ତେବେ ଖବର ପାଇ କନିକା ରେଞ୍ଜ ଅଫିସର ଚିତ୍ରସେନ ଜେନାଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ଉଦ୍ୟାନ ବନପାଳ ପ୍ରଶାନ୍ତ ସିଂ ତାଙ୍କ ଟିମ ସହ ବୋଟ ମାଧ୍ୟମରେ ଭରା ନଈରୁ ହରିଣ ଓ ତାର ଶାବକକୁ ଉଦ୍ଧାର କରି ଜାତୀୟ ଉଦ୍ୟାନକୁ ଆଣିଥିଲେ। ସେଠାରେ ହରିଣର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜାତୀୟ ଉଦ୍ୟାନ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ମାଆର ତ୍ୟାଗ ନିକଟରେ ସବୁ ବିପଦ ଉଭେଇ ଯାଏ। ଯାହା ଏହି ଘଟଣା ପ୍ରମାଣ ପୁଣିଥରେ କରିଛି। ଆଜିର ଅର୍ଥ ସର୍ବସ୍ୱ ମଣିଷଙ୍କ ପାଇଁ ଏହା ଏକ ଉଦାହରଣ ସୃଷ୍ଟି କରିଛି।

## ଡିଖିରି ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ

# ଘର ପୋଡ଼ି ପାଉଁଶ; ୨ଟି ଗାଈ ଓ ୨ଟି ବାଛୁରୀ ଜୀବନ୍ତଦଗ୍ଧ

**ମହାକାଳପଡ଼ା,୨୭।୯ (ସମିସ):** ମହାକାଳପଡ଼ା ବ୍ଲକ ଡିଖିରି ଗ୍ରାମରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ ସର୍ଟ ସର୍କିଟ୍ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଥିରେ ପରିବାରର ସର୍ବସ୍ୱ ଜଳିଯିବା ସହ ଗୋରୁଗାଈ ମଧ୍ୟ ପୋଡ଼ି ମୃତ୍ୟୁବରଣ କରିଛନ୍ତି।



ଶନିବାର ରାତିରେ ଗ୍ରାମର କାର୍ତ୍ତିକ ଚନ୍ଦ୍ର ପଳାଇଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ମୁହୂର୍ତ୍ତକ ଭିତରେ ଏହା ସମଗ୍ର ଘରକୁ ବ୍ୟାପି ଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ଅନ୍ୟାନ୍ୟ ଜିନିଷପତ୍ର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ସବୁଠାରୁ ଦୁଃଖର ବିଷୟ ଯେ, ଅଗ୍ନିକାଣ୍ଡରେ ଗୁହାଳରେ ବନ୍ଧା ହୋଇଥିବା ୨ଟି ଗାଈ ଓ ୨ଟି ବାଛୁରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଖବର ପାଇ ମାର୍ଶାଘାଇ ଓ ମହାକାଳପଡ଼ାରୁ ଦୁଇଟି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଠିନ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସବୁକିଛି ଜଳି ପାଉଁଶ ହୋଇସାରିଥିଲା। ଏ ସମ୍ପର୍କରେ ଖବର ପାଇବା ପରେ ରାଜସ୍ୱ ନିରୀକ୍ଷକ ଗିଟୁ ରଞ୍ଜନ ବେହେରା ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହ ପୀଡ଼ିତ ପରିବାରକୁ ପଲିଥିନ୍ ପ୍ରଦାନ କରିଛନ୍ତି। ସେହିପରି ପଶୁ ସମ୍ପଦ ବିଭାଗ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋସମ୍ପଦକୁ ଅନୁଧ୍ୟାନ କରିଛନ୍ତି। ଏହି ଭୟଙ୍କର ଅଗ୍ନିକାଣ୍ଡ ପରେ କାର୍ତ୍ତିକଙ୍କ ୬ ଜଣିଆ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ଉଚିତ୍ କ୍ଷତିପୂରଣ ଓ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବନ ବିଭାଗ ଦୃଷ୍ଟି ଆଢୁଆଳରେ ରାଜନଗର ବନ୍ୟ କାର୍ଯ୍ୟାଳୟ ରାସ୍ତା

**ଡେରାବିଶ, ୨୭।୯ (ସମିସ):** ଡେରାବିଶ ବ୍ଲକ୍ ଅଧୀନ ରଘୁଦେଇପୁର ପଞ୍ଚାୟତର ରାଜନଗରସ୍ଥ ଫରେଷ୍ଟ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା କେନ୍ଦ୍ରାପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ବିଭାଗ ଅଧୀନରେ ଥିବା ନର୍ସରୀ ଉପରେ ବ୍ଲକ୍ ଅଧୀନ ୨୬ଟି ପଞ୍ଚାୟତ ସମେତ ପଡ଼ୋଶୀ କେନ୍ଦ୍ରାପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସାମାଜିକ ବନୀକରଣ ଯୋଜନାରେ ନିଜ ପଞ୍ଚାୟତରେ ବୃକ୍ଷରୋପଣ ପାଇଁ ପ୍ରତ୍ୟେକ ଏହି ନର୍ସରୀରୁ ଶହ ଶହ ସଂଖ୍ୟାରେ ଚାରା କ୍ରୟ କରି ନିଜ ପଞ୍ଚାୟତରେ ବୃକ୍ଷରୋପଣ କରିଥା'ନ୍ତି। ମାତ୍ର ବିଭାଗୀୟ ନର୍ସରୀକୁ ଯାଇଥିବା ରାସ୍ତାଟି ସମ୍ପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାବେଳେ ବିଭାଗ ପକ୍ଷରୁ ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ଛୋଟି ପଞ୍ଚାୟତର ସରପଞ୍ଚ ରଜନୀ ମଲିକ କହିଛନ୍ତି। ବିଭିନ୍ନ ସମୟରେ ଚାରା ଆଣିବା ପାଇଁ ଯାଉଥିବା ଚାରିଚକିଆ ଓ ତିନିଚକିଆ ଗାଡ଼ି ବିଭିନ୍ନ ସମୟରେ ନର୍ସରୀକୁ ଯାଇଥିବା ରାସ୍ତାରେ ଓଲଟି ପଡ଼ିବା ଭଳି ଘଟଣା ଦେଖିବାକୁ ମିଳୁଛି। ନର୍ସରୀରେ କାର୍ଯ୍ୟରତ ବନ କର୍ମଚାରୀ ମଧ୍ୟ ପରିବାର ସହ ସେଠାରେ ରହୁଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଲୋକପ୍ରତିନିଧି ବନ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିବା ସରପଞ୍ଚ ରଜନୀ କହିଛନ୍ତି। ଶୁକ୍ରବାର ଛୋଟି



ପଞ୍ଚାୟତ ପାଇଁ ଚାରା ଆଣିବାକୁ ଯାଉଥିବା ଏକ ଟ୍ରାକ୍ଟରର ଚକ ଏହି ରାସ୍ତାରେ ଦବିଯିବା ଫଳରେ ନର୍ସରୀକୁ ଆସିଥିବା ଅନ୍ୟ ଗାଡ଼ି ମଧ୍ୟ ଅଟକି ରହିଥିଲା। ତେବେ ବହୁ ଚେଷ୍ଟା ପରେ ଏହି ଟ୍ରାକ୍ଟର କାଦୁଅରୁ ବାହାରିବା ପରେ ଚାରା ଆଣିବା ପାଇଁ ଯାଇଥିବା ଅନ୍ୟ ଗାଡ଼ି ନର୍ସରୀ ଭିତରକୁ ଯାଇଥିଲା। ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ଛୋଟି ସରପଞ୍ଚ ରଜନୀ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ସେହିପରି ମୁକୁନ୍ଦପୁର ପଞ୍ଚାୟତ ପକ୍ଷରୁ ବନୀକରଣ ନିମନ୍ତେ ଚାରା ଆଣିବାକୁ ଯାଇଥିବା ଗାଡ଼ି ମଧ୍ୟ ଏହି ରାସ୍ତାରେ ଦବିଯାଇଥିଲା। ସ୍ଥାନୀୟ ଏକ ଟ୍ରାକ୍ଟର ଦ୍ୱାରା ଏହି ଗାଡ଼ିକୁ ବିଳମ୍ବିତ ରାତିରେ କାଦୁଅ ମଧ୍ୟରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ଏ ବିଷୟରେ ଫରେଷ୍ଟର ସୁକାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଲେ ରାସ୍ତାର ଉନ୍ନତୀକରଣ ପାଇଁ ତାଙ୍କ ବିଭାଗ ପକ୍ଷରୁ ଆର୍ଥିକ ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ କହିଲେ, ବନ ବିଭାଗ ପକ୍ଷରୁ ତାଙ୍କୁ ଲିଖିତ ଆବେଦନ କଲେ ସେ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ 'ଓଡ଼ିଶା ପ୍ରୋମୋ ରନ୍'

# ସୁସ୍ଥ ଜୀବନଶୈଳୀ ସହ ପର୍ଯ୍ୟଟନ ପ୍ରଚାରର ବାର୍ତ୍ତା ଦେଲେ ଧାବକ

**କେନ୍ଦ୍ରାପଡ଼ା,୨୭।୯ (ସମିସ)**



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଆଜି କେନ୍ଦ୍ରାପଡ଼ାରେ 'ଓଡ଼ିଶା ପ୍ରୋମୋ ରନ୍ କେନ୍ଦ୍ରାପଡ଼ା' ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରସାର ସହ ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ଉଦ୍ଦେଶ୍ୟରେ ଆୟୋଜିତ ପ୍ରୋମୋ ରନ୍‌ରେ ଧାବକ ଓ ସାଧାରଣ ନାଗରିକଙ୍କ ଉତ୍ସାହଜନକ ଅଂଶଗ୍ରହଣ ପରିଲକ୍ଷିତ ହୋଇଥିଲା।

ଆଜି ସକାଳ ୬ଟା ୩୦ ମିନିଟ୍‌ରେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ନିକଟସ୍ଥ ଯାତ୍ରୀ ନିବାସଠାରୁ ପ୍ରୋମୋ ରନ୍‌ର ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ଏହି ରନ୍‌ର ଶୁଭାରମ୍ଭ କରିଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶିବମ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ମାଇଁ ଭାରତର ଯୁବ ଅଧିକାରୀ ସିଦ୍ଧାର୍ଥ ଯାଦବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଧାବକ ଓ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ମାର୍ଗ ଅନୁଯାୟୀ ଧାବକମାନେ ଶ୍ରୀଗୁଣ୍ଡିଚା ମନ୍ଦିର, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଓ ଇନ୍‌ଡୋର ଷ୍ଟାଡିୟମ୍ ଦେଇ ଦୌଡ଼ି ପୁନର୍ବାର ବଳଦେବଜୀଉ ଯାତ୍ରୀ ନିବାସଠାରେ ପହଞ୍ଚିଥିଲେ। ସେଠାରେ ହିଁ ରନ୍‌ର ସମାପ୍ତି ହୋଇଥିଲା। ଏହି ପ୍ରୋମୋ ରନ୍‌ର ମୁଖ୍ୟ ବାର୍ତ୍ତା ଥିଲା ଦୌଡ଼ ମାଧ୍ୟମରେ ନିୟମିତ ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି କରିବା ସହ କେନ୍ଦ୍ରାପଡ଼ାର ସାଂସ୍କୃତିକ, ଐତିହାସିକ ଓ ପର୍ଯ୍ୟଟନ ସମ୍ଭାବନାକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥିଲା। ଏଥିସହ ଆଗାମୀ ଓଏମସି ପୁରୀ କୋଷ୍ଟାଲ୍ ମାରାଥନ୍-୨୦୨୬, ଯାହା ୧୩ ଡିସେମ୍ବର ୨୦୨୬ରେ ଅନୁଷ୍ଠିତ ହେବ। ତାହାର ପ୍ରଚାର ଓ ଜନସଚେତନତା ସୃଷ୍ଟି ମଧ୍ୟ ଏହି ପ୍ରୋମୋ ରନ୍‌ର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା ଓ ପର୍ଯ୍ୟଟନ ବିକାଶ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ାର ମିଳିତ ସହଯୋଗରେ ଏହି ପ୍ରୋମୋ ରନ୍ ଆୟୋଜିତ ହୋଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱ ଦେଖ ମଧୁମୟରେ ଜୀବନ ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ ତୋ ପାପ ମରଣ ଭୟ।
-ସ୍ୱଭାବ କବି ଗଙ୍ଗାଧର ମେହେର

## ଆମେରିକା-ଚୀନ୍-ଭାରତ

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସାମ୍ପ୍ରତିକ ଆମେରିକା ଗସ୍ତ ପୁଣିଥରେ ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତୀବ୍ର ରଣନୈତିକ ମତଭେଦ ସତ୍ତ୍ୱେ ଆମେରିକା ଓ ଚୀନ୍ ପରସ୍ପର ଉପରେ ନିର୍ଭରଶୀଳ ହେବା କେବଳ ସମୟର ଆବଶ୍ୟକତା ନୁହେଁ, ଭୂରାଜନୀତିର ବାଧ୍ୟବାଧକତା - ଏହା ପ୍ରମାଣିତ ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଆଲୋଚନାରେ ବାଣିଜ୍ୟ, ଶୁଳ୍କ, କୃତ୍ରିମ ବୁଦ୍ଧିମତ୍ତା, ତାଇୱାନର ସାର୍ବଭୌମ ପ୍ରସଙ୍ଗ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ବ୍ୟାପକ ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହାର ପ୍ରଭାବ କ'ଣ ରହିବ ତାହା ଅନିଶ୍ଚିତ। ଏବେ ବିଶ୍ୱରେ ଦୁଇ ଧ୍ରୁବ ଭାବେ ଉଭା ହୋଇଥିବା ଆମେରିକା ଓ ଚୀନ୍‌ର ରାଷ୍ଟ୍ରମୁଖ୍ୟସ୍ତରୀୟ ଆଲୋଚନା କିନ୍ତୁ ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ବିରତିକୁ ସମ୍ପ୍ରସାରିତ କରିଛି, ଯାହାର ତତ୍କାଳ ସକାରାତ୍ମକ ପ୍ରଭାବ ବିଶ୍ୱବାଣିଜ୍ୟ ଉପରେ ପଡ଼ିବାକୁ ଯାଉଛି।

ସି ଜିନ୍‌ପିଙ୍ଗଙ୍କ ଆମେରିକା ଗସ୍ତ ଓ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବୁଝାମଣା ଭାରତ ପାଇଁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏବେ ଆମେରିକୀୟ ଓ ଅନ୍ୟାନ୍ୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଉତ୍ପାଦନ ହବ୍ ପ୍ରତିଷ୍ଠା ପାଇଁ ଚୀନ୍‌ରୁ ଭାରତମୁହାଁ ହୋଇଛନ୍ତି। ଟ୍ରମ୍ପ ଓ ଜିନ୍‌ପିଙ୍ଗ ଯଦି ଏ କ୍ଷେତ୍ରରେ ବନ୍ଧୁତ୍ୱର ହାତ ବଢ଼ାନ୍ତି ତେବେ ଭାରତ ପାଖରୁ ସେହି ସୁଯୋଗ ଚାଲିଯିବ। ତେଣୁ ଭାରତ ଏବେଠାରୁ ନିଜର ଉତ୍ପାଦନ ଇକୋସିଷ୍ଟମ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ ଓ ନିବେଶ ପରିବେଶକୁ ସୁଦୃଢ଼ କରିବାକୁ ପଡ଼ିବ। ଭାରତର ବାଣିଜ୍ୟ ଅର୍ଥନୀତି ଉପରେ ମଧ୍ୟ ଆମେରିକା-ଚୀନ୍ ବାଣିଜ୍ୟ ସମ୍ପର୍କର ପ୍ରଭାବ ପଡ଼ିବ। ଯଦି ବିଶ୍ୱର ଦୁଇ ବୃହତ୍ ଅର୍ଥନୀତିଙ୍କ ମଧ୍ୟରେ ବାଣିଜ୍ୟ ବୁଝାମଣା ସରଳ ଓ ମୁକ୍ତ ହୁଏ ତେବେ ଆମେରିକା ବଜାରରେ ଚୀନ୍ ନିଜର ଆଧିପତ୍ୟ ପୁଣି ବିସ୍ତାର କରିପାରିବ। ଏହାଦ୍ୱାରା ଆମେରିକାରେ ଭାରତର ରପ୍ତାନୀ ବାଣିଜ୍ୟ ବଜାର କ୍ଷତିଗ୍ରସ୍ତ ହେବ।



ଆମେରିକା ଓ ଚୀନ୍ ମଧ୍ୟରେ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା କୃତ୍ରିମ ବୁଦ୍ଧିମତ୍ତା ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଉଭୟ ଦେଶ ପ୍ରଯୁକ୍ତିବିଦ୍ୟାର ତୀବ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନା ଜାରି ରଖିବାକୁ ସହମତ ହୋଇଛନ୍ତି। ଭାରତ ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଛି। ଭାରତ ଏବେ ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା ଓ ଟେଲିଯୋଗାଯୋଗକୁ ଅଧିକ ଗୁରୁତ୍ୱ ଦେଉଛି। ତେଣୁ ଆମେରିକା ଓ ଚୀନ୍ ମଧ୍ୟରେ କୌଣସି ଚୁକ୍ତି ହେଲେ ଏଥିପାଇଁ ଆବଶ୍ୟକ କଞ୍ଚାମାଲ୍‌ର ବିଶ୍ୱ ଯୋଗାଣ ଶୃଙ୍ଖଳା ଓ ମୂଲ୍ୟକୁ ପ୍ରଭାବିତ କରିବ ଏବଂ ଭାରତ କ୍ଷତି ସହିବ। ତେଣୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବିବିଧ ଉତ୍ସ ଏବଂ ଦୃଢ଼ ଘରୋଇ ପ୍ରକ୍ରିୟାକରଣ କ୍ଷମତା ବିକାଶ ଦିଗରେ ଧ୍ୟାନ ଦେବା ଆବଶ୍ୟକ।

ଆମେରିକା-ଚୀନ୍ ସମ୍ପର୍କ ଭାରତର ରଣନୈତିକ ପରିବେଶକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ସେହି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଏ, ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମେରିକାର କୂଟନୀତି ଓ ରଣନୀତିରେ ପରିବର୍ତ୍ତନ ଆସିବା ନିଶ୍ଚିତ। ଯଦି ସେପରି ହୁଏ ତେବେ ଭାରତ ମଧ୍ୟ ନିଜ ରଣନୀତିକୁ ପରିବର୍ତ୍ତନ କରିବା ଆବଶ୍ୟକ, ଯେଉଁଥିରେ ଆମେରିକା ସହିତ ଫଳପ୍ରଦ ସମ୍ପର୍କ ବଜାୟ ରହିବ ଏବଂ ଅପରପକ୍ଷରେ ଚୀନ୍ ସହିତ ଥିବା ଜଟିଳ ସମ୍ପର୍କର ପରିଚାଳନା, ଜାପାନ, ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆ ସହିତ ସମ୍ପର୍କ ସୁଦୃଢ଼ ଏବଂ ବ୍ରିକ୍ସ ଓ ସାଂଘାଇ ସହଯୋଗ ସଂଗଠନ ଭଳି ମଞ୍ଚ ସହିତ ସକ୍ରିୟ ସମ୍ପର୍କ ବଜାୟ ରଖିବାକୁ ପଡ଼ିବ। ଏବେ ଭାରତ ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ର ସଦସ୍ୟ ରହିଛି। ଏହା ମୁଖ୍ୟତଃ ଚୀନ୍ ବିରୋଧୀ। ଆମେରିକା ଓ ଚୀନ୍ ଯଦି ପରିବର୍ତ୍ତିତ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ବୁଝାମଣା କରନ୍ତି ତେବେ ଭାରତ କେଉଁ ପକ୍ଷ ନେବ ତାହା ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଆମେରିକା ଏବେ ପୁଣି ଥରେ ପାକିସ୍ତାନ ଉପରେ ଦୟାଳୁ ହୋଇଥିବା ଦେଖାଯାଉଛି। ପାକିସ୍ତାନକୁ ଚୀନ୍ ଭରାତ ବିରୋଧରେ କଣ୍ଟେଇ ଭଳି ବ୍ୟବହାର କରୁଛି। ତେଣୁ ଆମେରିକା-ଚୀନ୍ ଆଲୋଚନାକୁ କେବଳ ଦୁଇଟି ମହାଶକ୍ତି ମଧ୍ୟରେ ଏକ ପ୍ରତିଯୋଗିତା ଭାବରେ ନୁହେଁ, ବରଂ ଏକ ପରିବର୍ତ୍ତିତ ଆନ୍ତର୍ଜାତୀୟ ଅର୍ଥନୈତିକ ଓ ଭୂରାଜନୈତିକ ରଣନୀତିର ଏକ ଅଂଶ ଭାବରେ ଦେଖାଯିବା ଉଚିତ।

ଏବେ ଆମେରିକା ଓ ଚୀନ୍ ଅନେକ ପ୍ରସଙ୍ଗରେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ ସେମାନଙ୍କ ମୂଳ ଲକ୍ଷ୍ୟ ରହିଛି ଅର୍ଥନୈତିକ ଓ ରଣନୈତିକ ସ୍ଥିରତା। ତେଣୁ ଭାରତ ମଧ୍ୟ ସାର୍ବଭୌମତ୍ୱ ସହିତ ନିଜର ଆର୍ଥିକ ରଣନୈତିକ ସ୍ୱାୟତ୍ତତାର ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାକୁ ହେବ। ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଓ ବାଣିଜ୍ୟ କ୍ଷେତ୍ରରେ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ଚୂଡ଼ାନ୍ତ ହେବାକୁ ଯାଉଛି। ଅପରପକ୍ଷରେ ଚୀନ୍ ଓ ଅନ୍ୟାନ୍ୟ ପ୍ରମୁଖ ଶକ୍ତି ସହିତ ଭାରତ ଅର୍ଥନୈତିକ ଓ କୂଟନୈତିକ ସମ୍ପର୍କ ବଜାୟ ରଖିଛି। ତେଣୁ ଭାରତ ନିଜସ୍ୱ ସନ୍ତୁଳିତ ଓ ଗୋଷ୍ଠୀ ନିରପେକ୍ଷ ନୀତିରେ ଅଟଳ ରହିବା ଉଚିତ। ଅଧିକନ୍ତୁ ଭାରତ ଏବେ ଦକ୍ଷିଣ ବିଶ୍ୱର ନେତୃତ୍ୱ ନେବାରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ। ●

## ଶରୀରର ପରିଚୟ ପତ୍ର

ସୌମ୍ୟ ରଞ୍ଜନ ପ୍ରଧାନ

ଆଜି ଆମକୁ ଚିହ୍ନିବା ପାଇଁ ଆଧାର କାର୍ଡ କିମ୍ବା ପାସପୋର୍ଟ ଦରକାର। କିନ୍ତୁ ଏହି ଆଧୁନିକ ପରିଚୟପତ୍ରଗୁଡ଼ିକ ଆସିବାର ବହୁପୂର୍ବରୁ ମଣିଷ ନିଜ ପରିଚୟକୁ ନିଜ ଦେହରେ ବହନ କରୁଥିଲା। ଏହା ଥିଲା ଅଳଙ୍କାର। ଏଥିରୁ ଜଣାପଡୁଥିଲା ଜଣେ ବ୍ୟକ୍ତି କେଉଁ ଧର୍ମର, କେଉଁ ସମ୍ପ୍ରଦାୟର, କେଉଁ ଅଞ୍ଚଳର ବାସିନ୍ଦା, ତାଙ୍କ ବିବାହିତ ସ୍ଥିତି, ସାମାଜିକ ପରିଚୟ ଏବଂ ପାରିବାରିକ ପରମ୍ପରା। ଦେହ ନିଜେ ଏକ ପରିଚୟପତ୍ର ଥିଲା ଏବଂ ଅଳଙ୍କାର ଥିଲା ତାହାର ଭାଷା।

ମନୁଷ୍ୟ କାହିଁକି ଅଳଙ୍କାର ପିନ୍ଧିବା ଆରମ୍ଭ କଲା? ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଚାର୍ଲ୍ସ ଡାରୱିନ୍‌ଙ୍କ ମତ ଅନୁସାରେ ମୟୂର ପୁଚ୍ଛ ପରି ଅଳଙ୍କାର ଏକ ମୂଲ୍ୟବାନ ସଙ୍କେତ, ଯାହା ସମୟ, ଶ୍ରମ ଓ ଦକ୍ଷତା ବଳରେ ଜଣେ ନିଜର ସୁସ୍ଥତା ଓ ବୁଦ୍ଧିମତ୍ତା ଘୋଷଣା କରେ। ଆଉ ଏକ ଲୋକପ୍ରିୟ ମତ ଅନୁସାରେ, ଅଳଙ୍କାର ପ୍ରଥମେ ରକ୍ଷା ପାଇଁ ଆସିଲା। ମେସୋପଟାମିଆର କାର୍ନେଲିଆନ ଆମୁଲେଟ, ମିଶରର ହୋରସ ଆଖି, ଭାରତର ତାବିଜ ଏ ସବୁ ରକ୍ଷା କବଚ। ଗଳାରେ କ୍ରସ୍ ଝୁଲାଇ ଥିବା ବ୍ୟକ୍ତି ଖ୍ରୀଷ୍ଟିଆନ ଏବଂ ତାରା ଝୁଲାଇ ଥିବା ବ୍ୟକ୍ତି ଇହୁଦୀ, ହାତରେ କଡ଼ା ଥିବା ବ୍ୟକ୍ତି ଶିଖ ଏବଂ ହାତର ଶଙ୍ଖା ହିନ୍ଦୁ ଧର୍ମର ଏକ ପରିଚୟ। ଅଳଙ୍କାର ଦ୍ୱାରା ବ୍ୟକ୍ତିବିଶେଷଙ୍କ ଜାତି ଏବଂ ସେ କେଉଁ ସ୍ଥାନର ବାସିନ୍ଦା ଜାଣିବାର ସବୁଠାରୁ ଭଲ ଉଦାହରଣ ହେଉଛି ମଙ୍ଗଳସୂତ୍ର। ମହାରାଷ୍ଟ୍ରରେ ପାରମ୍ପରିକ ଡିଜାଇନ୍ ଦୁଇଟି ଖୋଖା ସୁନା ପିଆଲା ପାଇଁ ପ୍ରସିଦ୍ଧ, ଯାହାକୁ 'ବାଟି' କୁହାଯାଏ। ମହାରାଷ୍ଟ୍ରରୁ ରାଜସ୍ଥାନକୁ ଗଲେ ଚିତ୍ର ବଦଳିଯାଏ। ଏଠାରେ ମଙ୍ଗଳସୂତ୍ର ମୀନାକାରୀ, କୁନ୍ଦନ କିମ୍ବା ପୋଲକୀ ଭଳି ପାରମ୍ପରିକ କଳାରେ ତିଆରି। ପଶ୍ଚିମ ଉପକୂଳକୁ ଆସିଲେ ଗୋଆର କାଶିଥାଳି ମିଳେ। ଏହା ଏକ ସୁନା ଚେନ୍, ଯେଉଁଥିରେ ଉଜ୍ଜ୍ୱଳ ପ୍ରବାଳ ପୋତି ସହ ସୁନା ପୋତି ଗୁନ୍ଥା ହୋଇଥାଏ। ଦକ୍ଷିଣ ଭାରତରେ ଏହି ଅଳଙ୍କାରକୁ 'ଥାଲି' କିମ୍ବା 'ତିରୁମଙ୍ଗଲ୍ୟମ୍' କୁହାଯାଏ। ବିବାହ ରୀତିରେ ଏହା ହଳଦିଆ ସୂତାରେ ବନ୍ଧାଯାଏ, ପରେ ସୁନା ଚେନ୍‌କୁ ବଦଳାଯାଏ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ଏହା 'ପୁସ୍ତେଲୁ' କିମ୍ବା 'ବୋଟ୍ଟୁ' ନାମରେ ଜଣାଯାଏ।



ମଙ୍ଗଳସୂତ୍ରରୁ ଜାତି ଓ ସମ୍ପ୍ରଦାୟ ବିଷୟରେ ମଧ୍ୟ ତଥ୍ୟ ମିଳେ। ବିଶେଷକରି ଦକ୍ଷିଣ ଭାରତରେ ବ୍ରାହ୍ମଣ ଓ ବ୍ୟବସାୟୀ ଜାତିରେ 'ଲଟକଣି'ର ଡିଜାଇନ୍ ସିଧାସଳଖ ପରିବାର କେଉଁ ଦେବତାଙ୍କୁ ପୂଜା କରେ ତାହା ଦର୍ଶାଏ। ଯଦି ବର ପରିବାର ଶୈବ ପରମ୍ପରାର, ତେବେ ଲଟକଣିରେ 'ଶିବଲିଙ୍ଗମ୍' କିମ୍ବା ତିନୋଟି ସମାନ୍ତରାଳ ରେଖା - 'ବିଭୂତି ପଟ୍ଟେ' ଖୋଦିତ ଥାଏ। ଆଉ ଯଦି ବୈଷ୍ଣବ ପରମ୍ପରାର, ତେବେ ଶଙ୍ଖ କିମ୍ବା ଚକ୍ର ଚିହ୍ନ ଥାଏ।

ଆଦିବାସୀ ଜାନଜାତି ପାଇଁ ଅଳଙ୍କାର ଏକ ପ୍ରକାରର ଦୃଶ୍ୟମାନ ପାସପୋର୍ଟ ଭାବରେ କାର୍ଯ୍ୟ କରେ। ନିର୍ଦ୍ଦିଷ୍ଟ ଧାତୁ ମିଶ୍ରଣ, ହାର କିମ୍ବା ନାକଫୁଲର ସଂରଚନା ଦେଖି ଜଣେ ବ୍ୟକ୍ତିଙ୍କ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଏବଂ ସାମାଜିକ ସ୍ଥିତିକୁ ଚିହ୍ନଟ କରାଯାଇପାରେ। ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଡଙ୍ଗରିଆ କନ୍ଧ ମହିଳାମାନେ ତିନୋଟି ନାକଫୁଲ (ମୁର୍ମା), କେଶ ଗଣ୍ଠିରେ ପିନ୍(କାଡ଼ି)ର ଏକ ଶ୍ରେଣୀ ସଜାନ୍ତି। ମାଲକାନଗିରିର ବଣ୍ଡା ଜନଜାତି ମହିଳାମାନେ ଚଉଡ଼ା, ଭାରୀ, ସ୍ତରୀୟ ଆଲୁମିନିୟମ କିମ୍ବା ପିତ୍ତଳ ବେକ ମାଳ (ଖାଗଲା) ପିନ୍ଧନ୍ତି। ବହୁରଙ୍ଗୀ କାଚ ଓ ମଞ୍ଜିର ମାଳା ଉପର ଶରୀରରେ ଝୁଲିଥାଏ।

ଉତ୍ତର ଓ ମଧ୍ୟଓଡ଼ିଶାର ସାନ୍ତାଳ ଓ ଗଡ଼ବା ଜନଜାତି ମହିଳାଙ୍କର ନିର୍ଣ୍ଣାୟକ ଚିହ୍ନ ହେଉଛି 'ହାନସୁଲି', ଯାହା ପାରମ୍ପରିକ ଭାବରେ ଢୋକ୍ରା ପଦ୍ଧତିରେ ତିଆରି ଏବଂ ଗଡ଼ବା ମହିଳାମାନେ ସେମାନଙ୍କର ଅତ୍ୟନ୍ତ ମୋଟା, ଭାରୀ ପିତ୍ତଳ ବ୍ରେସଲେଟ ଓ ନୁପୁର ପାଇଁ ପ୍ରସିଦ୍ଧ। କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଗଡ଼ବା ସମାଜରେ ଶରୀର ଉପରେ ଖୋଦିତ ଟାଟୁ ହେଉଛି ପ୍ରକୃତ ଅଳଙ୍କାର। ଆଦିବାସୀ ପାରମ୍ପରିକ ବିଶ୍ୱାସ ଅନୁସାରେ ଲୌହ, ପିତ୍ତଳ ଓ କାଚର ଅଳଙ୍କାର କେବଳ ଜୀବିତ ସମାଜ ପାଇଁ। କିନ୍ତୁ ଟାଟୁ ମୃତ୍ୟୁ ପରର ସାଥୀ। ଏହା କେବେହେଲେ ଚୋରି ହୋଇପାରେ ନାହିଁ, ହଜିପାରେ ନାହିଁ। ଏହାକୁ ଦେଖି ଆରପାରିରେ ଥିବା ପୂର୍ବଜମାନେ ତାଙ୍କୁ ଚିହ୍ନଟ କରିଥା'ନ୍ତି। ଅନ୍ୟ ଏକ ପରମ୍ପରା ଅନୁସାରେ ଝିଅ ଦେହରେ ଟାଟୁ ଅଙ୍କା ହେବା ପରେ ଯାଇ ସେ ବିବାହଯୋଗ୍ୟ ହୁଏ।

ଅଳଙ୍କାରକୁ ଏକ ଚଳନ୍ତି ବ୍ୟାଙ୍କ କିମ୍ବା ଆର୍ଥିକ ବ୍ୟବସ୍ଥା ରୂପେ ମଧ୍ୟ ଦେଖିହେବ। ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ମହିଳାମାନେ ଅଳଙ୍କାରକୁ ନିଜର ସଞ୍ଚୟ, ବୀମା ଓ ସୁରକ୍ଷା ଭାବରେ ବ୍ୟବହାର କରିଆସିଛନ୍ତି। 'ମନୁସ୍ମୃତି' ଓ 'ନାରଦସ୍ମୃତି' ଭଳି ପ୍ରାଚୀନ ଗ୍ରନ୍ଥରେ 'ସ୍ତ୍ରୀଧନ' ବିଷୟରେ ଉଲ୍ଲେଖ ଅଛି। ବିବାହ ସମୟରେ ମିଳିଥିବା ଅଳଙ୍କାର, ଗହଣା 'ସ୍ତ୍ରୀଧନ' ଅନ୍ତର୍ଭୁକ୍ତ। ଏହା କେବଳ ମହିଳାଙ୍କର। ସ୍ୱାମୀର ଏଥିରେ କୌଣସି ଅଧିକାର ନାହିଁ। କାରଣ ଅଳଙ୍କାର ସାଥିରେ ନିଆଯାଇପାରେ। ଏହାକୁ ଭାଙ୍ଗି ଛୋଟ ଛୋଟ ଟୁକୁଡ଼ା କରାଯାଇପାରେ। ଏହାର ମୂଲ୍ୟ ସବୁଠି ମିଳିପାରେ। ଏହି ବ୍ୟବସ୍ଥା ଆଜି ବି ପ୍ରଚଳିତ। ୧୯୯୪ ମସିହାର ପ୍ରଣୀତ ନିୟମ ଅନୁସାରେ ବିବାହିତା ମହିଳାଙ୍କ ୫୦୦ ଗ୍ରାମ ସୁନା ଅଳଙ୍କାର ଆୟକରରୁ ମୁକ୍ତ। ଯେଉଁ ଗାଁରେ ବ୍ୟାଙ୍କ ନାହିଁ, ସେଠାରେ ଅଳଙ୍କାର ହିଁ ବ୍ୟାଙ୍କ। ମହିଳା ଜଣେ ଆପତକାଳୀନ ପରିସ୍ଥିତିରେ ଗୋଟିଏ ଚୁଡ଼ି ବିକ୍ରି କରି ଟଙ୍କା ପାଇପାରେ। ସ୍ୱାମୀ ମରିଗଲେ, ପରିବାର ଛାଡ଼ିଗଲେ ମହିଳାଟି ନିଜ ଅଳଙ୍କାର ଧରି ସ୍ୱାଧୀନତା ଓ ଆତ୍ମସମ୍ମାନର ଏକ ପଥରେ ବାହାରିଯାଇପାରେ।

ନୋମାଡିକ ଜନଜାତିମାନେ ଏହାକୁ ଆହୁରି ଭଲ ଭାବରେ ବୁଝିଛନ୍ତି। ଗୁଜରାଟ ଓ ରାଜସ୍ଥାନର ରବାରୀ ଜନଜାତିର ମହିଳାମାନେ ୧୫ ରୁ ୨୫ କିଲୋ ଅଳଙ୍କାର ପିନ୍ଧନ୍ତି। ଭିଏତନାମ ଯୁଦ୍ଧ ସମୟରେ ହମଙ୍ଗ ପରିବାରମାନେ ସେମାନଙ୍କ ରୁପା ଅଳଙ୍କାର ପିନ୍ଧି ପଳାଇଥିଲେ। ଏହା ହିଁ ଥିଲା ଖାଦ୍ୟ, ଆଶ୍ରୟ ଓ ପାସପୋର୍ଟ ପାଇଁ ସେମାନଙ୍କର ଏକମାତ୍ର ସମ୍ପତ୍ତି। ଓଡ଼ିଶାର ଆଦିବାସୀ ସମାଜରେ ଗଡ଼ବା, ଧାରୁଆ ଓ ଅନ୍ୟ ଜନଜାତିମାନେ ପୁରୁଣା ରୁପା ମୁଦ୍ରା ଗୁନ୍ଥି ହାର କରିଥା'ନ୍ତି। ଆବଶ୍ୟକ ହେଲେ ଗୋଟିଏ କିମ୍ବା ଦୁଇଟି ମୁଦ୍ରା ବିକ୍ରି କରାଯାଇପାରେ। ଆଜି ବି ଅନେକ ମହିଳା ଅଳଙ୍କାରକୁ ବନ୍ଧା ରଖି ଛୋଟ ବ୍ୟବସାୟ ପାଇଁ ଋଣ ନେଉଛନ୍ତି। ସତ୍ୟ ହେଉଛି, ଯେପର୍ଯ୍ୟନ୍ତ ମହିଳାମାନେ ଜମି, ବ୍ୟାଙ୍କ ଓ ଆଇନରେ ସମ୍ପୂର୍ଣ୍ଣ ଅଧିକାର ପାଇନାହାନ୍ତି, ସେପର୍ଯ୍ୟନ୍ତ ଅଳଙ୍କାର ହିଁ ସେମାନଙ୍କର ସବୁଠାରୁ ନିରାପଦ ଧନ ହୋଇ ରହିବ। ଏହା ବାଧ୍ୟତାମୂଳକ ବାସ୍ତବତା।

ଦେବତାଙ୍କ ଅଳଙ୍କାର ତ ଆଉ ଏକ କଥା। ଶିବଙ୍କ ବେକରେ ଏବଂ ଗଣେଶଙ୍କ ଅଣ୍ଟାରେ ସର୍ପ। ଜଗନ୍ନାଥଙ୍କ ତୁଳସୀ ମାଳା, ନାକଚଣା ଏସବୁ କେବଳ ଅଳଙ୍କାର ନୁହେଁ, ବରଂ ଭକ୍ତିର ଚିହ୍ନ। ଆଉ ଏହି ଚିହ୍ନ ହିଁ ଯଥେଷ୍ଟ। ମୁକୁଟରେ ଗୋଟିଏ ମୟୂର ପୁଚ୍ଛ, ବେକରେ ମୁଣ୍ଡମାଳା କହିଦିଏ ଏ ଦେବକୀ ନନ୍ଦନ ଅବା ମାଆ ଚମୁଣ୍ଡା। ହିନ୍ଦୁ ଧର୍ମରେ ପଶୁମାନଙ୍କୁ ଅଳଙ୍କାର ପିନ୍ଧାଇବା ଏକ ଗଭୀର ଭକ୍ତିର ପ୍ରକାଶ। ଗୋପାଷ୍ଟମୀ ଓ ଦୀପାବଳି ସମୟରେ ଗାଈମାନଙ୍କ ବେକରେ ଏକ ଲାଲ ଦଉଡ଼ି ସହ ଗୁନ୍ଥି ଛୋଟ ପିତ୍ତଳ ଘଣ୍ଟି ପିନ୍ଧାଯାଏ। ହାତୀମାନଙ୍କୁ 'ତ୍ରିଶୂରପୁରମ୍' ମହୋତ୍ସବରେ ତମ୍ବା ଓ ସୁନା ଲେପିତ ଅଳଙ୍କାର ଏବଂ ପୁଷ୍କର ଓଟ ମେଳାରେ ରଙ୍ଗୀନ ପଶମ ସୂତା, କାଠ ପୋତି, ବଟନ, ଦର୍ପଣ ଓ କଉଡ଼ିରେ ତିଆରି ଗୋରବନ୍ଧ ଓ ପିତ୍ତଳ ନୁପୁର ପିନ୍ଧାଯାଏ।

ଆମ ପରମ୍ପରାରେ ଅଳଙ୍କାର ଧାରଣ ନିର୍ଜୀବ ବସ୍ତୁଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ। ଟ୍ରକ୍ ଚାଳକମାନେ ନିଜ ଗାଡ଼ିକୁ ଏକ ଚଳନ୍ତି ବଧୂ ପରି ସଜାନ୍ତି। ଗାଡ଼ିର ଝୁଲଣି ଓ ପିତ୍ତଳ ଘଣ୍ଟି ଠିକ୍ ମହିଳାମାନଙ୍କ ପାୟଲ ଓ ଘୁଙ୍ଗୁରା ପରି। କଳା ପଶମର ଝୁଲ, ଦନ୍ତୁରା ରାକ୍ଷସ ମୁହଁ ଏବଂ ଲେମ୍ବୁ ଓ ସାତଟି ଲଙ୍କାମାଳ ରକ୍ଷାକବଚ ରୂପେ ଝୁଲାଯାଏ ଛୋଟ ପିଲାଙ୍କ ଭଳି। ମଣିଷ କାହିଁକି, କେବେ କିମ୍ବା କେଉଁ ଉଦ୍ଦେଶ୍ୟରେ ଅଳଙ୍କାର ବ୍ୟବହାର କରିବା ଆରମ୍ଭ କଲା, ତାହା ଆମେ ଜାଣିନେ। କିନ୍ତୁ ଏହା ମଣିଷର ଏକ ସାଥୀ ହୋଇ ଜୀବନରେ ରଙ୍ଗ, ଆନନ୍ଦ, ଶୁଭତ୍ୱ ଓ ସୁରକ୍ଷା ସହ ଯୋଡ଼ି ହୋଇରହିଛି। ●

ଭୁବନେଶ୍ୱର, ମୋ: ୭୭୩୫୮୨୬୩୩୮

## ସଂରକ୍ଷଣ ବ୍ୟବସ୍ଥା ଓ ବିକଶିତ ଭାରତର ଆହ୍ୱାନ

ଡ. ଏଚ୍ ପାର୍ଥସାରଥି ପାତ୍ର

ଭାରତ ଏକ ଗଣତାନ୍ତ୍ରିକ ଦେଶ। ଏଠାରେ ପ୍ରତ୍ୟେକ ନାଗରିକଙ୍କୁ ସମାନ ସମ୍ମାନ, ନ୍ୟାୟ ଓ ଉନ୍ନତିର ସୁଯୋଗ ମିଳିବା ଆମ ସମ୍ବିଧାନର ମୂଳ ଆଦର୍ଶ। କିନ୍ତୁ ସାମାଜିକ ଓ ଐତିହାସିକ ଅସମାନତା ଯୋଗୁଁ କିଛିବର୍ଗ ଦୀର୍ଘବର୍ଷ ଧରି ଶିକ୍ଷା ଓ ଚାକିରିର ସୁଯୋଗରୁ ପଛରେ ରହିଥିଲେ। ଏହି ପରିସ୍ଥିତିକୁ ଧ୍ୟାନରେ ରଖି ସଂରକ୍ଷଣ ବ୍ୟବସ୍ଥା ଗଠିତ ହୋଇଛି। ଏହାର ଲକ୍ଷ୍ୟ ସାମାଜିକ ନ୍ୟାୟ ଓ ପ୍ରତିନିଧିତ୍ୱ ବଢ଼ାଇବା। କିନ୍ତୁ ଆଜି ଏକ ପ୍ରଶ୍ନ ଅନେକ ପରିବାର ଓ ଛାତ୍ରଛାତ୍ରୀଙ୍କ ମନରେ ଉଠୁଛି - ଯଦି ଜଣେ ସାଧାରଣ ବର୍ଗର ଛାତ୍ର/ଛାତ୍ରୀ ବହୁତ ଅଧିକ ନମ୍ବର ପାଇ ମଧ୍ୟ ତାଙ୍କ ପାଇଁ ଆସନ ମିଳିବା କଷ୍ଟକର ହୁଏ, ତେବେ ତାଙ୍କର ଦୋଷ କ'ଣ? ଏହି ପ୍ରଶ୍ନ କେବଳ ଗୋଟିଏ ଜାତି ବା ବର୍ଗର ପ୍ରଶ୍ନ ନୁହେଁ; ଏହା ମେଧା, ସାମାଜିକ ନ୍ୟାୟ, ସମାନ ସୁଯୋଗ ଓ ଭବିଷ୍ୟତର ଭାରତ ସମ୍ପର୍କିତ ଏକ ବଡ଼ ଆଲୋଚନା।

ପ୍ରଥମେ ଏଠାରେ ଗୋଟିଏ ତଥ୍ୟଗତ ସ୍ପଷ୍ଟୀକରଣ ଆବଶ୍ୟକ। ନିଟ୍ ୟୁଜିରେ ଜଣେ ସଂରକ୍ଷିତ ବର୍ଗର ପିଲା ୪୦% ପାଇଲେ ମେଡିକାଲ ସିଟ୍ ପାଇଯାଏ ବୋଲି କହିବା ସଠିକ୍ ନୁହେଁ। ୪୦ ପର୍ସେଣ୍ଟାଇଲ୍ ହେଉଛି ଏକ ଯୋଗ୍ୟତା ପାହାଚ। ଏହା ନିଜେ ମେଡିକାଲ ସିଟ୍ ନିଶ୍ଚିତ କରେ ନାହିଁ। ନିଟ୍ ନିୟମରେ ସାଧାରଣ/ସାଧାରଣ ଅର୍ଥନୈତିକ ପଛୁଆ ବର୍ଗ ପାଇଁ ୫୦ ପର୍ସେଣ୍ଟାଇଲ୍ ଏବଂ ତଫସିଲଭୁକ୍ତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ପାଇଁ ୪୦ ପର୍ସେଣ୍ଟାଇଲ୍ ପଏଣ୍ଟ ରହିଛି। ତା'ପରେ ମେଡିକାଲ ଭର୍ତ୍ତି ପାଇଁ ମେରିଟ୍, ବର୍ଗ, ସିଟ୍ ଉପଲବ୍ଧତା, କାଉନ୍‌ସେଲିଂ ଓ ସମ୍ପୃକ୍ତ ନିୟମ ଲାଗୁ ହୁଏ। ତଥାପି ଏହି ତଫାତ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଧରାଯାଉ, ଜଣେ ଛାତ୍ର/ଛାତ୍ରୀ ଅତ୍ୟନ୍ତ ପରିଶ୍ରମ କରି ୯୦% ସ୍ତରର ଉତ୍କୃଷ୍ଟ ଫଳାଫଳ କରିଛନ୍ତି। କିନ୍ତୁ ତାଙ୍କ ବର୍ଗର ଆସନର ପ୍ରତିଦ୍ୱନ୍ଦ୍ୱିତା ଅତ୍ୟଧିକ ଥିବାରୁ ତାଙ୍କ ପସନ୍ଦର ମେଡିକାଲ ସିଟ୍ ମିଳୁନାହିଁ। ସେହି ସମୟରେ ଅନ୍ୟ ଜଣେ ସଂରକ୍ଷିତ ବର୍ଗର ଛାତ୍ର/ଛାତ୍ରୀ ତୁଳନାମୂଳକ କମ୍ ନମ୍ବର ରଖି ମଧ୍ୟ ଆସନ ପାଇପାରନ୍ତି। ପ୍ରଥମ ଛାତ୍ର/ଛାତ୍ରୀଙ୍କ ମନରେ ଅନ୍ୟାୟର ଅନୁଭବ ହେବା ସ୍ୱାଭାବିକ। ତାଙ୍କର ଦୋଷ କ'ଣ? ସରଳ ଉତ୍ତର ହେଉଛି - ତାଙ୍କର କୌଣସି ବ୍ୟକ୍ତିଗତ ଦୋଷ ନାହିଁ। ସେ ଯେଉଁ ପରିବାର, ଜାତି କିମ୍ବା ସାମାଜିକ ପରିଚୟରେ ଜନ୍ମ ନେଇଛନ୍ତି, ସେଥିପାଇଁ ତାଙ୍କୁ ବ୍ୟକ୍ତିଗତ ଭାବରେ ଦୋଷୀ କରାଯାଇପାରେ ନାହିଁ। ସେହିପରି ଆଜିର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୂର୍ବପୁରୁଷଙ୍କ ସାମାଜିକ ପରିସ୍ଥିତି ପାଇଁ ଦୋଷୀ କରାଯାଇପାରେ ନାହିଁ।

ଏଠାରେ ମୂଳ ପ୍ରଶ୍ନ ହେଉଛି - ବ୍ୟକ୍ତିକୁ ନୁହେଁ, ବ୍ୟବସ୍ଥାକୁ କିପରି ଅଧିକ ନ୍ୟାୟସଙ୍ଗତ କରାଯିବ? ଭାରତୀୟ ସମ୍ବିଧାନ ସାମାଜିକ ଭାବେ ପଛୁଆବର୍ଗଙ୍କ ଉନ୍ନତି ପାଇଁ ବିଶେଷ ବ୍ୟବସ୍ଥାର ସୁଯୋଗ ଦେଇଛି। ତାହାର ମୂଳ ଉଦ୍ଦେଶ୍ୟ କାହାକୁ ଅପମାନ କରିବା ନୁହେଁ, ବରଂ ଐତିହାସିକ ଅସମାନତାର ପ୍ରଭାବ କମାଇବା। କିନ୍ତୁ ଏକ ବିକଶିତ ଭାରତ ପାଇଁ ଆମକୁ ଆଉ ଏକ ବଡ଼ ପ୍ରଶ୍ନ ପଚାରିବାକୁ ପଡ଼ିବ - ସଂରକ୍ଷଣ ଆବଶ୍ୟକ କି ନୁହେଁ? ଏହାସହିତ ସଂରକ୍ଷଣର ଲାଭ କାହା ପାଖକୁ ଏବଂ କେତେଦୂର ପହଞ୍ଚିଛି? ଯଦି ଜଣେ ଗରିବ ଶିଶୁ ଭଲ ସ୍କୁଲ, ଭଲ ଶିକ୍ଷକ, ଟିଉସନ୍, କୋଚିଂ, ଅନ୍‌ଲାଇନ୍ କ୍ଲାସ୍ କିମ୍ବା ପୁଷ୍ଟିକର ଖାଦ୍ୟ ପାଇପାରୁନାହିଁ, ତେବେ କେବଳ ପରୀକ୍ଷାରେ ତାଙ୍କୁ ସୁଯୋଗ ଦେବା ଯଥେଷ୍ଟ ନୁହେଁ। ସମାନ ସୁଯୋଗର ଅର୍ଥ ହେଉଛି ଶିଶୁଟି ଛୋଟବେଳୁ ଗୁଣାତ୍ମକ ଶିକ୍ଷା ପାଇବା ଆବଶ୍ୟକ। ତେଣୁ ବିକଶିତ ଭାରତ ପାଇଁ ଆମକୁ ନିମ୍ନଲିଖିତ କେତେକ ଦିଗରେ ଚିନ୍ତା କରିବା ଆବଶ୍ୟକ।

ପ୍ରଥମତଃ, ସମସ୍ତ ବର୍ଗ ପାଇଁ ସରକାରୀ ସ୍କୁଲରେ ଶିକ୍ଷାର ଗୁଣବତ୍ତା ବଢ଼ାଇବା। ଦ୍ୱିତୀୟତଃ, ଗରିବ ପରିବାରର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା, ଛାତ୍ରବୃତ୍ତି, କୋଚିଂ, ଡିଜିଟାଲ୍ ଶିକ୍ଷା ସୁବିଧା ଆଦି ଯୋଗାଇ ଦେବା। ତୃତୀୟତଃ, ସାମାଜିକ ନ୍ୟାୟ ସହିତ ମେଧା ଓ ଦକ୍ଷତାର ମୂଲ୍ୟକୁ ମଧ୍ୟ ସୁରକ୍ଷିତ ରଖିବା। ଚତୁର୍ଥତଃ, ସଂରକ୍ଷଣ ନୀତିର ପ୍ରଭାବକୁ ସମୟ ସମୟରେ ତଥ୍ୟ ଆଧାରରେ ମୂଲ୍ୟାଙ୍କନ କରିବା। ପଞ୍ଚମତଃ, କୌଣସି ଜାତିର ଛାତ୍ର/ଛାତ୍ରୀକୁ ଅନ୍ୟ ଜାତିର ଛାତ୍ର/ଛାତ୍ରୀଙ୍କ ବିରୋଧୀ ଭାବେ ଦେଖାଯିବା ଉଚିତ ନୁହେଁ। 'ବିକଶିତ ଭାରତ'ର ଅର୍ଥ ଏହା ନୁହେଁ ଯେ ଜଣେଙ୍କୁ ଆଗକୁ ନେବା ପାଇଁ ଅନ୍ୟ ଜଣେଙ୍କ ସୁଯୋଗକୁ ଅବମୂଲ୍ୟାନ କରାଯିବ। ବିକଶିତ ଭାରତର ଲକ୍ଷ୍ୟ ହେବା ଉଚିତ ଯେ ପଛୁଆ ଛାତ୍ର/ଛାତ୍ରୀଙ୍କୁ ଉପରକୁ ଉଠାଇବା, କିନ୍ତୁ ପରିଶ୍ରମୀ ଓ ମେଧାବୀ ଛାତ୍ର/ଛାତ୍ରୀଙ୍କୁ ନିରାଶ ନ କରିବା।

ଏହି ଆଲୋଚନାରେ ଆଉ ଏକ କଥା ମନେ ରଖିବା ଆବଶ୍ୟକ। କୌଣସି ଅନୁସୂଚିତ ଜାତି/ଜନଜାତି ବର୍ଗର ଛାତ୍ର/ଛାତ୍ରୀ କମ୍ ନମ୍ବର ପାଇଲେ ସେ ଅଯୋଗ୍ୟ ବୋଲି କୁହାଯାଇପାରିବ ନାହିଁ। ସେହିପରି କୌଣସି ସାଧାରଣ ବର୍ଗର ଛାତ୍ରଛାତ୍ରୀ ଅଧିକ ନମ୍ବର ପାଇଲେ ମଧ୍ୟ ତାଙ୍କୁ ତାଙ୍କ ଜାତି ଯୋଗୁଁ ଦୋଷୀ କରାଯାଇପାରେ ନାହିଁ। ଦୁଇ ପକ୍ଷର ଛାତ୍ର ହେଉଛନ୍ତି ଭାରତର ଭବିଷ୍ୟତ। ବିକଶିତ ଭାରତ କେବଳ ବଡ଼ ଜିଡିପି, ବଡ଼ ରାସ୍ତା, ବଡ଼ ହସ୍ପିଟାଲ ଓ ଆଧୁନିକ ପ୍ରଯୁକ୍ତିରେ ଗଠିତ ହେବ ନାହିଁ। ଭାରତ ସେତେବେଳେ ପ୍ରକୃତରେ ବିକଶିତ ହେବ, ଯେତେବେଳେ ପ୍ରତ୍ୟେକ ଶିଶୁ ନିଜ ପରିଶ୍ରମ, ପ୍ରତିଭା ଓ କ୍ଷମତା ଅନୁଯାୟୀ ଆଗକୁ ବଢ଼ିବାର ବାସ୍ତବ ସୁଯୋଗ ପାଇବେ। ସାମାଜିକ ନ୍ୟାୟସହିତ ସୁଯୋଗର ନ୍ୟାୟ, ଗୁଣାତ୍ମକ ଶିକ୍ଷା ଓ ମେଧାର ସମ୍ମାନ ମଧ୍ୟ ଆବଶ୍ୟକ। ଏହି ସନ୍ତୁଳନ ହିଁ ଏକ ସମାବେଶୀ ଓ ବିକଶିତ ଭାରତର ମଜବୁତ ଆଧାର ହୋଇପାରେ। ●

ବିଶାଖାପଟ୍ଟନମ୍

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ଅଶ୍ୱତ୍ଥ
(Peepal or Sacred Fig Tree- Ficus religiosa)

ପ୍ରକୃତି-ପରିବେଶ

ଅଶ୍ୱତ୍ଥ ବୃକ୍ଷ ଭାରତୀୟ ଉପମହାଦେଶର ଅଧିକାଂଶ ଦେଶ ଯଥା ଭାରତ, ବାଂଲାଦେଶ, ଭୁଟାନ, ନେପାଳ, ପାକିସ୍ତାନ, ପୂର୍ବ ହିମାଳୟ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଥାଇଲ୍ୟାଣ୍ଡ, ମିଆଁମାର ଓ ମାଲେସିଆର ମୂଳ ଜାତ ଉଦ୍ଭିଦ। ଏହା ସାରା ବିଶ୍ୱରେ ପରବର୍ତ୍ତୀ ସମୟରେ ବ୍ୟାପକ ଭାବରେ ପ୍ରସାରିତ ହୋଇଛି। ଏହା ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଜଳବାୟୁରେ ପ୍ରାକୃତିକ ଭାବରେ ଦେଖିବାକୁ ମିଳେ। ଅଶ୍ୱତ୍ଥ ଏକ ଧାର୍ମିକ ଗଛ ଏବଂ ଏହାକୁ ଓଡ଼ିଶା, ବିହାର ଏବଂ ହରିୟାଣାର ରାଜ୍ୟ ଗଛର ମାନ୍ୟତା ଦିଆଯାଇଛି।

ଅଶ୍ୱତ୍ଥ ଏକ ବଡ଼ ପର୍ଣ୍ଣମୋଚୀ କିମ୍ବା ଅର୍ଦ୍ଧ-ଚିର ହରିତ ବୃକ୍ଷ, ଯାହା ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ ବହୁତ ଦୃଢ଼, ଅନେକ ଶାଖା ପ୍ରଶାଖା ବହନ କରେ। ଛାଲି ଧୂସର ଓ ମସୃଣ, ବୟସ ସହିତ ଫାଟି ଫାଟି ଯାଏ। ପତ୍ରଗୁଡ଼ିକ ଲମ୍ବା, ସରଳ, ନିମ୍ନ ଭାଗରେ ହୃତପିଣ୍ଡ ଆକୃତିର, ଅଗ୍ରଭାଗ କ୍ରମଶଃ ସରୁ ହୋଇ ଏକ ସ୍ୱତନ୍ତ୍ର ଲମ୍ବା ଅଙ୍ଗ ଭାବରେ ଶେଷ ହୁଏ। ଯୁବ ପତ୍ରଗୁଡ଼ିକ କ୍ରମଶଃ ଗୋଲାପୀ, ତାମ୍ର ଏବଂ ଶେଷରେ ପରିପକ୍ୱ ହେଲେ ସବୁଜ ରଙ୍ଗର ହୋଇଯାଏ। ଲମ୍ବା ଡେମ୍ଫ ସହ ପତ୍ରଗୁଡ଼ିକ ସାଧାରଣତଃ ତଳ ମୁହାଁ ହୋଇ ଝୁଲୁଥାଏ। ପୁଷ୍ପଗୁଚ୍ଛର ଡେମ୍ଫ ଏକ ରେସେପ୍ଟାକେଲ ବା ଧାରକରେ ପରିଣତ ହୁଏ, ଯାହା ଏକ ଗୋଲାକାର ଫଳ ପରି ଦେଖାଯାଏ ଏବଂ ଏହା ଭିତରେ ଅନେକ କ୍ଷୁଦ୍ର ଏକଲିଙ୍ଗୀ ପୁଷ୍ପ ଥାଏ। ଏହାର ଫଳ ଯୌଗିକ, ଯାହାକୁ 'ସାଇକୋନିୟମ' ବା 'ଉଦୁମ୍ବରକ' କୁହାଯାଏ। ବ୍ଲାଷ୍ଟୋଫାଗା କ୍ୱାଡ୍ରିସେପ୍ସ ନାମକ ଏକ ଆଗାଓନିଡ୍ ୱାସ୍ପ ବା ପୋକ ରେସେପ୍ଟାକଲର ଶୀର୍ଷ ଭାଗରେ ଥିବା ଅଷ୍ଟିଓଲ୍ ବା ଛିଦ୍ର ଦେଇ ପ୍ରବେଶ କରେ ଏବଂ ପରାଗ ସଙ୍ଗମ କ୍ରିୟା ସୃଷ୍ଟି କରେ।

ଏହା ପାରମ୍ପରିକ ଔଷଧରେ ଶ୍ୱାସ, ମଧୁମେହ, ଡାଇରିଆ, ଦାନ୍ତବିନ୍ଧା, ରକ୍ତ ପରିସ୍ରା, ମାଇଗ୍ରେନ୍ ବା ଅଧକପାଳି, କାଛୁ କୁଣ୍ଡିଆ ଚର୍ମ ରୋଗ, ଗ୍ୟାଷ୍ଟ୍ରିକ୍ ବା ଆନ୍ତ୍ରିକ ସମସ୍ୟା, ପ୍ରଦାହ, ସଂକ୍ରାମକ ଏବଂ ଯୌନ ରୋଗ ସମେତ ପ୍ରାୟ ପଚାଶ ପ୍ରକାରର ରୋଗ ପାଇଁ ବ୍ୟବହୃତ ହୁଏ। ଫଳଗୁଡ଼ିକୁ ସାଧାରଣତଃ ଖାଦ୍ୟଯୋଗ୍ୟ ବୋଲି ବିବେଚନା କରାଯାଏ ନାହିଁ। ଏଥିରେ ଏକ ରସ କିମ୍ବା କ୍ଷୀର ଭଳି ଲାଟେକ୍ସ ଥାଏ, ଯାହା ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ବିଷାକ୍ତ ହୋଇଥାଏ। ପାଟି, ପେଟ, ଚର୍ମ ଜଳେ। ଏହି ଗଛର ଗଣ୍ଡିକୁ ଚାଷୀମାନେ ମାଟି ସମତଳକାରୀ ଭାବରେ ବ୍ୟବହାର କରନ୍ତି। ସାଧାରଣତଃ ଉଦ୍ଭିଦଗୁଡ଼ିକ ଦିନ ବେଳେ ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ବିନିମୟ ପାଇଁ ସେମାନଙ୍କର ଷ୍ଟୋମାଟା ବା ପତ୍ର ଛିଦ୍ର ଖୋଲା ରଖନ୍ତି। ରାତ୍ରିକାଳରେ ବନ୍ଦ ରଖନ୍ତି। କିନ୍ତୁ ଅଶ୍ୱତ୍ଥ ବୃକ୍ଷର ସ୍ୱଭାବ ଭିନ୍ନ। ରାତିରେ ଏହାର ଷ୍ଟୋମାଟା ସମ୍ପୂର୍ଣ୍ଣ ବା ଆଂଶିକ ଖୋଲା ରହୁଥିବାରୁ ରାତିରେ ମଧ୍ୟ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଏହାକୁ ମାଲିକ୍ ଏସିଡ୍ ଭାବରେ ସଂରକ୍ଷଣ କରେ। ଦିବାଲୋକରେ ଷ୍ଟୋମାଟା ବନ୍ଦ ହୋଇଯାଏ। ତା'ପରେ ସଂରକ୍ଷିତ ମାଲିକ୍ ଏସିଡ୍ ଭାଙ୍ଗି ଅଙ୍ଗାରକାମ୍ଳକୁ ମୁକ୍ତ କରେ। ଏହାପରେ କ୍ଲୋରୋଫିଲ୍ ବା ପତ୍ରହରିତ୍ ଦ୍ୱାରା ପାରମ୍ପରିକ ଆଲୋକସଂଶ୍ଳେଷଣ କ୍ରିୟା ସମ୍ପନ୍ନ ହୁଏ। ଉପ-ଉତ୍ପାଦ ଭାବରେ ଶର୍କରା ବା ଷ୍ଟାର୍ଚ୍ଚ ଏବଂ ଅମ୍ଳଜାନ ଉତ୍ପାଦନ କରେ। ଏତଦ୍‌ବ୍ୟତୀତ ଏହାଦ୍ୱାରା ଜଳୀୟ ବାଷ୍ପ ନିର୍ଗମନ ନିୟନ୍ତ୍ରଣ ହୁଏ ଏବଂ ବୃକ୍ଷର ଜଳ ସଂରକ୍ଷିତ ରହେ।

ଅଶ୍ୱତ୍ଥ ଏହାର ପ୍ରାଚୀନତା ଏବଂ ଧାର୍ମିକ ଗୁରୁତ୍ୱ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଅଟେ। ଭାରତୀୟ ଉପମହାଦେଶରେ ଚାରୋଟି ପ୍ରମୁଖ ହିନ୍ଦୁ, ବୌଦ୍ଧ, ଶିଖ ଓ ଜୈନ ଧର୍ମରେ ଏହାର ଧାର୍ମିକ ଗୁରୁତ୍ୱ ରହିଛି। ହିନ୍ଦୁ ଓ ଜୈନ ତପସ୍ୱୀମାନେ ପବିତ୍ର ଅଶ୍ୱତ୍ଥ ବୃକ୍ଷ ତଳେ ବସି ଧ୍ୟାନ କରନ୍ତି। ରାଜକୁମାର ସିଦ୍ଧାର୍ଥ ଗୌତମ ଏହି ଜାତୀୟ ଏକ ବୃକ୍ଷ ତଳେ ଜ୍ଞାନ ଲାଭ କରିଥିଲେ ଏବଂ ଭଗବାନ ଗୌତମ ବୁଦ୍ଧ ଭାବରେ ରୂପାନ୍ତରିତ ହୋଇଥିଲେ। ଏହି ସ୍ଥାନଟି ବିହାରର ବୋଧଗୟାଠାରେ ଅବସ୍ଥିତ। ମୂଳ ବୃକ୍ଷଟି ନଷ୍ଟ ହୋଇଯାଇଥିଲେ ମଧ୍ୟ ପିଢ଼ି ପିଢ଼ି ଧରି ଏହାର ଅଂଶବିଶେଷ ଜୀବିତ ରହିଛି। ଏହାର ମୂଳ ଜାତ ଗଛର ଏକ ଶାଖା ୨୮୮ ଖ୍ରୀଷ୍ଟପୂର୍ବରେ ଶ୍ରୀଲଙ୍କାର ଅନୁରାଧାପୁରରେ ରୋପଣ ହୋଇଥିଲା ଏବଂ ଏହା ଜୟଶ୍ରୀମହାବୋଧି ଭାବରେ ଜଣାଯାଏ। ଏହା ୨, ୨୫୦ ବର୍ଷରୁ ଅଧିକ ପୁରୁଣା ବୋଲି ଆକଳନ କରାଯାଏ। ଏହା ଏପର୍ଯ୍ୟନ୍ତ ବଢ଼ୁଛି। (କ୍ରମଶଃ...) ●

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସାପ କାମୁଡ଼ାରେ ଓଡ୍ରାଫ ଯବାନ ଗୁରୁତର



ବାରିପଦା,୨୭।୯(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଓଡ୍ରାଫ ଯବାନ ଅରୁଣ କୁମାର ମହାନ୍ତଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ିଛି। ସେ ଏବେ ବିପଦମୁକ୍ତ ଅଛନ୍ତି। ବେତନଟୀ ବ୍ଲକ ପାଟଳୀପୁରା ପଞ୍ଚାୟତ ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀର ବନ୍ୟାଜଳରେ ଉଦ୍ଧାର କାର୍ଯ୍ୟ ସାରି ଖାଇବା ପରେ ହାତ ଧୋଇବା ସମୟରେ ଏହି ଅଘଟଣ ଘଟିଛି। ସୂଚନା ମୁତାବକ, ଓଡ୍ରାଫ ଟିମ୍‌ର ଯବାନମାନେ ବୋଟ ଯୋଗେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରୁଥିଲେ। ସାପ କାମୁଡିବା ପରେ ତାଙ୍କୁ ତୁରନ୍ତ ଶନିବାର ରାତିରେ ଉଦ୍ଧାର କରାଯାଇ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଜରୁରିକାଳୀନ ଅଧିକାରୀ ତାପସ କୁମାର ମହାନ୍ତ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛନ୍ତି। ତେବେ ଯବାନ ଦ୍ରୁତ ଆରୋଗ୍ୟ ଲାଭ କରୁଥିବାରୁ ସ୍ୱାସ୍ଥ୍ୟ ପ୍ରତି ବିପଦ ନାହିଁ ବୋଲି କୁହାଯାଇଛି।

# ଶିମିଳିପାଳ ସଂଲଗ୍ନ ପାହାଡ଼ରେ ଭୂସ୍ଖଳନ

## ଉଭୟପଟର ଗ୍ରାମବାସୀ ଭୟଭୀତ



ମହୁଲଡିହା,୨୭।୯(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ସଂଲଗ୍ନ ଚାନ୍ଦିଖମଣ ପାହାଡ଼ରେ ଆଜି ହଠାତ ଭୀଷଣ ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେ ସ୍ଥାନକୁ ଯିବା ସମୟରେ ପାଣି କାଦୁଅ ପାହାଡ଼ ପାଦଦେଶରେ ଥିବା ନାଳରେ ମିଶୁଥିଲା। ଏପରିକି ପାହାଡ଼ର ଉଭୟ ପାଶ୍ୱର୍ରେ ପାଣି କାଦୁଅ ଓ ବଡ଼ ବଡ଼ ଗଛ ଉପାଡି ଗର୍ଜନ କରି ଅହରହ ପ୍ରବାହିତ ହେଉଛି। ଏପଟେ ଚମ୍ପାଝର ପଞ୍ଚାୟତର ଆସନବଣି, କିରକିଚିପାଳ ଓ ମାଙ୍କଡବେଡା ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅପରପକ୍ଷରେ କେଶଡିହା ପଞ୍ଚାୟତର ପାହାଡ଼ ସଂଲଗ୍ନ ଗ୍ରାମର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଏ ନେଇ ମହୁଲଡିହା ଥାନାକୁ ଫୋନ କରିଥିଲେ। ଖବର ପାଇ ମହୁଲଡିହା ଥାନା ଅଧିକାରୀ ବିରେନ୍ଦ୍ର କୁମାର ରାଉତ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ସେ ସ୍ଥାନକୁ ଯିବାକୁ ସାହସ କରିପାରିନଥିଲେ। ପାଣିର ସ୍ରୋତ ଗର୍ଜନ କରି ପ୍ରଖର ହେବାରେ ଲାଗିଛି। ସେ ସ୍ଥାନକୁ ନ ଯିବା ଓ ନାଳପାଖ ଲୋକ ସତର୍କ ରହିବାକୁ ଚେତାବନୀ ଦେଇ ପୁଲିସ ମୃତୟନ କରାଯାଇଥିବା ଆଇଆଇସି ବିରେନ୍ଦ୍ର କୁମାର ରାଉତ ସୂଚନା ଦେଇଛନ୍ତି।

## ସୋମବାର 'ନୋ ମିଟିଂ ଡେ'

### ଜନଶୁଣାଣି ପାଇଁ ବୈଠକ ଉପରେ ଲାଗିଲା ରୋକ

ଭୁବନେଶ୍ୱର,୨୭।୯(ସମିସ): ଏଣିକି ପ୍ରତି ସୋମବାର ସରକାରୀ କାର୍ଯ୍ୟାଳୟରେ କୌଣସି ବୈଠକ ହେବନାହିଁ। ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ଅଧିକ ଗୁରୁତ୍ୱ ଦେଇ ରାଜ୍ୟ ସରକାର ସୋମବାରକୁ 'ନୋ ମିଟିଂ ଡେ' ଭାବେ ଘୋଷଣା କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି ହୋଇଛି। ନିର୍ଦ୍ଦେଶ ଅନୁଯାୟୀ ପ୍ରତି ସୋମବାର ସରକାରୀ କାର୍ଯ୍ୟାଳୟରେ ସାପ୍ତାହିକ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି। ତେବେ ସେହିଦିନ ଉଚ୍ଚ ପଦାଧିକାରୀମାନଙ୍କ ପକ୍ଷରୁ ଅନ୍ୟାନ୍ୟ ବୈଠକ ଆୟୋଜନ କରାଯାଉଥିବାରୁ ଅଭିଯୋଗ ଶୁଣାଣି ବାଧାପ୍ରାପ୍ତ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାଫଳରେ ବିଭିନ୍ନ ଅଭିଯୋଗକାରୀଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ପ୍ରଭାବିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ସୋମବାରକୁ ନୋ ମିଟିଂ ଡେ(ଅଣ ବୈଠକ ଦିବସ) ଭାବେ ଘୋଷଣା କରାଯାଇଛି। ଅତ୍ୟନ୍ତ ଜରୁରୀ ନଥିଲେ ସୋମବାର ଦିନ କୌଣସି ପ୍ରକାର ବୈଠକ ନରଖିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଉଚ୍ଚ ପଦାଧିକାରୀମାନେ ସାପ୍ତାହିକ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିପାରିବେ। ତେବେ ସମସ୍ତ ଅତ୍ୟନ୍ତ ଜରୁରୀ ସରକାରୀ କାର୍ଯ୍ୟକୁ ଉପରୋକ୍ତ ନିର୍ଦ୍ଦେଶରୁ ବାଦ୍ ଦିଆଯାଇଛି।

# ୪ ବର୍ଷରେ ୧୧୧ ସାଂସଦ ଓ ବିଧାୟକ ଦଳ ବଦଳାଇଛନ୍ତି

■ ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ନିର୍ବାଚିତ ହୋଇଥିବା ଅନ୍ତତଃ ୧୧୧ ଜଣ ଜନପ୍ରତିନିଧି (ସାଂସଦ ଓ ବିଧାୟକ) ୨୦୨୨ ରୁ ୨୦୨୬ ମଧ୍ୟରେ ନିଜର ଦଳ ବଦଳାଇଛନ୍ତି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ଏବଂ ନାସନାଲ୍ ଇଲେକ୍ସନ୍ ୱାଚ୍‌ର ନୂତନ ରିପୋର୍ଟ ଏହି ତଥ୍ୟ ପ୍ରଦାନ କରିଛି। ଏହି ୧୧୧ ଜଣ ଆଇନପ୍ରଣେତାଙ୍କ ମଧ୍ୟରେ ୨୬ ଜଣ ଲୋକସଭା ସାଂସଦ, ୭ ଜଣ ରାଜ୍ୟସଭା ସାଂସଦ ଏବଂ ୭୮ ଜଣ ବିଧାୟକ ରହିଛନ୍ତି। ଦଳବଦଳ କରିଥିବା ନେତାଙ୍କ ମଧ୍ୟରୁ ୨୯ ଜଣ (୨୬%) ବିଜେପିରେ ଯୋଗ ଦେଇଛନ୍ତି ବୋଲି ରିପୋର୍ଟରୁ ଜଣା ପଡ଼ିଛି। ଏହି ୧୧୧ ଜଣଙ୍କ ମଧ୍ୟରୁ ସବୁଠାରୁ ଅଧିକ ୩୨ ଜଣ (୨୯%) ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିଏଫ୍)ରେ ସାମିଲ ହୋଇଛନ୍ତି। ସେହିପରି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୨୦ ଜଣ ବିଦ୍ରୋହୀ ଲୋକସଭା ସାଂସଦ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସହ ମିଶ୍ରଣ କରିଥିଲେ। ଏନ୍‌ପିସିଆଇ ଭାଗରେ ୧୮% ଦଳବଦଳକାରୀ ନେତା ପଡ଼ିଛନ୍ତି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ କଂଗ୍ରେସ ୯ ଜଣ, ଶିବସେନା ୮ ଜଣ, ଏନ୍‌ପିପି ୬ ଜଣ ଏବଂ ପିପୁଲ୍ସ ପାର୍ଟି ଅଫ୍ ଅରୁଣାଚଳ ୪ ଜଣ ଦଳବଦଳକାରୀ ନେତାଙ୍କୁ ଗ୍ରହଣ କରିଛନ୍ତି।

ଏଡିଆର୍ ରିପୋର୍ଟ ଅନୁଯାୟୀ, ବିଜେପିରେ ଯୋଗ ଦେଇଥିବା ୨୯ ଜଣ ନେତାଙ୍କ ମଧ୍ୟରେ ୭ ଜଣ ରାଜ୍ୟସଭା ସାଂସଦ ଏବଂ ୨୨ ଜଣ ବିଧାୟକ ଅଛନ୍ତି। ତେବେ କୌଣସି ଲୋକସଭା ସାଂସଦ ବିଜେପିରେ ମିଶିନାହାନ୍ତି। କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରୁ ନିର୍ବାଚିତ ହୋଇଥିବା ୭ ଜଣ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ, ରାଘବ ଚଡ୍ଢା, ହରଭଜନ ସିଂହ, ଅଶୋକ ମିତ୍ତଲ, ସନ୍ଦୀପ କୁମାର ପାଠକ, ବିକ୍ରମଜିତ୍ ସିଂହ ସାହନୀ ଏବଂ ରାଜିନ୍ଦର ଗୁପ୍ତା ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଗୋଆର ୮ ଜଣ କଂଗ୍ରେସ ବିଧାୟକ, ଗୁଜରାଟର ୪ ଜଣ କଂଗ୍ରେସ ବିଧାୟକ, ହିମାଚଳ ପ୍ରଦେଶର ୨ ଜଣ, ମଣିପୁରର

### ବିଜେପିରେ ସାମିଲ ହୋଇଛନ୍ତି ୨୬%

### ଏନ୍‌ଡିପିପି ୨୫, ଟିଏମ୍‌ସି ୨୦ ଏବଂ କଂଗ୍ରେସ ହରାଇଛି ୧୯ ନେତା

୫ ଜଣ ଜେଡି(ୟୁ) ବିଧାୟକ, ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି ବିଧାୟକ ମନୋଜ କୁମାର ପାଣ୍ଡେ, ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକ ନିର୍ମଳା ସାପ୍ରେ ଏବଂ କର୍ଣ୍ଣାଟକର କଲ୍ୟାଣ ରାଜ୍ୟ ପ୍ରଗତି ପକ୍ଷର ବିଧାୟକ ଜି. ଜନାର୍ଦ୍ଦନ ରେଡ୍ଡୀ ବିଜେପିରେ ସାମିଲ ହୋଇଛନ୍ତି।

ଏହି ଦଳବଦଳ ପ୍ରକ୍ରିୟା ମୋଟ ୧୭ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଦେଖିବାକୁ ମିଳିଛି। ନାଗାଲାଣ୍ଡରେ ସର୍ବାଧିକ ୩୨ ଜଣ, ପଶ୍ଚିମବଙ୍ଗରେ ୨୦, ତେଲେଙ୍ଗାନାରେ ୯ ଏବଂ ଗୋଆ ଓ ପଞ୍ଜାବରେ ୮ ଜଣ ଲେଖାଏଁ ଜନପ୍ରତିନିଧି ଦଳ ବଦଳାଇଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦଳ ଭାବେ ଏନ୍‌ଡିପିପିରୁ ୨୫ ଜଣ, ଟିଏମସିରୁ ୨୦ ଜଣ ଏବଂ କଂଗ୍ରେସରୁ ୧୯ ଜଣ ନେତା ଅନ୍ୟ ଦଳକୁ ଯାଇଛନ୍ତି। ଏହି ତିନୋଟି ଦଳ ମୋଟ ଦଳବଦଳର ୫୮% (୬୪ ଜଣ) ନେତା ହରାଇଛନ୍ତି। ୫୪୩ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୬ ଜଣ (ପ୍ରାୟ ୫%), ୨୩୩ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭ ଜଣ (୩%), ଏବଂ ୪,୧୦୦ ବିଧାୟକଙ୍କ ମଧ୍ୟରୁ ୭୮ ଜଣ (ପ୍ରାୟ ୨%) ଦଳ ବଦଳାଇଛନ୍ତି। ଏହି ରିପୋର୍ଟ ପ୍ରକାଶ କରିବା ସହ ଏଡିଆର୍ ଦଳବଦଳ ନିରୋଧୀ ଆଇନକୁ ଅଧିକ କଡ଼ାକଡ଼ି କରିବାକୁ ଦାବି କରିଛି।

■ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି

## ତୃତୀୟ ଦିନରେ କଂଗ୍ରେସର ଅହୋରାତ୍ର ଧାରଣା

ଭୁବନେଶ୍ୱର, ୨୭।୯(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଚାଲିଥିବା ଅହୋରାତ୍ର ଧାରଣା ରବିବାର ତୃତୀୟ ଦିନରେ ପହଞ୍ଚିଛି। ଆଜି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଲଲାଟେନ୍ଦୁ ମହାପାତ୍ର, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଜେନା, ସିଦ୍ଧାର୍ଥ ରାଉତରାୟ, ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ତରୁଣ ମିଶ୍ର, ମନୋରଞ୍ଜନ ଦାଶ, ମିହିର ଆଚାର୍ଯ୍ୟ, ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ଧାରଣାରେ ବସି ନିର୍ବାଚନ ଅଧିକାରୀଙ୍କ ଭୋଟ ଚୋରୀକୁ ନେଇ ପ୍ରତିବାଦ କରିଥିଲେ। ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଇସ୍ତଫା ନଦେଲା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

■ ଡକାୟତି ଯୋଜନା ପଣ୍ଡ

## ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ୫ ଗିରଫ

ପୁରୀ,୨୭।୯(ସମିସ): ତାଳବଣିଆ ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଲୁଟିବା ପାଇଁ ଡକାୟତି ଯୋଜନା କରୁଥିବା ୪ ଜଣ ଆନ୍ତଃରାଜ୍ୟ ଡକାୟତ ଓ ଜଣେ ନାବାଳକକୁ ଗିରଫ କରାଯାଇଛି। ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ପୁଲିସକୁ ଖବର ମିଳିଥିଲା ଯେ, କେନ୍ଦ୍ରୀୟ ବିଦ୍ୟାଳୟ ପଛପଟେ ୫ ଜଣ ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଛନ୍ତି। ସଙ୍ଗେ ସଙ୍ଗେ ପୁଲିସ ସେଠାରେ ଚଢ଼ଉ କରି ୫ ଜଣଙ୍କୁ ଧରିଥିଲା। ଏହି ସମୟରେ ଜଣେ ଫେରାର୍ ହୋଇଯାଇଥିଲେ। ଗିରଫ ହୋଇଥିବା ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ପ୍ରସନ୍‌ଜିତ ବେଥ (୨୦), ଆକାଶ ସିଂ (୨୧) ଓ ମଧ୍ୟପ୍ରଦେଶର ଦୀପକ ପର୍ଦ୍ଦି (୪୫), ଧନରାଜ ପର୍ଦ୍ଦି (୧୯)। ସେମାନଙ୍କଠାରୁ ୩ଟି ଲୁହା ରଡ୍, ଲଙ୍କାଗୁଣ୍ଡ ପ୍ୟାକେଟ, ଟର୍ଚ୍ଚ ଓ ଗାମୁଛା ଜବତ ହୋଇଛି। ସେମାନେ ଅନେକ ସଂଗଠିତ ଅପରାଧରେ ଜଡ଼ିତ ଥିବା ସ୍ୱୀକାର କରିଛନ୍ତି। ରବିବାର ଭୋର ସାଢ଼େ ୪ଟାରେ ସମସ୍ତଙ୍କୁ ଗିରଫ କରାଯାଇଛି।

### ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ

## ଆଇସିସି କମିଟି ରିପୋର୍ଟକୁ କାହିଁକି ଚାପିଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୨୭।୯(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଅଶାଳୀନ ଓ ଯୌନ ସୂଚକ ମନ୍ତବ୍ୟ ଦେଇଥିବା ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଅଭିଯୋଗରେ ସତ୍ୟତା ରହିଥିବା ରିପୋର୍ଟ ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ହାତବାନ୍ଧି ବସିଛି। ସ୍ୱର୍ଶକାତର ଘଟଣାଗୁଡ଼ିକରେ ଆଇସିସି ରିପୋର୍ଟଗୁଡ଼ିକୁ କାହିଁକି ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଅଭିଯୁକ୍ତ ଅଧ୍ୟାପକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ କୁଣ୍ଠିତ ହେବା ପଛରେ କେଉଁ କାରଣ ନିହିତ ତାହାକୁ ନେଇ ମଧ୍ୟ ସନ୍ଦେହ ବଢ଼ିଛି।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ଜୁନ୍ ୨୯ ତାରିଖରେ ୪ ଛାତ୍ରୀ ସେମାନଙ୍କୁ ଅଶାଳୀନ ଯୌନସୂଚକ ମନ୍ତବ୍ୟ, ଅସଦାଚରଣ ଏବଂ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ଆଇସିସି କମିଟି ଏହି ଘଟଣାର ତଦନ୍ତ କରିବା ସହ ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟରେ ଘଟଣା ଦିନ ଗେଟ୍ ନମ୍ବର-୪ ନିକଟରେ ୪ ଜଣ ଛାତ୍ରୀଙ୍କୁ ଅଭିଯୁକ୍ତ ଅସଦାଚରଣ କରିଥିବା ଉଲ୍ଲେଖ ରହିଛି। ସବୁଠାରୁ ସାଂଘାତିକ କଥାଟି ହେଉଛି ଏହି ଘଟଣାରେ ପରିସଂଖ୍ୟାନ ବିଭାଗର ସହକାରୀ ପ୍ରାଧ୍ୟାପକ ପି.କେ. ସେଠୀଙ୍କ ସନ୍ଦିଗ୍ଧ ଭୂମିକା। ଛାତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିବା ପରି ଶ୍ରୀ ସେଠୀ ଉପଯୁକ୍ତ ତଥ୍ୟ ପ୍ରଦାନ କରିବାରେ ବ୍ୟର୍ଥ ହୋଇଥିବା, ତାଙ୍କ ବୟାନରେ ଅମେଳ, ଯାଞ୍ଚ କମିଟିକୁ ପ୍ରଭାବିତ କରିବା ଭଳି କାର୍ଯ୍ୟ ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଛି। ଅନୁରୂପ ଭାବରେ ଅଭିଯୁକ୍ତ ଛାତ୍ରଙ୍କୁ ଶିକ୍ଷାନୁଷ୍ଠାନରୁ ନିଲମ୍ବନ ସହ ଅଧ୍ୟାପକ ଶ୍ରୀ ସେଠୀଙ୍କ ସନ୍ଦେହଜନକ କାର୍ଯ୍ୟର ତଦନ୍ତ ପାଇଁ କୁହାଯାଇଛି। ଗତ ଜୁଲାଇ ଦ୍ୱିତୀୟ ସପ୍ତାହରେ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଏହି ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇଥିଲା ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦୁଇ ମାସ ହେଲା ତଦନ୍ତ ରିପୋର୍ଟକୁ ବିଭାଗ ଚାପି ରଖିଥିବାରୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି। ଏନେଇ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ମୌସୁମୀ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଓଡ଼ିଶାରେ ୧,୦୦୦ କୋଟି ନିବେଶ କରିବ 'ଫାର୍ମଏକ୍ସ'

ଭୁବନେଶ୍ୱର,୨୭।୯(ସମିସ): ସିଲିକନ୍ ଭ୍ୟାଲିର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସଂସ୍ଥା ଫାର୍ମଏକ୍ସ ରାଜ୍ୟ ସରକାରଙ୍କ ନିକଟରେ ୧,୦୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆଗତ କରିଛି। ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରେମଲ ଅସର ଏବଂ ଏଆଇ ଓ ପ୍ରଡକ୍ଟ ଇଞ୍ଜିନିୟରିଂ ମୁଖ୍ୟ ଲଳିତ ଭଟ୍ଟଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବଙ୍କ ସହ ସାକ୍ଷାତ କରି ଏହି ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଓଡ଼ିଶାକୁ ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର, ଏଆଇ ସଫ୍ଟୱେର୍, ରୋବୋଟିକ୍ସ ଏବଂ ସ୍ମାର୍ଟ କୃଷି ପ୍ରଣାଳୀର ଏକ ଅତ୍ୟାଧୁନିକ ଉତ୍ପାଦନ ଓ ରପ୍ତାନି ହବ୍ ଭାବରେ ଗଢ଼ିତୋଳିବା ପାଇଁ ଏହାର ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି ଓ ଉତ୍ପାଦନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ଭଳି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚ-ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ କୃଷକଙ୍କ ଆୟ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଅଧୀନରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କ୍ୟାମ୍ପସ ସହ ସ୍ମାର୍ଟ କୃଷି କାର୍ଯ୍ୟକ୍ରମ ପ୍ରତିଷ୍ଠା କରାଯିବ, ଯାହା ୧୧୨୦ଟି ପ୍ରତ୍ୟକ୍ଷ ଏବଂ ପ୍ରାୟ ୩,୭୦୦ଟି ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପୂର୍ଣ୍ଣ କ୍ଷମତାରେ ଏହି କ୍ୟାମ୍ପସରୁ ବାର୍ଷିକ ୧,୦୦୦ଟି ସ୍ୱୟଂଚାଳିତ ଇଲେକ୍ଟ୍ରିକ୍ ଟ୍ରାକ୍ଟର ଏବଂ ୧ ଲକ୍ଷ ଫିଲ୍ଡ-ସେନ୍ସିଂ ୟୁନିଟ୍ ଉତ୍ପାଦନ କରାଯାଇ ଭାରତ ଓ ବିଦେଶୀ ବଜାରକୁ ରପ୍ତାନି କରିବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ରଯୁକ୍ତିବିଦ୍ୟା ଫାର୍ମଏକ୍ସର ଫାର୍ମମ୍ୟାପ୍' ପ୍ଲାଟଫର୍ମ, ସାଟେଲାଇଟ୍ ଫଟୋ, ପେଟେଣ୍ଟପ୍ରାପ୍ତ 'ଓସମୋ' ମୃତ୍ତିକା ଆର୍ଦ୍ରତା ସେନ୍ସର ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ମୋବାଇଲ୍ ଆପ୍ ମାଧ୍ୟମରେ ଚାଷୀମାନଙ୍କୁ ଜଳସେଚନ, କୀଟନାଶକ ଓ ସାରର ସଠିକ୍ ବ୍ୟବହାର ସମ୍ପର୍କରେ ରିଅଲ-ଟାଇମ୍ ସୂଚନା ପ୍ରଦାନ କରିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାନଦୀରେ ବନ୍ୟା...

ଅଗଷ୍ଟ ୩୦ ତାରିଖରେ ମୁଣ୍ଡଳୀ ଦେଇ ଚଳିତ ବର୍ଷ ସର୍ବାଧିକ ୮.୯୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହୋଇଥିଲା। ସେହି ଦୃଷ୍ଟିରୁ ମହାନଦୀର ଏହା ଏକ ଛୋଟ ଧରଣର ବନ୍ୟା ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ବୈତରଣୀ, ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବର୍ଦ୍ଧିତ ଜଳପ୍ରବାହର ସୁଚାରୁ ପରିଚାଳନା ଓ ବନ୍ୟାଜନିତ ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିରନ୍ତର ନିରୀକ୍ଷଣ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଭିନ୍ନ ନଦୀ ଓ ଜଳଭଣ୍ଡାରର ଜଳସ୍ତର, ଜଳପ୍ରବାହ ଏବଂ ଗେଜ୍ ସାଇଟ୍‌ଗୁଡ଼ିକର ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଛି। କ୍ଷେତ୍ରସ୍ତରୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ସଜାଗ ରହି ଆବଶ୍ୟକତାନୁସାରେ ଡ୍ୟାମ୍ ଓ ବ୍ୟାରେଜ୍‌ର ଗେଟ୍ ପରିଚାଳନା କରୁଛନ୍ତି। ଜଳପ୍ରବାହର ପରିବର୍ତ୍ତିତ ସ୍ଥିତିକୁ ନିରନ୍ତର ଅନୁଧ୍ୟାନ କରି ଜନସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଆଜି ବିଜେଡିର...

ସଂଶୋଧନ ଯୋଗୁଁ ରାଜ୍ୟ ସରକାର ଏହି ବିପୁଳ ବକେୟା ଅର୍ଥ ରାଶି ହରାଇଛନ୍ତି ; ସେହିପରି ଭବିଷ୍ୟତରେ ବି ଖଣି ଓ ଖଣିଜ ଜମିଉପରେ ଟିକସ ଲଗାଇବାର ଅଧିକାରକୁ ମଧ୍ୟ କେନ୍ଦ୍ର ସରକାର ହଡ଼ପ କରିନେଇଛନ୍ତି। ଯାହା ଫଳରେ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେବ ଓ ରାଜ୍ୟବାସୀ ନିଜ ଜମିର ଅଧିକାର ହରାଇବେ। ଏହାର ପ୍ରତିବାଦ ସହ ଏହି ଆଇନକୁ ପ୍ରତ୍ୟାହାର ଦାବିରେ ବିଜେଡି ଆସନ୍ତାକାଲି ଲୋୟର ପିଏମଜି ଠାରେ ଏକ ବିଶାଳ ବିକ୍ଷୋଭ କରିବ।

### ବ୍ୟାଙ୍କ ଧର୍ମଘଟ...

ୟୁଏଫ୍‌ବିୟୁ କହିଛି ଯେ ବୈଠକରେ ଆଲୋଚନା ପରେ ବାକି ଶନିବାରଗୁଡ଼ିକୁ ଛୁଟି ଘୋଷଣା କରିବା ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଆଇବିଏ ଏବଂ ୟୁଏଫ୍‌ବିୟୁର ଏକ ଉଚ୍ଚସ୍ତରୀୟ କମିଟି ତୁରନ୍ତ ଗଠନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। କମିଟି ଏହି ପ୍ରସଙ୍ଗ ସହିତ ଜଡିତ ସମସ୍ତ ସମ୍ଭାବ୍ୟ ବିକଳ୍ପ ଉପରେ ବିଚାର କରିବ ଏବଂ ସମସ୍ତ ଅଂଶୀଦାରଙ୍କ ସହିତ ଆଲୋଚନା କରିବ। କମିଟିର ଉଦ୍ଦେଶ୍ୟ ହେବ ଏପରି ଏକ ସମାଧାନ ଖୋଜିବା ଯାହା ସମସ୍ତ ଅଂଶୀଦାରଙ୍କ ପାଇଁ ବିଶେଷକରି ବ୍ୟାଙ୍କ ଗ୍ରାହକଙ୍କ ପାଇଁ ଗ୍ରହଣୀୟ ହେବ। ୟୁଏଫ୍‌ବିୟୁ କହିଛି ଯେ ୟୁନିଅନ୍ ଏବଂ ସଂଘଗୁଡ଼ିକର ଚିନ୍ତାକୁ ବିଚାରକୁ ନେଇ ସରକାରଙ୍କୁ ପିଏଲ୍‌ଆଇ ଯୋଜନାରେ ପରିବର୍ତ୍ତନ ପ୍ରସ୍ତାବ ଦେବା ପାଇଁ ଆଇବିଏ ସହିତ ଆଲୋଚନା ଆରମ୍ଭ କରାଯାଇପାରିବ।

### ନିମାପଡ଼ା ଗେଷ୍ଟ ହାଉସ୍‌ରେ...

ଗେଷ୍ଟ ହାଉସରେ କାମ କରୁଥିଲେ। ସେଠାରେ କ୍ୟାସିଅର ଥିବା ରମେଶ ଦାସଙ୍କ ପରାମର୍ଶକ୍ରମେ ସେ ନିମାପଡ଼ାର ନନ୍ଦିନୀ ଗେଷ୍ଟ ହାଉସରେ କାମ କରିବାକୁ ଯାଇଥିଲେ। ୧ ସେପ୍‌ଟେମ୍ବରରେ ସେ ନନ୍ଦିନୀ ଗେଷ୍ଟ ହାଉସ୍‌ରେ ଯୋଗଦେବା ପରେ ରମେଶ ଚନ୍ଦ୍ର ଦାସ ତାଙ୍କଠାରୁ ୧୫,୪୦୦ ଟଙ୍କା ନେଇଥିଲେ। ସେଠାରେ ସେ କାମ କରିବା ସମୟରେ ୩ ସେପ୍ଟେମ୍ବର ରାତିରେ ୧୦୧ ନମ୍ବର କୋଠରୀରେ ରମେଶ ଚନ୍ଦ୍ର ଦାସ ଦୁଷ୍କର୍ମ କରିଥିଲେ। ସେହିପରି ରାଜା ନାମକ ଅନ୍ୟଜଣେ କ୍ୟାସିଅର, ସୁଶାନ୍ତ ଓ ଅକ୍ଷୟ ନାମକ ଅନ୍ୟ ଦୁଇଜଣ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏହାପରେ ସେମାନେ ଯୁବତୀଙ୍କୁ ନିମାପଡ଼ା ଛାଡ଼ି ଚାଲିଯିବାକୁ ଧମକ ଦେବା ସହ ଏହି ଘଟଣା ପ୍ରଘଟ କଲେ ପରିଣାମ ଭୟଙ୍କର ହେବ ବୋଲି କହିଥିଲେ। ଯୁବତୀଜଣକ ସେଠାରୁ ଭୟରେ ପଳାଇ ଆସିଥିଲେ ଓ ଭୁବନେଶ୍ୱର ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଘଟଣାଟି ନିମାପଡ଼ା ଥାନା ଅଧୀନରେ ହୋଇଥିବାରୁ ଖଣ୍ଡଗିରି ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ଏହାକୁ ନିମାପଡ଼ା ପଠାଇ ଦେଇଥିଲେ। ରବିବାର ସନ୍ଧ୍ୟାରେ ଘଟଣା ପ୍ରଚାର ହୋଇଥିଲା ଓ ଏଥିରେ ଶାସକ ଦଳର କର୍ମୀମାନଙ୍କ ସମ୍ପୃକ୍ତି ଥିବା ଯୋଗୁଁ ଘଟଣାକୁ ଚପାଇବାକୁ ଉଦ୍ୟମ ହେଉଥିବା ପ୍ରଘଟ ହେବା ପରେ ଗେଷ୍ଟ ହାଉସ ସମ୍ମୁଖରେ ପ୍ରବଳ ଭିଡ଼ ଜମିଥିଲା। ବିରୋଧୀ ରାଜନୈତିକ ଦଳର ଲୋକମାନେ ଏହାକୁ ନେଇ ହସ୍ତକ୍ଷେପ କରିବା ପରେ ପୁଲିସ ଶାସକ ଦଳ ସହ ସମ୍ପୃକ୍ତ କୁହାଯାଉଥିବା ୪ଜଣ ନେତା ଓ କର୍ମୀଙ୍କୁ ଅଟକ ରଖିଛି। ତେବେ ପୁଲିସ ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସୂଚନା ଦେଉ ନ ଥିବା ଓ ଅଟକ ଯୁବକଙ୍କ ନିକଟକୁ ଯିବାକୁ ଗଣମାଧ୍ୟମକୁ ଅନୁମତି ଦିଆ ନ ଯିବା ସନ୍ଦେହ ସୃଷ୍ଟି କରିଛି। କୋଣାର୍କ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକଡର୍ କରାଯାଇଛି।

### ସଫେଇ ଚଳିବନି...

କରିଛନ୍ତି ଯେ କମିସନରେ ଏବେ ବି ମତଭେଦ ରହିଛି ଏବଂ ଏହାକୁ ଚାପିବା ଲାଗି ବାରମ୍ବାର ଲୋକଦେଖାଣିଆ ଭାବେ ସଫେଇ ଦିଆଯାଉଛି। କିନ୍ତୁ ଅସଲ ପ୍ରଶ୍ନ ଉପରେ କୌଣସି ଜବାବ ଦିଆଯାଉ ନାହିଁ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଟାର୍ଗେଟ କରି ସେମାନେ କହିଛନ୍ତି ଯେ ଜ୍ଞାନେଶଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହା ଜରୁରୀ।

ଇତିମଧ୍ୟରେ ଆସନ୍ତା ଅକଟୋବର ୨ ତାରିଖରୁ ଜ୍ଞାନେଶଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟି ମୁମ୍ବାଇରୁ ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଏଥିାରେ ପ୍ରତିବନ୍ଧକ ସୃଷ୍ଟି କରାଯାଇଥିବା ଅଭିଯୋଗ ହେଉଛି। ପ୍ରତିବାଦ ସଭା ପାଇଁ ମହାରାଷ୍ଟ୍ର ସରକାର ଅନୁମତି ଦେଉନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦିପକେ। ସେ କହିଛନ୍ତି ଯେ ସରକାର ଏଥିପାଇଁ ଅନୁମତି ନଦେଲେ ତାଙ୍କ ପାର୍ଟି ପକ୍ଷରୁ ଜେଲଭରୋ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନରେ ଉଦ୍ଧବଙ୍କ ଶିବ ସେନା ଏବଂ ରାଜଠାକରେଙ୍କ ପାର୍ଟି ମଧ୍ୟ ସାମିଲ ହେବାକୁ ଘୋଷଣା କରିଥିାଲେ।

ସେପଟେ ଆସାମରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ରାଜ୍ୟରେ ସିଜେପି ନିଜର ପ୍ରଥମ ଆଞ୍ଚଳିକ ସ୍ୱେଚ୍ଛାସେବୀ ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହାପୂର୍ବରୁ ଦଳର ସହ-ଆବାହକ ଆଶୁତୋଷ ରାଙ୍କାଙ୍କ ସମେତ ଶତାଧିକ ନେତା ଓ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟ ପୁଲିସ ଅଟକ ରଖିଛି। ଗୌହାଟୀରେ ଏହି ବୈଠକ ଆୟୋଜିତ ହେବାର ଥିଲା। ସିଜେପି ନେତା ଓ ସ୍ୱେଚ୍ଛାସେବୀମାନେ ଏଥିରେ ଯୋଗଦେବାକୁ ଆସୁଥିବା ବେଳେ ଆସାମ ପୁଲିସ ସଭାସ୍ଥଳକୁ ଯାଉଥିବା ରାସ୍ତାକୁ ଉଭୟ ପାର୍ଶ୍ୱରୁ ବ୍ୟାରିକେଡ୍ ଲଗାଇ ବନ୍ଦ କରିଦେଇଥିଲା। ସଭାସ୍ଥଳକୁ ଯିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ପୁଲିସ ଅଟକ ରଖିଥିଲା। ଅଟକ ହେବା ପରେ ଆଶୁତୋଷ ରାଙ୍କା ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେଥିରେ ସେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସିଜେପି ଏବଂ ରାଜ୍ୟର ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ଭୟ କରୁଛନ୍ତି। ସିଜେପି ଆସାମର ସ୍କୁଲଗୁଡ଼ିକର ଅବସ୍ଥା, କାଜିରଙ୍ଗାର ବାସ୍ତବତା ଏବଂ ମନୁଷ୍ୟକୃତ ବନ୍ୟା ସମ୍ପର୍କରେ ପ୍ରଶ୍ନ ଉଠାଇବାକୁ ଚେଷ୍ଟା କରିଛି। କେବଳ ସେଥିପାଇଁ ସେମାନଙ୍କୁ ଅଟକ ରଖାଯାଇଛି। ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ଏହି ଘଟଣାରେ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆସାମ ପୁଲିସ ଆଶୁତୋଷ ରାଙ୍କା ଏବଂ ତାଙ୍କ ଟିମ୍‌କୁ କୌଣସି ଅଜ୍ଞାତ ସ୍ଥାନକୁ ନେଇଯାଇଛି। ଦଳ ପକ୍ଷରୁ ଅଟକ ନେତା ଓ ସ୍ୱେଚ୍ଛାସେବୀମାନଙ୍କୁ ତୁରନ୍ତ ଖଲାସ କରିବାକୁ ଦାବି କରାଯାଇଛି। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ନେତା ଗୌରବ ଗୋଗୋଇ।

# ଆଲବମ୍ ଅଭିନେତ୍ରୀ ଯସ୍ମିନ୍‌ଙ୍କ ଆତ୍ମହତ୍ୟା

### ୩ ଦିନରେ ୨ ଯୁବ କଳାକାରଙ୍କ ଅକାଳ ମୃତ୍ୟୁ; ଖପ୍ରାଖୋଲରେ ଶୋକର ଛାୟା

ଖପ୍ରାଖୋଲ,୨୭।୯(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ଦୁଇ ଉଦୀୟମାନ କଳା ପ୍ରତିଭାଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ହେଲେ ତାମିପଦର ଗାଁର ଯୁବ କଳାକାର ତଥା ଡ୍ୟାନ୍ସର ପ୍ରେମ ମେହେର(୨୫)। ୩ଦିନ ତଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଯୁବ କଳାପ୍ରତିଭା ଯସ୍ମିନ ମାଝୀ (୨୨)। ସେ ଆଜି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

ନାନ୍ଦୁପଲା ପଞ୍ଚାୟତ ତାମ୍ପିପଦର ଗ୍ରାମର ସାଧୁ ମେହେର ଓ ଅହଲ୍ୟା ମେହେରଙ୍କ ଏକମାତ୍ର ପୁଅ ପ୍ରେମ ମେହେର ନୃତ୍ୟ ପ୍ରତିଭା ଓ ଅଭିନୟ ମାଧ୍ୟମରେ ଖପ୍ରାଖୋଲ ସମେତ ବଲାଙ୍ଗିର ଜିଲ୍ଲା ଓ ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ବିଭିନ୍ନ ସମ୍ବଲପୁରୀ ଆଲବମ୍‌ରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିଥିଲେ।

ସେହିପରି ଖପ୍ରାଖୋଲ ଥାନା ତେଲେନପାଲି ପଞ୍ଚାୟତ ଘୁଚାପାଲି ଗ୍ରାମର ଯସ୍ମିନ ମାଝୀ (୨୨) ବିଷ ପିଇଥିବା ଖବର ଚର୍ଚ୍ଚାକୁ ଆସିଥିଲା।



ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଯସ୍ମିନ ଅଞ୍ଚଳରେ ଜଣେ ପରିଚିତ କୀର୍ତ୍ତନ ଗାୟିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏଥିସହ ବିଭିନ୍ନ ସମ୍ବଲପୁରୀ ଆଲବମ୍‌ରେ ମଧ୍ୟ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିଥିଲେ। ଅଳ୍ପ ବୟସରେ ଏହି ଦୁଇ ଯୁବ କଳାକାରଙ୍କ ଅକାଳ ବିୟୋଗ କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କଳାପ୍ରେମୀମାନେ କହିଛନ୍ତି।

**ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ**

## ଡାକ୍ତରଙ୍କୁ କଟୁରିରେ ଆକ୍ରମଣ ଧମକ

ଭୁବନ,୨୭।୯(ସମିସ): ଚିକିତ୍ସାରେ ଅବହେଳା ଯୋଗୁଁ ଭୁବନ ଡାକ୍ତରଖାନାରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଉତ୍ତ୍ୟକ୍ତ ହୋଇ ରୋଗୀଙ୍କ ସମ୍ପର୍କୀୟ କଟୁରିରେ ଡାକ୍ତରଙ୍କୁ ଆକ୍ରମଣ କରିଛନ୍ତି। ଉତ୍ତେଜନା ଯୋଗୁଁ ଦୀର୍ଘ ୪ ଘଣ୍ଟା ଧରି ଡାକ୍ତରଖାନାରେ ମୃତଦେହ ପଡ଼ି ରହିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଅନ୍ୟପଟେ ଆକ୍ରମଣର ଶିକାର ହୋଇଥିବା ଡାକ୍ତର ଏ ନେଇ ଥାନାରେ ଏତଲା ଦେଇଛନ୍ତି।

ଭୁବନ ଏନ୍‌ଏସି ୱାର୍ଡ ନମ୍ବର-୩ ଅନ୍ତର୍ଗତ ଗୋଡ଼ିପଟଣାର ବିଦ୍ୟାଧର ମଳିକ (୪୨) ହୃଦ୍‌ରୋଗରେ ଆକ୍ରାନ୍ତ ଥିଲା। ଶୁକ୍ରବାର ତାଙ୍କ ସ୍ୱାସ୍ଥାବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କୁ ଚିକିତ୍ସା କରୁଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର କସ୍ତୁରୀ ରମଣ ସିଂ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ। ତେବେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପରିବାର ଲୋକେ ତାଙ୍କୁ କଟକ ନେଇପାରି ନ ଥିଲେ। ଶନିବାର ମଧ୍ୟାହ୍ନରେ ତାଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟାଧରଙ୍କ ମୃତ୍ୟୁ ପରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଧରଙ୍କ ସମ୍ପର୍କୀୟ ପୁତୁରା ଏକ କଟୁରିରେ ଡା. ସିଂଙ୍କୁ ହାଣିବା ନିମନ୍ତେ ଧମାକାଇଥିଲେ। ଏ ନେଇ ଡା. ସିଂ ୧୧୨ ଜରିଆରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ଶବବୁହା ଗାଡ଼ିକୁ ନେଇ ପୁଣି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଦୀର୍ଘବର୍ଷ ପୂର୍ବରୁ ଭୁବନ ଏନ୍‌ଏସି ପକ୍ଷରୁ ଶବ ବୋହିବା ପାଇଁ ଏକ ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ତେବେ ଏହାର ପରିଚାଳନାକୁ ନେଇ ତ୍ରୁଟି ହେବାରୁ ଗାଡ଼ିକୁ ଡାକ୍ତରଖାନା କର୍ତ୍ତୃପକ୍ଷ ପୁନର୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଫେରାଇ ଦେଇଥିଲେ। ଫଳରେ ଆଜି ବିଦ୍ୟାଧରଙ୍କ ଶବ ଉଠିବାରେ ବିଳମ୍ବ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଶବବୁହା ଗାଡ଼ି ନ ମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ କାନ୍ଧରେ ବୋହି ନେବାକୁ ପ୍ରୟାସ କରିଥିଲେ। ପରେ ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ଆମ୍ବୁଲାନ୍ସରେ ମୃତଦେହ ପଠାଇବା ବ୍ୟବସ୍ଥା କରାଯାଇଥିଲା।


**AFFIDAVIT**

I, Sekh Ajaruddin, S/o. Sekh Kalimuddin, Resident at Debhog, P.O- Gopinathpur, P.S - Singla, Dist - Balasore, Pin- 756030, Odisha declare by this affidavit no. 4282 dtd 24.09.2026 that now onwards I shall be known as **SK AJARUDDIN** for all future purposes.

**AFFIDAVIT**

I, Sekh Kalimuddin, S/o. Sekh Ainuddin, Resident at Debhog, P.O - Gopinathpur, P.S Singla, Dist - Balasore, Pin- 756030, Odisha declare by this affidavit no. 4281 dtd 24.09.2026 that now onwards I shall be known as **SK KALIMUDDIN** for all future purposes.

## ସୁନା ଦୋକାନରୁ ଲୁଟ୍ ଘଟଣା

# ଧରାପଡ଼ିଲା ଅଭିଯୁକ୍ତ; ୨୩ଟି ମୁଦି ଉଦ୍ଧାର

ପାରାଦୀପ,୨୭।୯ (ସମିସ)





ତାରିଣୀଗଡ଼ାରେ ଥିବା ସାଧନା ସୁନା ଦୋକାନରୁ ଚୋରି ଘଟଣାରେ ପାରାଦୀପ ଆଦର୍ଶ ଥାନା ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି। ଗତକାଲି ଅପରାହ୍ନ ୩.୩୦ ସ୍ପଷ୍ଟ ଦିବାଲୋକରେ ବନ୍ଧୁକ ଦେଖାଇ ଅଭିଯୁକ୍ତ ସୁନା ମୁଦି ଲୁଟ୍ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ତେବେ ପୁଲିସ ରାସ୍ତା ବ୍ଲକିଂ କରିବା ସହିତ ସିସିଟିଭି ଆଧାରରେ ବିଭିନ୍ନ ଦିଗକୁ ତର୍ଜମା କରି ଏବଂ ସିସିଟିଭିରୁ ମିଳିଥିବା ଫଟୋକୁ ତାରିଣୀଗଡ଼ା ଅଞ୍ଚଳରେ ଦୋକାନ ଓ ପ୍ରତ୍ୟେକ ଘର ମାନଙ୍କରେ ଦେଖାଇ ଅଭିଯୁକ୍ତର ଗତିବିଧି ଲକ୍ଷ୍ୟ କରିବା ସହିତ ସେ ରହୁଥିବା ଘରୁ ଅଭିଯୁକ୍ତକୁ ଗିରଫ କରିଛି। ତା' ନିକଟରୁ ଲୁଟ ହୋଇଥିବା ୨୩ଟି ଯାକ ସୁନାମୁଦି ଉଦ୍ଧାର କରିବାରେ ସଫଳ ହୋଇଛି। ଏତଦ ବ୍ୟତୀତ ଦୁର୍ବୃତ୍ତ ଜଣକ ବ୍ୟବହାର କରିଥିବା ଚାଇନା ମେଡ୍‌ର ଏକ ଖେଳନା ବନ୍ଧୁକ ଓ ଏକ ବାଜାଜ ପଲସର ବାଇକ୍ ମଧ୍ୟ ପୁଲିସ ଜବତ କରିଛି। ଏନେଇ ଆଜି ଏସ୍‌ପି ଅଙ୍କିତ କୁମାର ବର୍ମା ପାରାଦୀପ ଆଦର୍ଶ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଲୁଟ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ସାଧନା ସୁନା ଦୋକାନରୁ ଚୋରି କରିଥିବା ଯୁବକ ଜଣକ ବାଲେଶ୍ୱର ଜିଲ୍ଲା ସିନ୍ଦେରି ଗ୍ରାମର ତୁଷାରକାନ୍ତ ସାହୁ (୨୮)। ସେ ଦୁଇ/ତିନି ମାସ ହେବ ପାରାଦୀପକୁ ଆସି ଏକ ଘରୋଇ କମ୍ପାନୀରେ ଚାକିରି କରିବା ସହିତ ତାରେଣି ଗଡ଼ାରେ ରହି ଆସୁଥିଲା। ଘଟଣା ଘଟାଇବା ପୂର୍ବ ଦିନ ସେ ଉକ୍ତ ଗହଣା ଦୋକାନକୁ ସୁନା ଜିନିଷ କିଣିବା କହି ଯାଇ ବୁଲି ଆସିଥିଲେ। ପୁଲିସ ଏ ଦୃଶ୍ୟ ଦୋକାନର ସିସିଟିଭି ଯାଞ୍ଚ କରିବାରେ ଜଣାପଡ଼ିଥିଲା। ସେହି ଖିଅକୁ ଆଧାର କରି ପୁଲିସ ତଦନ୍ତ ଆଗକୁ ବଢ଼ାଇ ତାରେଣି ଗଡ଼ାରେ ରହୁଥିବା ତୁଷାର ସାହୁକୁ ନିଜ ହେପାଜତକୁ ନେଇ ପଚରା ଉଚୁରା କରିବା ସହ ତା' ନିକଟରୁ ଚୋରି ସୁନା ମୁଦି ୨୩ଟି ଯାକ ଉଦ୍ଧାର କରିବାର ସଫଳ ହୋଇଥିଲା। ସେହିଭଳି ତା' ନିକଟରୁ ଏକ ଖେଳନା ବନ୍ଧୁକ ଓ ସେ ବ୍ୟବହାର କରିଥିବା ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଛି।

ପାରାଦୀପ ଆଦର୍ଶ ଥାନା କେସ ନମ୍ବର ୨୪୧/୨୬ରେ ଉକ୍ତ ଦୁର୍ବୃତ୍ତକୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଡିଏସ୍‌ପି ରବୀନ୍ଦ୍ର ପାତ୍ର, ଆଦର୍ଶ ଥାନା ଆଇଆଇସି ବବିତା ଦେହୁରୀ ଓ ଲକ୍ ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ଉପସ୍ଥିତ ଥିଲେ।

## ନିମିଡ଼ି ପାରେଶ୍ୱର କଲୋନୀରୁ ଚୋରି ଘଟଣା

# ଦୁଇ ଅଭିଯୁକ୍ତ ଗିରଫ; ଏଲ୍‌ଇଡି ଟିଭି ଉଦ୍ଧାର



ପାରାଦୀପ,୨୭।୯(ସମିସ): ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଗ୍ରାମରୁ ଚୋରି ଘଟଣାରେ ଲକ୍ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏପରିକି ୨୪ ଘଣ୍ଟା ମଧ୍ୟରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛନ୍ତି। ଘଟଣା କ୍ରମରେ ଜିରୋ ପଏଣ୍ଟ ନିକଟସ୍ଥ ପାରେଶ୍ୱର କଲୋନୀର ଧୀରେନ୍ଦ୍ର ସାମଲଙ୍କ ଘରୁ ଗତ ୨୫ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ତାଙ୍କ ସ୍କାଏଲାଇଟ ଭାଙ୍ଗି ଘର ଭିତରେ ପଶି ଦୁଇଟି ଏଲଇଡି ଟିଭି ସହିତ ବିପୁଳ ପରିମାଣର ସାନିଟାରୀ ସାମଗ୍ରୀ ଚୋରି କରି ନେଇଥିଲେ। ଅଭିଯୋଗ ପରେ ଯେହେତୁ ଘଟଣାଟି ଲକ୍‌ଥାନାକୁ ଲାଗି ନିମିଡ଼ି ଗାଁରେ ଘଟିଛି, ଘଟଣାଟିକୁ ଗୁରୁତର ଭାବେ ନେଇ ପୁଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଦୁଇଟି ଏଲ୍‌ଇଡି ଟିଭି ଓ ସାନିଟାରୀ ସାମଗ୍ରୀକୁ ଉଦ୍ଧାର କରିବାରେ ସଫଳ ହୋଇଛି। ଦୁଇ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଧୀନ ବଡପାଳ ଗ୍ରାମର ଗଣେଶ ବେହେରାଙ୍କ ପୁଅ ଆଶୁତୋଷ ବେହେରା ଓରଫ ଲକି (୧୯) ଓ ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଗ୍ରାମର ବାବୁଲି ଦାଶଙ୍କ ପୁଅ ମନୋଜ ଦାସ ଓରଫ ଅଜୟ (୨୬)। ପାରାଦୀପ ଲକ୍ ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟଚାଲାଣ କରିଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ଆଜି ଆଦର୍ଶ ଥାନାରେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉଭୟ ଅଭିଯୁକ୍ତ ପେଷାଦାର ଚୋର ଏବଂ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ନାହିଁ। ୨୫ ବିଳମ୍ବିତ ରାତିରେ ଉଭୟ ମଦ ପିଇବା ପରେ ଚୋରି କରିବାର ଯୋଜନା କରିଥିଲେ ବୋଲି ପୁଲିସ ଆଗରେ ମାନି ଯାଇଥିଲେ। ରାତିରେ ଚୋରି କରିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଡିଏସ୍‌ପି ରବୀନ୍ଦ୍ର କୁମାର ପାତ୍ର, ପାରାଦୀପ ଆଦର୍ଶ ଥାନା ଅଧିକାରୀ ବବିତା ଦେହୁରୀ ଓ ଲକ୍ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ଦାଶ ଉପସ୍ଥିତ ଥିଲେ।

# ଉଗ୍ରତାରା କ୍ଲବ୍‌ର ଗଣେଶ ପୂଜା ଭସାଣି



ବାଲିକୁଦା,୨୭।୯ (ସମିସ): ବାଲିକୁଦା ବ୍ଲକ ବଡ଼ଙ୍ଗା ପଞ୍ଚାୟତ ବାଲିସାହି ଉଗ୍ରତାରା କ୍ଲବର ଗଣେଶ ପୂଜା ଭସାଣି ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଦସ୍ୟ ମାନେ ପୁଲିସର କଟକଣାକୁ ଅନୁସରଣ କରି ଶୃଙ୍ଖଳିତ ଭାବରେ ଗଣେଶ ପ୍ରଭୁଙ୍କୁ ବଡ଼ଙ୍ଗାପଞ୍ଚାୟତ ପରିକ୍ରମା କରାଇ ଅଳକା ନଦୀରେ ଭସାଣି କରିଥିଲେ। କ୍ଲବର ସଭାପତି ଅନନ୍ତ ଚରଣ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଭସାଣି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଜିତେନ୍ଦ୍ର ଦାସ, କୋଷାଧ୍ୟକ୍ଷ କମଳଲୋଚନ ସାହୁ, ସଦସ୍ୟ ମିହିର ଦାସ, ଦିବ୍ୟଜ୍ୟୋତି ବିଶ୍ୱାଳ, ସଂଗ୍ରାମ ବିଶ୍ୱାଳ, ପଙ୍କଜ ମୁଦୁଲି, ଜଗନ୍ନାଥ ଦାସଙ୍କ ସହ ସମସ୍ତ ସଦସ୍ୟା /ସଦସ୍ୟ ପରିଚାଳନା କରିଥିଲେ।

# ପର୍ଯ୍ୟଟନସ୍ଥଳୀରେ ସଫେଇ ଅଭିଯାନ




ପାରାଦୀପ,୨୭।୯(ସମିସ): ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପାରାଦୀପ ନେହେରୁ ବଙ୍ଗଳା, ପଥର ବନ୍ଧ ଓ ମନ୍ମଥ ଉଦ୍ୟାନ ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଦୀପକୁ ସ୍ୱଚ୍ଛ, ସୁନ୍ଦର ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅଫିସର ପ୍ରୀତିରଞ୍ଜନ ପାଢ଼ୀ, ସ୍ୱଚ୍ଛତା ରାଷ୍ଟ୍ରଦୂତ ତଥା ପାରାଦୀପ କଲେଜ ଏନସିସି ଆଲୁମ୍ନି ଆସୋସିଏସନର ସଭାପତି ଆମ୍ବିକା ପ୍ରସାଦ ମହାପାତ୍ର, କାଉନସିଲର ଅଜିତ ଷଡ଼ଙ୍ଗୀ ଓ ସୁବ୍ରତ ପ୍ରଧାନଙ୍କ ସମେତ ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନିର ସଦସ୍ୟ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ଏବଂ ନେହେରୁ ବଙ୍ଗଳା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ସଫେଇ କରିଥିଲେ। ପ୍ଲାଷ୍ଟିକର କୁପ୍ରଭାବକୁ ଦୃଷ୍ଟିରେ ରଖି ସମସ୍ତେ ସମାଜର ମଙ୍ଗଳ ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଇ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବାକୁ ଅତିଥିମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ "ସ୍ୱଚ୍ଛତା ହିଁ ସେବା' ଓ "ସ୍ୱଚ୍ଛ ପାରାଦୀପ, ସୁସ୍ଥ ପାରାଦୀପ' ବାର୍ତ୍ତା ଦିଆଯାଇ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ରକ୍ଷା ସହ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଥିଲା।

# ତିର୍ତ୍ତୋଲ ପାଇଁ ବିଜେଡିର ୧୧ ଜଣିଆ କୋର୍ଡିନେସନ ଟିମ୍ ଗଠିତ

ଜଗତସିଂହପୁର,୨୭।୯ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ଅଧିକ ମଜବୁତ ଏବଂ ସଂଗଠିତ କରିବା ଲକ୍ଷ୍ୟରେ ବିଜୁ ଜନତା ଦଳ ପକ୍ଷରୁ ଏକ ୧୧ ଜଣିଆ କୋର୍ଡିନେସନ ଟିମ ଗଠନ କରାଯାଇଛି। ଏହି କମିଟିରେ ବିରିଡି ବ୍ଲକରୁ ରବି ନାରାୟଣ ଜେନା, ରବୀନ୍ଦ୍ର କୁମାର ରାଉଳ, ତୃପ୍ତି ରଞ୍ଜନ ରାୟ, ପ୍ରଦୀପ୍ତ ଭୂୟାଁ, ତିର୍ତ୍ତୋଲ ବ୍ଲକରୁ ଅଶ୍ୱିନୀ କୁମାର ଦାସ, ବସନ୍ତ କୁମାର ମହାପାତ୍ର, ଗଙ୍ଗାଧର ବିଶ୍ୱାଳ, ତପନ କୁମାର ମହାନ୍ତି, ରଘୁନାଥପୁର ବ୍ଲକରୁ ଦେବାଶିଷ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ମଲ୍ଲିକ ଏବଂ ପ୍ରିୟବ୍ରତ ମଲ୍ଲିକ ସ୍ଥାନ ପାଇଛନ୍ତି। ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ଏହି କମିଟିର ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ପର୍ଯ୍ୟଟନ ଦିବସ ଅବସରରେ 'ପ୍ରୋମୋ ରନ୍'



ଜଗତସିଂହପୁର,୨୭।୯(ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜଗତସିଂହପୁର ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ "ପ୍ରୋମୋ ରନ୍ ୨୦୨୬' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଐତିହ୍ୟ ଓ ଜନସଚେତନତାକୁ ଏକତ୍ର କରି ଆୟୋଜିତ ଏହି ଦୌଡ଼ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଓ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରାବାଇ ବେହେରାଙ୍କ ଦ୍ୱାରା ପତାକା ଦେଖାଇ ପ୍ରୋମୋ ରନ୍‌ର ଶୁଭାରମ୍ଭ କରାଯାଇଥିଲା। ଦୌଡ଼ଟି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରୁ ଆରମ୍ଭ ହୋଇ ଅଳକା ଆଶ୍ରମ, ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର ଦେଇ ପୁନର୍ବାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ସମାପ୍ତ ହୋଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀମାନେ 'ସ୍ୱାସ୍ଥ୍ୟ ପାଇଁ ଦୌଡ଼, ଐତିହ୍ୟ ପାଇଁ ଦୌଡ଼, ଓଡ଼ିଶା ପାଇଁ ଦୌଡ଼' ବାର୍ତ୍ତା ଦେଇଥିଲେ। ଜଗତସିଂହପୁରର ପର୍ଯ୍ୟଟନସ୍ଥଳୀ, ଐତିହ୍ୟ ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ସହ ଯୁବପିଢ଼ି ଓ ସାଧାରଣ ଲୋକଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରତି ଆଗ୍ରହ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରୋମୋ ରନ୍‌ର ସମାପ୍ତି ପରେ ସକାଳ ୭.୩୦ ମିନିଟରେ ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବର୍ଗର ସଫଳ ଅଂଶଗ୍ରହଣକାରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପର୍ଯ୍ୟଟନ ବିଭାଗର ଏହି ପଦକ୍ଷେପ ମାଧ୍ୟମରେ 'ପର୍ଯ୍ୟଟନ ସହ ସ୍ୱାସ୍ଥ୍ୟ, ଐତିହ୍ୟ ସହ ଯୁବଶକ୍ତି'ର ଏକ ସୁନ୍ଦର ସନ୍ଦେଶ ସମାଜକୁ ପ୍ରଦାନ କରାଯାଇଛି। ଏପରି କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଅଧିକ ପ୍ରଚାର-ପ୍ରସାର କରିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

## ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ଚୋରାମଦ ବ୍ୟବସାୟୀ ସକ୍ରିୟ

# ପାର୍ବଣରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା

ପଟ୍ଟାମୁଣ୍ଡାଇ,୨୭।୯(ସମିସ): ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାର ୨ୟ ବୃହତ୍ତମ ସହର ପଟ୍ଟାମୁଣ୍ଡାଇର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କିଛିଦିନ ହେବ ଚୋରାମଦ ବ୍ୟବସାୟୀ ସକ୍ରିୟ ହୋଇଉଠିଥିବା ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଆସିଛି। ଜମିଦାର ଅମଳରୁ ପଟ୍ଟାମୁଣ୍ଡାଇରେ ଦୁର୍ଗାପୂଜା ଉତ୍ସବକୁ ଗଣପର୍ବ ଭାବେ ପାଳନ କରାଯାଇଥାଏ। ଏହି ସମୟରେ ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥାଏ। ଚୋରାମଦ ବ୍ୟବସାୟଙ୍କ କବଳରେ ପଡ଼ି ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବାରୁ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଚୋରା ମଦର ବନ୍ୟା ସାଙ୍ଗକୁ ଗଞ୍ଜେଇ ଓ ବ୍ରାଉନସୁଗରର ବ୍ୟାପକ ଚୋରା ବ୍ୟବସାୟ ଚାଲିଥିବା ନେଇ ଅଭିଯୋଗ ହେଉଛି। ସହରାଞ୍ଚଳର ମାଟିଆ ଓ କଖାରୁଣୀ ପୋଲ ନିକଟରେ ବ୍ୟାପକ ଚୋରାମଦ ବ୍ୟବସାୟ ଚାଲିଛି। ପ୍ରାୟ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଚୋରାମଦ ବ୍ୟବସାୟରେ ଲିପ୍ତଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଷଣ୍ଢପଲ୍ଲୀ ଗ୍ରାମରେ ୨ରୁ ଅଧିକ ବ୍ୟକ୍ତି ଚୋରାମଦ ବ୍ୟବସାୟ ଚାଲୁ ରଖିଥିବାବେଳେ ପଟ୍ଟାମୁଣ୍ଡାଇ ଓ ନୂଆଗାଁ ଅଞ୍ଚଳରେ ୨/୩ ଜଣ ବ୍ୟକ୍ତି ଖୁଲମ୍‌ଖୁଲା ମଦ ବ୍ୟବସାୟ କରୁଛନ୍ତି। ସହରର ପୋଖରୀଆପଡ଼ା ଗ୍ରାମରେ ପ୍ରାୟ ୨ଜଣ ବ୍ୟକ୍ତି ଚୋରା ମଦ ବ୍ୟବସାୟ କରୁଛନ୍ତି। ସହରାଞ୍ଚଳର ମହିଳା କଲେଜ ରାସ୍ତା, ସ୍ମାର୍ଟପାର୍କ ନିକଟ ରାସ୍ତା, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ରାସ୍ତା, ପୁରୁଣା ଏନଏସି ଅଫିସ୍ ନିକଟରେ ବ୍ୟାପକ ଭାବେ ଧଳା ଜହରର ବ୍ୟବସାୟ ଚାଲିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ଡିହାପଡ଼ା ଅଞ୍ଚଳରେ ୨ ଜଣ, ବନ୍ଧସାହି ଅଞ୍ଚଳରେ ଜଣେ ବ୍ୟକ୍ତି ଚୋରାମଦ ବ୍ୟବସାୟ ଚାଲୁ ରଖିଥିବା କାରଣରୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହେଉଛି। ନରସିଂହପୁର ଗ୍ରାମରେ ଚୋରାମଦ ଓ ଗଞ୍ଜେଇ ବ୍ୟବସାୟ ଚାଲିଛି। ଅଇନିପଡ଼ା ଗ୍ରାମରେ ମଧ୍ୟ ପୃଥକ ଭାବେ ବିଭିନ୍ନ ବ୍ୟକ୍ତି ମଦ ଓ ଗଞ୍ଜେଇ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଛି। ଅଠରବାଟିଆ ଗ୍ରାମରେ ୨/୩ ଜଣ ବ୍ୟକ୍ତି ଚୋରାମଦ ଓ ଗଞ୍ଜେଇ ବ୍ୟାପକ ଭାବେ ବ୍ୟବସାୟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୂଳବସନ୍ତ ଅଞ୍ଚଳରେ ୨ ଜଣ ବ୍ୟକ୍ତି ଚୋରାମଦ ବ୍ୟବସାୟରେ ସକ୍ରିୟ ଥାଇ ଯୁବଗୋଷ୍ଠୀଙ୍କୁ ପଥଭ୍ରଷ୍ଟ କରିଚାଲିଛନ୍ତି। ବିଭିନ୍ନ ସମୟରେ ନିଶାଶକ୍ତ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ସହିତ ଅପରାଧିକ ଘଟଣା ସୃଷ୍ଟି ହେଉଥିବାରୁ ଏହା ଉଭୟ ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜୁଛି। ଆଗାମୀ ପାର୍ବଣ ଉତ୍ସବକୁ ଶୃଙ୍ଖଳାର ସହ ପାଳନ କରିବାକୁ ହେଲେ ପୁଲିସ ଓ ଅବକାରୀ ବିଭାଗ ଚୋରା ନିଶା ବ୍ୟବସାୟଙ୍କୁ ଏବେଠୁ ସାବାଡ଼ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ପୋଖରୀରେ ବୁଡ଼ି ନାବାଳକର ମୃତ୍ୟୁ



ଡେରାବିଶ, ୨୭।୯(ସମିସ): ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତର ବାଲିଆ ଗ୍ରାମରେ ପୋଖରୀରେ ଗାଧୋଇବା ସମୟରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ଜଣକ ବାଲିଆ ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ନିରଞ୍ଜନ ପଣ୍ଡାଙ୍କ ପୁଅ ହିତେଶ (୧୬)। ହିତେଶ ବାଲିଆସ୍ଥ ବାବା ସନାତନ ବିଦ୍ୟାପୀଠର ନବମ ଶ୍ରେଣୀର ଛାତ୍ର। ସେ ବାଲିଆସ୍ଥ ନିଜ ସମ୍ପର୍କୀୟଙ୍କ ଘରେ ରହି ପଢୁଥିଲେ। ପ୍ରତିଦିନ ଭଳି ଆଜି ସକାଳ ୯ଟାରେ ଗ୍ରାମରେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧେଇବା ସମୟରେ କୌଣସି କାରଣବଶତଃ ସେ ବୁଡ଼ିଯାଇଥିଲେ। ପୋଖରୀ ବନ୍ଧରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ବହୁ ଖୋଜାଖୋଜି ପରେ ମଧ୍ୟ ହିତେଶକୁ ପାଇନଥିଲେ। ଡେରାବିଶ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜଗତସିଂହପୁର ସାହିତ୍ୟ ପରିଷଦ

# ଶରତ ସାହିତ୍ୟ ଆସର



ଜଗତସିଂହପୁର,୨୭।୯ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଅଳକା ଆଶ୍ରମ, ଚାଟରା, ଜଗତସିଂହପୁରଠାରେ ଶରତ ସାହିତ୍ୟ ଆସର ପରିଷଦର ପ୍ରତିଷ୍ଠାତା ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ହୋତା, ନାଟ୍ୟକାର କୈଳାସ ମଲ୍ଲିକ, ନାଟ୍ୟକାର ଗଣେଶ ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ଶରତ ଶୀର୍ଷକ ଆଲୋଚନା କରିଥିଲେ। ପରିଷଦର ସମ୍ପାଦକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହ ମଞ୍ଚ ସଞ୍ଚାଳନ କରିଥିଲେ। କବି ଅଜୟ କୁମାର ବେହେରାଙ୍କ ଲିଖିତ ଶିଶୁ ଉପନ୍ୟାସ 'ବଣରାଇଜର ରାଜା' ଅତିଥିମାନଙ୍କ କରକମଳରେ ଉନ୍ମୋଚନ କରାଯାଇଥିଲା। ବରିଷ୍ଠ କବୟିତ୍ରୀ ମନୋରମା ଶତପଥୀଙ୍କ ସଂଯୋଜନାରେ ଚୌଧୁରୀ ସୌମେନ୍ଦ୍ର ମହାପାତ୍ର, ସ୍ମିତା ଦାସ, ସ୍ନେହମଞ୍ଜରୀ ସାହୁ, କନକଲତା ପରିଡା, ହେମନ୍ତ କୁମାର ବାରିକ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ଅଜୟ କୁମାର ବାରିକ, କବିତା ମୁର୍ମୁ, ଜୟଶ୍ରୀ ମିଶ୍ର, ଜ୍ଞାନରଞ୍ଜନ ସ୍ୱାଇଁ, ପ୍ରତିଭାରାଣୀ ରାୟ, ସିତାଂଶୁ ଜେନା, ରବୀନ୍ଦ୍ରନାଥ ବେହେରା, ପଞ୍ଚାନନ ପୋଲାଇ, ସନ୍ତୋଷ ଦାସ, ବିଜୟ କୁମାର ପତି, ବଂଶୀଧର ବେହେରା, ସବ୍ୟସାଚୀ ତ୍ରିପାଠୀ, ତିଳୋତ୍ତମା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିଷଦର ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା କବିତା ଗୁଡିକର ସମୀକ୍ଷା କରିଥିଲେ। ପରିଶେଷରେ ପରିଷଦର ସହସମ୍ପାଦକ ପରୀକ୍ଷିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅଳକା ନଦୀ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ' ଆଲୋଚନାଚକ୍ର

# ଅଳକା କେବଳ ଏକ ଜଳ ଉତ୍ସ ନୁହେଁ; ଏକ ବୃହତ୍ ଜୀବନ୍ତ ପରିସଂସ୍ଥାନ

ଜଗତସିଂହପୁର,୨୭।୯ (ସମିସ)



ଜଙ୍ଗଲ ନାହିଁ, ନଦୀ ନାହିଁ, ଜଳ ନାହିଁ ତ ଜୀବନ ନାହିଁ। ଏହି ଉକ୍ତିକୁ ଆଧାର କରି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ଆନୁକୂଲ୍ୟରେ ଦ୍ୱାବିଂଶତମ ବିଶ୍ୱ ନଦୀ ଦିବସ -୨୦୨୬ ପାଳନର ଶୁଭ ଅବସରରେ ପବିତ୍ର ଅଳକା ଆଶ୍ରମଠାରେ 'ଅଳକାନଦୀ: ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରର ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ସଂଯମ କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଏହି ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବିଷଦଭାବେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ବରେଣ୍ୟ ଆଲୋଚକ ଭାବେ ବରିଷ୍ଠ ସମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓ ବର୍ଷୀୟାନ ସମାଜସେବୀ ଗୌରାଙ୍ଗ ଚରଣ ହୋତା ଏବଂ ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ଚନ୍ଦ୍ର ପାଳ ପ୍ରମୁଖ ଯୋଗଦେଇ ଅତୀତର ସୁନବ୍ୟା ଜୀବନରେଖା ଅଳକାନଦୀର ଐତିହାସିକ ପୃଷ୍ଠଭୂମି ସାଙ୍ଗକୁ ଏହା କେବଳ ଏକ ଜଳଉତ୍ସ ନଥିଲା ବରଂ ଏକ ବୃହତ୍ ଜୀବନ୍ତ ପରିସଂସ୍ଥାନ ଥିଲା ବୋଲି ଦର୍ଶାଇବା ସହ ଆମର ସଂସ୍କୃତି, ଜୀବନଶୈଳୀ ଓ ଅର୍ଥନୀତିକୁ କିପରି ଏହା କିପରି ପ୍ରଭାବିତ କରୁଥିଲା ସେ ସମ୍ପର୍କରେ ଅତ୍ୟନ୍ତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ହେଲେ ଆଜି ତାର ସ୍ଥିତି ନଥିବା କହିଲେ ଚଳେ, ଏପରି କି ମୃତ ପ୍ରାୟ ଏବଂ ଏହାର ପୁନରୁଦ୍ଧାର ପାଇଁ ରାଜନୈତିକ ଇଚ୍ଛାଶକ୍ତି ସାଙ୍ଗକୁ ଜନସାଧାରଣଙ୍କର ବ୍ୟାପକ ବୈପ୍ଳବିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସୂଚାଇ ଦେଇଥିଲେ। ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ପୂର୍ବତନ ସଭାପତି ନଟବର ବାରିକ, ଜିଲ୍ଲା ଓକିଲ ସଂଘର ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ବରିଷ୍ଠ ସାମାଜିକ କର୍ମୀ ପ୍ରସନ୍ନ ସାମନ୍ତରାୟ, ବରିଷ୍ଠ ନାଗରିକ ପରିଷଦ, ପାଣିଶାଳିଆର ସମ୍ପାଦକ ଅନିରୁଦ୍ଧ ପାତ୍ର, ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ଏବଂ ଅନ୍ୟତମ ଅଧ୍ୟାପକ ଡ. ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଅଳକା ନଦୀର ପୁନରୁଦ୍ଧାର ପାଇଁ ନିଜସ୍ୱ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

ଏହି ଅବସରରେ ଆୟୋଜିତ ହୋଇଥିବା ଲିଖିତ କୁଇଜ୍ ପ୍ରତିଯୋଗିତାର ସଫଳ ୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ମେଡାଲ, ପ୍ରମାଣପତ୍ର ଓ ଫଳଚାରା ପ୍ରଦାନ କରାଯାଇଥିବା ବେଳେ ଅତିଥିଗଣଙ୍କୁ ଉପଢୌକନ ଓ ଫଳଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ ସମସ୍ତ ଅତିଥିଗଣ ଓ ଅଂଶଗ୍ରହଣକାରୀ ମହନୀୟ ବ୍ୟକ୍ତିଗଣ ଅଳକାନଦୀ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ ନିମନ୍ତେ ଲିଖିତଭାବେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଶେଷରେ ଅଳକାଆଶ୍ରମର କୋଷାଧ୍ୟକ୍ଷ ଶିକ୍ଷାବିତ୍ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କନକଲତା ପରିଡା, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ମନୋଜ କୁମାର ନାୟକ, ପ୍ରତାପ କେଶରୀ ମହାପାତ୍ର, ଅବନୀକାନ୍ତ ମହାରଣା, ଲାଲାସଂଗ୍ରାମ କେଶରୀ ରାୟ, ରାଜକିଶୋର ବିଶ୍ୱାଳ, ସ୍ମିତା ଦାସ, ପ୍ରିତୀଶ୍ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ନୋ ୟୁପିଆଇ ଡେ ପାଳନ କରିବ ଚାମ୍ବର ଅଫ କମର୍ସ

# ସ୍କାନରରେ ବନ୍ଧାହେବ କଳା କପଡ଼ା



ଢେଙ୍କାନାଳ,୨୭ ।୯(ସମିସ): ସ୍ଥାନୀୟବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟକାରୀ ସମିତି ବୈଠକ ବାଣିଜ୍ୟ ଭବନରେ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ହିଣ୍ଡୋଚାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ବାଣିଜ୍ୟ ମହାସଂଘ ଓ କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସର ଆହ୍ୱାନ ପରିପ୍ରେକ୍ଷୀରେ ମର୍ଚାଣ୍ଟ ୟୁପିଆଇ ଉପରେ ପ୍ରସ୍ତାବିତ ଏମ୍‌ଡିଆର୍‌କୁ ନେଇ ବ୍ୟବସାୟୀ ସମାଜ ଚିନ୍ତାପ୍ରକଟ କରିବା ସହ ଏହାର ସମ୍ଭାବ୍ୟ ଆର୍ଥିକ ପ୍ରଭାବ ଏବଂ ବ୍ୟବସାୟୀଙ୍କ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ଅକ୍ଟୋବର ୨ ତାରିଖ 'ନୋ ୟୁପିଆଇ ଡେ' ଅବସରରେ ଶାନ୍ତିପୂର୍ଣ୍ଣ, ପ୍ରତୀକାତ୍ମକ ଓ ନିରବ ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଦିନ ଢେଙ୍କାନାଳ ଚାମ୍ବରର ସଦସ୍ୟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ନିଜ ୟୁପିଆଇ ପେମେଣ୍ଟ ସ୍କାନରରେ କଳା କପଡ଼ା ଢାଙ୍କି ନିରବ ପ୍ରତିବାଦ କରିବାକୁ ଆହ୍ୱାନ କରାଯାଇଛି। ଏହି ପ୍ରତୀକାତ୍ମକ ସଚେତନତା କାର୍ଯ୍ୟକ୍ରମରେ ଜନସାଧାରଣ ତଥା ସମସ୍ତ ଗ୍ରାହକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

ଚାମ୍ବର ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବ୍ୟବସାୟୀ ସମାଜ ୟୁପିଆଇ, ଡିଜିଟାଲ୍ ପେମେଣ୍ଟ କିମ୍ବା ଡିଜିଟାଲ୍ ଇଣ୍ଡିଆ ବିରୋଧୀ ନୁହେଁ ବରଂ ବ୍ୟବସାୟୀମାନେ ଡିଜିଟାଲ୍ ପେମେଣ୍ଟକୁ ଗ୍ରହଣ କରି ଦେଶର ଡିଜିଟାଲ୍ ଅର୍ଥନୀତିକୁ ସମର୍ଥନ କରିଆସୁଛନ୍ତି। ବ୍ୟବସାୟୀମାନେ ଜିଏସ୍‌ଟି ସମେତ ବିଭିନ୍ନ ପ୍ରକାର ଟିକସ ଦେଇ ସରକାରୀ ରାଜକୋଷକୁ ଅବଦାନ ଦେଉଥିବା ବେଳେ ମର୍ଚାଣ୍ଟ ୟୁପିଆଇ ଉପରେ ଏମ୍‌ଡିଆର୍ ଭଳି ଅତିରିକ୍ତ ଶୁଳ୍କ ଲାଗୁ ହେଲେ ବ୍ୟବସାୟୀମାନଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିବ। ଏ ନେଇ ଢେଙ୍କାନାଳ ଚାମ୍ବର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ମର୍ଚାଣ୍ଟ ୟୁପିଆଇ ଉପରେ ପ୍ରସ୍ତାବିତ ଏମ୍‌ଡିଆର୍ ଚାର୍ଜ ପ୍ରତ୍ୟାହାର କରିବା ସହ ବ୍ୟବସାୟୀ ସମାଜର ଚିନ୍ତାକୁ ବିଚାର କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ଉପସଭାପତି ଗୋପୀନାଥ ରାଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୨ ଅଟକ



ଖଜୁରିଆକଟା,୨୭ ।୯(ସମିସ): ହିନ୍ଦୋଳ-ନରସିଂହପୁର ରାସ୍ତାରେ ଗୋଚାଲାଣ ଖବରପାଇ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ସମରେନ୍ଦ୍ର ସାମଲ, ଏଏସ୍ଆଇ ଯଶୋବନ୍ତ ପ୍ରଧାନ ଓ ପୁଲିସ କର୍ମଚାରୀ ବସନ୍ତ ଖଣ୍ଡ ଛକରେ ଜୋର ଜଗି ରହିଥିଲେ। ଅନୁଗୋଳ ପଟୁ ଦ୍ରୁତଗତିରେ ଗୋରୁ ବୋଝେଇ ପିକଅପ ଆସି ଅମଲାପଡ଼ାସ୍ଥିତ ଚିତ୍ତରଞ୍ଜନ ଅମାତ୍ୟଙ୍କ ଦୋକାନରେ ଧକ୍କା ହୋଇଥିଲା। ପୁଲିସ ପିକଅପ ଜବତ କରିବା ସହ ସେଥିରୁ ୯ଟି ଗୋରୁକୁ ଉଦ୍ଧାର କରିଛି। ଡ୍ରାଇଭର ଜଗତପୁର ଅଞ୍ଚଳର ଅଫରୋଜ ଖାନ (୨୦) ଓ ସହଯୋଗୀ ଏସକେ ସାପରୋଜ (୨୨)ଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ଏହି ସମୟରେ ଆଉ ଏକ ଗୋରୁ ବୋଝେଇ ଗାଡ଼ି ଅଧା ରାସ୍ତାରୁ ଫେରାର ହୋଇଯାଇଥିଲା। ଏହି ଗୋଚାଲାଣ ରାକେଟର ଚେର ଓଡ଼ିଶା ବାହାରକୁ ଲମ୍ବିଛି। ମାଷ୍ଟର ମାଇଣ୍ଡକୁ ଧରିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ କହିଛି।

## ଝୁଲି ରହିଛି ୧୧ କେଭି ବିଦ୍ୟୁତ୍ ତାର



ଢେଙ୍କାନାଳ,୨୭ ।୯(ସମିସ): ସ୍ଥାନୀୟ ଦକ୍ଷିଣକାଳୀ ଅଞ୍ଚଳର ୧୦ନଂ ୱାର୍ଡରେ ୧୧ କେଭି ବିଦ୍ୟୁତ୍ ତାର ଝୁଲି ରହିଥିବାରୁ ସ୍ଥାନୀୟ ବାସିନ୍ଦା ବିପଜ୍ଜନକ ପରିସ୍ଥିତିରେ ଚଳପ୍ରଚଳ କରୁଛନ୍ତି। ପୂର୍ବରୁ ଏଠାରେ ଦୁଇଥର ତାର ଛିଣ୍ଡିବାର ଦୃଷ୍ଟାନ୍ତ ରହିଛି। ଏ ବାବଦରେ ଅଞ୍ଚଳବାସୀ ବାରମ୍ବାର ଏସ୍‌ଡିଓ ଓ ଜେଇଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହି ୧୧ କେଭି ତାରକୁ ଉଠାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂଧ୍ୟାତାରା ପକ୍ଷରୁ ସଂହତି ଓ ସାହିତ୍ୟର ବିଶେଷ ପର୍ବ 'ସଂହତି'

ଢେଙ୍କାନାଳ,୨୭ ।୯(ସମିସ): ସ୍ଥାନୀୟ ସାହିତ୍ୟ ଅନୁଷ୍ଠାନ ସଂଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଭୁବନେଶ୍ୱରରଚନ୍ଦ୍ରଶେଖରପୁରସ୍ଥିତପ୍ରାଚୀ ଏନକ୍ଲେଭଭୂମିଇନ୍ଫ୍ରାସମ୍ମିଳନୀକକ୍ଷଠାରେରବିବାର ଦିନ ପୂର୍ବାହ୍ନରେ ସଂହତି ଓ ସାହିତ୍ୟର ବିଶେଷ ପର୍ବ "ସଂପ୍ରୀତି " ଅନୁଷ୍ଠିତ ହୋଇଥିଲା। ପ୍ରଥମ କରି ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଶାଖାର ବରିଷ୍ଠ ସଭ୍ୟସଭ୍ୟା ଓ ଜିଲାର ସଭ୍ୟସଭ୍ୟାମାନଙ୍କୁ ନେଇ ଏହି ପର୍ବ ଅନୁଷ୍ଠିତ ହୋଇଥିଲା କ୍ଷ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତ ସଭ୍ୟସଭ୍ୟାମାନଙ୍କୁ ପୁଷ୍ପ ଗୁଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ପରେ ଅନୁଷ୍ଠାନର ଉପସଭାପତି ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ବିଭୁତି ଭୂଷଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ତତ ପରେ କବିତା ପାଠ ସହିତ ସମସ୍ତ ସଭ୍ୟସଭ୍ୟାମାନେ ଭାବର ଆଦାନପ୍ରଦାନ କରିଥିଲେ। ଭୁବନେଶ୍ୱର ଶାଖାର ବରିଷ୍ଠ ସଭ୍ୟ ରମଣ କୁମାର ଅଗ୍ରୱାଲ, ସନ୍ତୋଷ କୁମାର ଧଳ, ମହାବୀର ସାହୁ, ରଞ୍ଜନ କୁମାର ସିଂହ, ସୁଜିତ କୁମାର ମୁଦୁଲି, ଭବାନୀକାନ୍ତ ନନ୍ଦ, ଭ୍ରମରବର ହୋତା, କୀର୍ତ୍ତିଚନ୍ଦ୍ର ନାୟକ, ସୁକାନ୍ତ କୁମାର ମହାନ୍ତି ଓ ଢେଙ୍କାନାଳ ଶାଖାର କାର୍ଯ୍ୟକର୍ତ୍ତା ଶରତ ମିଶ୍ର ଭରଦ୍ୱାଜ, ବେଣୁଧର ମହାରଣା, ମନୋରଞ୍ଜନ ସାହୁ, ଅଜିତ ଦାଶ, ଶ୍ରୀବତ୍ସ ବାରିକ କବିତା ପାଠ କରିବା ସହ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସଭ୍ୟା ମମତା ବରାଳ ଗୀତ ପରିବେଷଣ କରିଥିବାବେଳେ ପରିଚାଳନା ସମ୍ପାଦକ ମନମୋହନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଭ୍ୟ ନିରଦାନନ୍ଦ ନନ୍ଦଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଭୂମି ଇନ୍ଫ୍ରାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## 'ମାଇଁ ଭାରତ' ପକ୍ଷରୁ ନଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ



ଢେଙ୍କାନାଳ,୨୭ ।୯(ସମିସ): ମାଇଁ ଭାରତ ତରଫରୁ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ନଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ନିଶାରୁ ନିବୃତ୍ତ ରହି ସୁସ୍ଥ ଭାରତ ଗଠନ ଉପରେ ଆଲୋକପାତ କରାଯାଇଥିଲା। ଯୁବପିଢ଼ି ନିଶାରୁ ନିବୃତ୍ତ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଆହ୍ୱାନ ଦିଆଯାଇଥିଲା।

## ଭାରତୀୟ କ୍ରିକେଟ ଦଳରେ ସ୍ଥାନ ପାଇଲେ ଦିବ୍ୟଦର୍ଶିନୀ



ଗଁଦିଆ,୨୭ ।୯(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତ ଭାଲିଆପାଟ ଗ୍ରାମର ନିବାସ ପ୍ରଧାନଙ୍କ ବଡ଼ଝିଅ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଭାରତୀୟ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି। ଆଗାମୀ ୨୯ ତାରିଖ ଭାରତ 'ଏ' ଓ ଅଷ୍ଟ୍ରେଲିଆ 'ଏ' ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ରେ ସେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିବେ। ନିଜ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଂକଳ୍ପ ବଳରେ ସେ ଆଜି ଏହି ସଫଳତା ହାସଲ କରି ସମଗ୍ର ଢେଙ୍କାନାଳ ଜିଲ୍ଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବଳଦଯାତ୍ରା ରାବଣପୋଡ଼ି ପାଇଁ ଶୁଭଖୁଣ୍ଟି ସ୍ଥାପନ

ଭୁବନ,୨୭ ।୯(ସମିସ): ପ୍ରସିଦ୍ଧ ଭୁବନ ବଳଦଯାତ୍ରାରେ ରାବଣପୋଡ଼ି ପାଇଁ ଭାଗବତ ଜନ୍ମ ଅବସରରେ ଶନିବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ରାବଣପୋଡ଼ି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଭୁବନ ନଗରପାଳ ଉପସ୍ଥିତ ରହି ଶୁଭଖୁଣ୍ଟି କାଟିଥିଲେ। ପରେ ଶୁଭଖୁଣ୍ଟିକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।



## ମିଳିତ ବଜାର ସଭାପତିଙ୍କୁ ସମ୍ବର୍ଦ୍ଧନା



ଢେଙ୍କାନାଳ,୨୭ ।୯(ସମିସ): ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ସମସ୍ତ ପୂଜା କମିଟି ଏକତ୍ରିତ ହୋଇ ମିଳିତ ବଜାର ସଭାପତି ଚୟନ କରିଛନ୍ତି। ଚଳିତ ବର୍ଷ ମିଳିତ ବଜାର ସଭାପତି ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର ଦାୟିତ୍ୱ ନେଇଛନ୍ତି। ରବିବାର ଢେଙ୍କାନାଳ ସହରର ଅଗ୍ରଣୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ମଧୁସୂଦନ ସଭାଗୃହରେ ମିଳିତ ବଜାର ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗଣେଶ ବଜାର ପୂଜାକମିଟି ସଭାପତି ସଞ୍ଜୀବ କୁମାର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପତ୍ରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଗଣେଶ ବଜାର ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ଏମଡି ରଫିକ ପୂଜା ସମୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଭାପତି ପାତ୍ର ପୂଜାରେ ସମସ୍ତ ବଜାର କମିଟିର ସହଯୋଗ କାମନା କରିଥିଲେ। ରାସ୍ତାଘାଟ ମରାମତି, ପାନୀୟ ଜଳ, ବିଦ୍ୟୁତ ସମସ୍ୟା ଏବଂ ପରିମଳ ବ୍ୟବସ୍ଥା ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ଗଣେଶ ବଜାର ପୂଜାକମିଟି ଉପଦେଷ୍ଟା ବିଶ୍ୱନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଶରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧକ୍ଷ ଶେଖ ହୁସେନ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସେଠୀ, ଟ୍ରଷ୍ଟ ସଦସ୍ୟ ଅତୁଲ କୁମାର ନାୟକ, ମାଧବ ସିଲ, ଶ୍ରୀକାନ୍ତ ସାହୁ, ମାନସ ସାହୁ, ଦିଲୀପ ସାହୁ, ସୋମୁ, ଚିମୁନ, ମୁନା, ତାପସ, ସୁବୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ପ୍ରମୋ ରନ୍



ଢେଙ୍କାନାଳ,୨୭ ।୯(ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବଳରାମ ମନ୍ଦିର ପରିସରରୁ ପ୍ରୋମୋ ରନ୍ ଆୟୋଜିତ ହୋଇଯାଇଛି। ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନା ସମ୍ପର୍କରେ ସଚେତନତା ସୃଷ୍ଟି, ପର୍ଯ୍ୟଟନକୁ ପ୍ରୋତ୍ସାହନ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଫିଟନେସ୍‌ର ବାର୍ତ୍ତା ପହଞ୍ଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପ୍ରୋମୋ ରନ୍‌ରେ ପ୍ରାୟ ୨୨୦ ଜଣ ଧାବକ ଓ ଧାବିକା ଉତ୍ସାହର ସହ ଅଂଶଗ୍ରହଣ କରି ନିର୍ଦ୍ଧାରିତ ଦୌଡ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ। ଯୁବବର୍ଗଙ୍କ ସମେତ ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀଙ୍କ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ସଫଳ କରିଥିଲା। ଏହି ଅବସରରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସ୍ୱସ୍ତିରଞ୍ଜନ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ ଉପସ୍ଥିତ ରହି ଧାବକ ଓ ଧାବିକାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରୋମୋ ରନ୍‌ରେ ଅବିନାଶ ବେହେରା ପ୍ରଥମ, ରଞ୍ଜନ ସବର ଦ୍ୱିତୀୟ ଏବଂ ଦର୍ଶିତ ପରମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀ ମାନଙ୍କୁ ଆସନ୍ତା ୧୩ ଡିସେମ୍ବରରେ ପୁରୀଠାରେ ଆୟୋଜିତ ହେବାକୁ ଥିବା ପୁରୀ କୋଷ୍ଟାଲ୍ ମାରାଥନ୍‌ରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା।

## ସେପ୍ଟେମ୍ବର ୩୦ ଓଡ଼ିଶା ବନ୍ଦ ସଫଳ କରିବାକୁ ଆହ୍ୱାନ

ଢେଙ୍କାନାଳ,୨୭ ।୯(ସମିସ): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ୬ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନର ୩୯ ଦିନର ସତ୍ୟାଗ୍ରହ ଏବଂ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଆମରଣ ଅନଶନ ଆଜି ୨୨ ଦିନରେ ପହଞ୍ଚିଛି। ଅକ୍ଷୟ କୁମାରଙ୍କ ଦ୍ୱାରା ଆହୁତ ସେପ୍ଟେମ୍ବର ୩୦ ତାରିଖ ବନ୍ଦ ସଫଳ କରିବାକୁ ନବନିର୍ମାଣ ଯୁବଛାତ୍ର ସଂଗଠନ ଆହ୍ୱାନ ଦେଇଛି। ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ତ୍ରୁଟିପୂର୍ଣ୍ଣ ବହି ସଂଶୋଧନ କରି ତୁରନ୍ତ ନୂଆ ବହି ପ୍ରଦାନ, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଶିକ୍ଷା ପରେ ନିଯୁକ୍ତି ଗ୍ୟାରେଣ୍ଟି, ଖାଲି ପଡ଼ିଥିବା ଶିକ୍ଷକ ପଦବୀରେ ଯୁବପିଢ଼ିଙ୍କୁ ନିଯୁକ୍ତି, ନୂତନ ପାଠ୍ୟପୁସ୍ତକ ମୁଦ୍ରଣରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ଗଣଶିକ୍ଷା ମନ୍ତ୍ରୀ ଫେରସ୍ତ କରିବା ଆଦି ୬ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମଡି ମନୱର ଅଲ୍ଲୀ ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୬




ପର୍ଯ୍ୟନ୍ତ ଅନଶନରେ ବସିଥିଲେ। ପରେ ପ୍ରତିଷ୍ଠାତା ଅକ୍ଷୟ କୁମାର ସେପ୍ଟେମ୍ବର ୬ରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସହଯୋଗୀ ଓ ସମର୍ଥକମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସତ୍ୟାଗ୍ରହ ଆଜିକୁ ୩୯ ଦିନରେ ପହଞ୍ଚିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଆଲୋଚନା ପାଇଁ କୌଣସି ପ୍ରତିନିଧି ଆସିନାହାନ୍ତି। ଏ ନେଇ ସଂଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ଏହାର ପ୍ରତିବାଦରେ ୩୦ ତାରିଖ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ପ୍ରହଲାଦ ସାହୁ, ଜିଲ୍ଲା ସଂଯୋଜକ ଚନ୍ଦ୍ରଶେଖର ବରାଳ, ମହିଳା ନେତ୍ରୀ ବାସନ୍ତୀ ସ୍ୱାଇଁ, ଭାଗୀରଥି ସାହାଣୀ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ପରଜଙ୍ଗ,୨୭ ।୯(ସମିସ): ପରଜଙ୍ଗ ବ୍ଲକ ସାଆନ୍ଦା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସମୀର ମହାରଣା (୩୫)। ଶନିବାର ସନ୍ଧ୍ୟାରେ ସମୀର ଗ୍ରାମରେ ଥିବା ହାଟପାଟ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରଜଙ୍ଗ ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ।

## ୪୧ ମଣ୍ଡପରେ ହେବ ମା' ଗଜଲକ୍ଷ୍ମୀଙ୍କ ଆବାହନ

ଢେଙ୍କାନାଳ,୨୭ ।୯(ସମିସ): ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ଚଳିତବର୍ଷ ସହରରେ ୪୧ ମଣ୍ଡପରେ ମାଆଙ୍କ ପୂଜା ଅନୁଷ୍ଠିତ ହେବ। ପୂଜାକୁ ସୁଚାରୁରୂପ ସମ୍ପନ୍ନ କରିବା ପାଇଁ ମୀନାବଜାରପୂଜା କମିଟି ସଭାପତି

**ମିଳିତ ପୂଜା କମିଟି ସଭାପତି ହେଲେ ରାମଚନ୍ଦ୍ର**

ତଥା ମିଳିତ ବଜାର ପୂଜା କମିଟି ଆବାହକ ରବିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକରେ ଅନୁଷ୍ଠିତ ହୋଇଛି। ମିଳିତ ପୂଜା କମିଟି ସମ୍ପାଦକ ପୀତବାସ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୬ ପୂଜା ପାଇଁ ରାମଚନ୍ଦ୍ର ପାତ୍ରଙ୍କୁ ମିଳିତ ପୂଜା କମିଟି ସଭାପତି ଭାବେ ଚୟନ କରାଯାଇଛି। ବୈଠକରେ ୪୧ ମଣ୍ଡପର କର୍ମକର୍ତ୍ତା ଯୋଗଦେଇଥିଲେ। ପୂଜ ସମୟରେ ବିଦ୍ୟୁତ୍, ରାସ୍ତାଘାଟ, ପାନୀୟଜଳ ଏବଂ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

## ମଣ୍ଡାପାଳ ଗ୍ରାମରେ ଭାଗବତ ଜନ୍ମ ପାଳିତ

ଢେଙ୍କାନାଳ,୨୭ ।୯(ସମିସ): ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ଭାଗବତ ଜନ୍ମ ପାଳିତ ହୋଇଛି। ଫୁଲ ଚନ୍ଦନ, ଭୋଗ ଦେଇ ପୂଜାର୍ଚ୍ଚନା ସହ ଭାଗବତ ପାଠ କରାଯାଇଛି। ପୂଜକ ପ୍ରଦୀପ କୁମାର ଦାସଙ୍କ ଦ୍ୱାରା ପୂଜାପାଠ କରାଯିବା ପରେ ପ୍ରସାଦ ସେବନ କରାଯାଇଥିଲା। ଗ୍ରାମର ପ୍ରାଣବନ୍ଧୁ ବ୍ରହ୍ମ, ପୁଷ୍ପଲତା ବ୍ରହ୍ମ, ମହେନ୍ଦ୍ର ପ୍ରଧାନ, ଧର୍ମନନ୍ଦନ କରାଳ ପ୍ରମୁଖ ସହଯୋଗ କରିଥିଲେ।

## 'ବରିଷ୍ଠ ନାଗରିକ ପରିଷଦର ସ୍ୱତନ୍ତ୍ର ବୈଠକ

ଢେଙ୍କାନାଳ,୨୭ ।୯(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ଼ସ୍ଥିତ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ପୂର୍ବତନ ଜିଲ୍ଲା ଜଜ୍ ଦୁର୍ଗା ଚରଣ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସମାଜସେବୀ ଯୋଗଦେଇ ପରିଷଦର ମୂଳ ଲକ୍ଷ୍ୟ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବ୍ୟାପକ ଆଲୋଚନା କରିଛନ୍ତି। ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ,ପ୍ରାଧ୍ୟାପକ ହରେକୃଷ୍ଣ କର ସଭାକାର୍ଯ୍ୟ ପରିଚାଳନା କରିବା ସଙ୍ଗେ ସଙ୍ଗେ ସ୍ୱୀୟର ବକ୍ତବ୍ୟରେ ସାଂଗଠନିକ ସୁଦୃଢ଼ୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସେବା କାର୍ଯ୍ୟକ୍ରମ ଓ ବରିଷ୍ଠ ନାଗରିକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ବୈଠକରେ ବରିଷ୍ଠ ନାଗରିକ ପରିଷଦ ଗଠନର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମାଜର ମାର୍ଗଦର୍ଶକ ସାଜିଥିବା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା,ସମ୍ମାନ ଓ ଅଧିକାରକୁ ସୁନିଶ୍ଚିତ କରିବା ଏହି ପରିଷଦର ମୁଖ୍ୟ ଲକ୍ଷ୍ୟ। ଏହା ସହିତ କେବଳ ବରିଷ୍ଠ ନାଗରିକ ନୁହନ୍ତି,ବରଂ ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କ ସ୍ୱର ସାଜି ସେମାନଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା ପାଇଁ ପରିଷଦ ସଂକଳ୍ପବଦ୍ଧ ବୋଲି ବୈଠକରେ ମତପ୍ରକାଶ ପାଇଛି। ବୈଠକର ପ୍ରାରମ୍ଭରେ ଯୋଗଦେଇଥିବା ସମସ୍ତ ସଭ୍ୟ ପରିଚୟ ପ୍ରଦାନ କରିବା ସହ ସାଂଗଠନିକ କାର୍ଯ୍ୟାବଳୀ ଓ ଆଲୋଚନା ଅବସରରେ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ଅନେକ ସାରଗର୍ଭକ ପ୍ରସ୍ତାବ ଦେଇଥିଲେ। ସଂଗଠନର ପରିସରକୁ ବୃଦ୍ଧି କରିବା ପାଇଁ ନୂତନ ସଭ୍ୟ ଗ୍ରହଣ ପ୍ରକ୍ରିୟା ଏବଂ ସମସ୍ତ ସଦସ୍ୟଙ୍କୁ ବିଧିବଦ୍ଧ ଭାବେ ପରିଚୟପତ୍ର ପ୍ରଦାନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଭବିଷ୍ୟତର ଯୋଜନାବଦ୍ଧ କାର୍ଯ୍ୟକ୍ରମ ମଧ୍ୟରେ ପରିଷଦ ପକ୍ଷରୁ ଆଗାମୀ ଦିନରେ ଜିଲ୍ଲାରେ ବ୍ୟାପକ ସାମାଜିକ ସଂସ୍କାରମୂଳକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି,ଯେଉଁଥିରେ ମୁଖ୍ୟତଃ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଦୃଢ଼ ଆହ୍ୱାନ ଦିଆଯାଇଛି। ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ସଂଗଠନକୁ ପହଞ୍ଚାଇବା ସହ ନୂତନ ସଦସ୍ୟ ଯୋଡ଼ି ସଂଗଠନର କଳେବର ବୃଦ୍ଧି କରାଯିବ। ଜିଲ୍ଲାର ସମସ୍ତ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକମାନଙ୍କୁ ଯେପରି ସଠିକ୍ ସମୟରେ ଭତ୍ତା ମିଳିପାରିବ ସେଥିପାଇଁ ପରିଷଦ ମଧ୍ୟସ୍ଥି ସାଜିବ। ଏହାସହ ଅସହାୟ ମହିଳା,ଶିଶୁ ଏବଂ କଳାକାରମାନଙ୍କୁ ସରକାରୀ ଯୋଜନାର ଲାଭ ପ୍ରଦାନ କରିବାରେ ପରିଷଦ ସମ୍ପୂର୍ଣ୍ଣ ସହଯୋଗ କରିବ। ସମାଜକୁ କଳୁଷିତ କରୁଥିବା ନିଶା ଏବଂ ଦୁର୍ନୀତି ବିରୋଧରେ ବରିଷ୍ଠ ନାଗରିକ ପରିଷଦ ଏକ ଜନଆନ୍ଦୋଳନ ଗଢ଼ିତୋଳିବ ବୋଲି ସଭାପତି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଦୃଢ଼ ଘୋଷଣା କରିଛନ୍ତି। ଉପସଭାପତି ତଥା କବି ବାହାଦୂର ପାଟସାହାଣୀ ନିଜ ଅଭିଭାଷଣରେ ପରିଷଦର ସଭ୍ୟ ସଂଖ୍ୟା ବୃଦ୍ଧି କରି ଏହାକୁ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ପହଞ୍ଚାଇବାକୁ ଏବଂ ଅଧିକ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇଥିଲେ ଓ ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।



# ବିଧାନସଭା କାର୍ଯ୍ୟପ୍ରଣାଳୀ ଶିଖିଲେ ଆଇଆଇଏମସି ଛାତ୍ରଛାତ୍ରୀ

ଢେଙ୍କାନାଳ,୨୭ ।୯(ସମିସ):

ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଛାତ୍ରଛାତ୍ରୀମାନେ ବିଧାନସଭା କାର୍ଯ୍ୟପ୍ରଣାଳୀ ଶିଖିଛନ୍ତି। କେବଳ ପୁସ୍ତକଗତ ଶିକ୍ଷା ନୁହେଁ, ପ୍ରାୟୋଗିକ ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଆସୁଛି ଏହି ଶିକ୍ଷାନୁଷ୍ଠାନ। ଏହି କ୍ରମରେ ଆଇଆଇଏମସିର ଅଧ୍ୟାପକ ଅଧ୍ୟାପିକାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଓଡ଼ିଶା ବିଧାନସଭା ପରିଦର୍ଶନ କରି ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀମାନେ ବିଧାନସଭା ପରିସର ପରିଦର୍ଶନ କରିବା ସହ ବିଧାନସଭାର କାର୍ଯ୍ୟବିଧି ସିଧାସଳଖ ଦେଖିଥିଲେ। ପରେ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏଥିସହ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଧାନସଭା ଗବେଷଣା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ବିଭାଗ ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବିଧାନସଭାର ଗଠନ, କାର୍ଯ୍ୟପ୍ରଣାଳୀ ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଧାନସଭାର ବିଭିନ୍ନ କମିଟି, ଗବେଷଣା ବିଭାଗ ଓ ଲାଇବ୍ରେରୀ, ନେଭା ସେଲ, କାଗଜବିହୀନ (ପେପର୍ ଲେସ୍) କାର୍ଯ୍ୟ, ବଜେଟ, ଭାଷା ଆଦି ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ବିଧାନସଭାକୁ ଆୱାର୍ଡ଼ ଅଫ ଏକ୍ସଲେନ୍ସ ମିଳିଛି ବୋଲି ସଚିବ କହିଥିଲେ। ବିଧାନସଭା ସଚିବ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ ପାଇଁ ସୁଯୋଗ ଦେବେ ବୋଲି କହିଥିଲେ। ଏହି ପରିଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଧାନସଭାର କାର୍ଯ୍ୟବିଧିକୁ ନିକଟରୁ ଦେଖିବା ସହ ସାମ୍ବାଦିକ ଭାବେ ବିଧାନସଭା ରିପୋର୍ଟିଂ ପାଇଁ ଆବଶ୍ୟକ ବିଭିନ୍ନ ଦିଗ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ହାସଲ କରିଥିଲେ।



ଢୋଲ ଭିତରେ ମୂଷା

# ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ୪ ଗିରଫ

## ଖୋଲୁଛି ପୂର୍ତ୍ତ ସିଣ୍ଡିକେଟ୍‌ର ଗୁମର, ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି






ଭୁବନେଶ୍ୱର,୨୭ ।୯ (ସମିସ): ନକଲି ବିଲ୍ ଜରିଆରେ ପୂର୍ତ୍ତ ବିଭାଗର ୯.୨୪କୋଟି ଟଙ୍କା ହଡ଼ପ ମାମଲାରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିବା କଥା ସାମ୍ନାକୁ ଆସିଛି । ଢୋଲ ଭିତରେ ମୂଷା ଭଳି ପୂର୍ତ୍ତ ବିଭାଗରେ କାମ କରୁଥିବା କିଛି କର୍ମଚାରୀ ବିଭାଗର ଟଙ୍କାକୁ ଚୁପ୍ ଚାପ୍ ହରିଲୁଟ୍ କରି ଚାଲିଥିଲେ । ହରିଲୁଟ୍ କରୁଥିବା ଏହି ସିଣ୍ଡିକେଟ୍ ଗୁମର ଏବେ ଖୋଲିବାରେ ଲାଗିଛି । ଏହି ସିଣ୍ଡିକେଟ୍‌ରେ ଏକାଧିକ ବିଭାଗୀୟ କର୍ମଚାରୀ ସାମିଲ ଥିଲା ତେବେ ତଦନ୍ତ ହେବାରୁ ଜଣଙ୍କ ପରେ ଜଣଙ୍କ ନାମ ସାମ୍ନାକୁ ଆସିବାରେ ଲାଗିଛି । ଭିଜିଲାନ୍ସ କର୍ଯ୍ୟାନୁଷ୍ଠାନର ପ୍ରଥମ ଦିନରେ ସେକ୍ସନ୍ ଅଫିସର ଏବଂ ଜୁନିୟର ଆସିଷ୍ଟାଣ୍ଟ ଧରାପଡ଼ିଥିଲେ । ଦ୍ୱିତୀୟ ଦିନରେ ଡାଟା ଏଣ୍ଟ୍ରି ଅପରେଟର ଓ ପିଅନ ସିଣ୍ଡିକେଟ୍‌ରେ ସାମିଲ୍ ଥିବା ଜଣାପଡ଼ିଛି । ଏହାପରେ ଭିଜିଲାନ୍ସର ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି ।

ଭିଜିଲାନ୍ସ ସୂଚନା ମୁତାବକ, ଶନିବାର ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ-୧ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର୍ ବନଲତା ମହାନ୍ତି ଓ ଜୁନିଅର ଆସିଷ୍ଟାଣ୍ଟ ବିଭୂଦତ୍ତ ନାୟକଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କୁ ଜେରା କରିବାରୁ ଉକ୍ତ କାର୍ଯ୍ୟାଳୟରେ କାମ କରୁଥିବା ଆଉ ୪ଜଣ କର୍ମଚାରୀଙ୍କ ପାଖରେ ଭିଜିଲାନ୍ସ ପହଞ୍ଚି ସେମାନଙ୍କୁ ଗିରଫ କରିଛି । ଏହି କର୍ମଚାରୀମାନେ ହେଲେ ପିଅନ ଲକ୍ଷ୍ମଣ ବିଶ୍ୱାଳ, ଦୀପକ କୁମାର ରାଉତରାୟ, ଡାଟା

■ ଅବସରପ୍ରାପ୍ତ ପୂର୍ତ୍ତ କର୍ମଚାରୀଙ୍କ ୯.୨୪ କୋଟି ସରକାରୀ ଅର୍ଥ ଆତ୍ମସାତ୍
■ ଭିଜିଲାନ୍ସ ଜାଲରେ ଖାଲି କେରାଣ୍ଡି; କେବେ ସାମ୍ନାକୁ ଆସିବେ ବଡ଼ବଡ଼ିଆ

ଏଣ୍ଟ୍ରି ଅପରେଟର ରାଜୀବ ଲୋଚନ ସେନାପତି ଓ ସୌମ୍ୟ ରଞ୍ଜନ ମହାପାତ୍ର । ସମସ୍ତ ୬ଜଣଙ୍କୁ ଭିଜିଲାନ୍ସ ରବିବାର କୋର୍ଟ ଚାଲାଣ କରିଛି । ହଡ଼ପ ହୋଇଥିବା ସରକାରୀ ଅର୍ଥ ୯ କୋଟି ୨୪ ଲକ୍ଷ ୧୦ ହଜାର ୧୯୩ ,ଟଙ୍କାରୁ ୪ ଅଭିଯୁକ୍ତଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ଭିଜିଲାନ୍ସ ପ୍ରମାଣ ପାଇଛି । ଭିଜିଲାନ୍ସ ପକ୍ଷରୁ ଜାରି ପ୍ରେସ ରିଲିଜ ଅନୁଯାୟୀ, ଦୀପକଙ୍କ ଆକାଉଣ୍ଟକୁ ୩୨ ଲକ୍ଷ ୪୭ ହଜାର ୮୦୦ ଟଙ୍କା, ଲକ୍ଷ୍ମଣଙ୍କ ପାଖକୁ ୧୬ ଲକ୍ଷ ୨୧ ହଜାର ୪୮୪ ଟଙ୍କା, ରାଜୀବଙ୍କ ପାଖକୁ ୨୮ ଲକ୍ଷ ୨୮ ହଜାର ୮୧୭ ଟଙ୍କା ଓ ସୌମ୍ୟଙ୍କ ଆକାଉଣ୍ଟକୁ ୩୫ ଲକ୍ଷ ୬୯ ହଜାର ୯୮ ଟଙ୍କା ପଠାଯାଇଛି ।

ପୂର୍ତ୍ତ ବିଭାଗ ଭିତରେ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ୪ବର୍ଷ ହେବ ଏହି ସିଣ୍ଡିକେଟ୍ ଅପରେଟ୍ କରୁଥିଲା । ବିଭାଗୀୟ ବଡ଼ ଅଧିକାରୀଙ୍କ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ହାତ ନଥିଲେ ଏଭଳି ସିଣ୍ଡିକେଟ୍ ଅପରେଟ୍ କରିବା କଷ୍ଟ । ହେଲେ ଭିଜିଲାନ୍ସ ଜାଲରେ କେବଳ କେରାଣ୍ଡି ପଡ଼ିଲା ଭଳି ଛୋଟ କର୍ମଚାରୀ ପଡ଼ିଛନ୍ତି । ଗିରଫଦାରୀ ସେକ୍ସନ୍ ଅଫିସଙ୍କ ଠାରୁ ଉପରସ୍ତରର ଅଧିକାରୀଙ୍କ ପାଖକୁ ଯାଇ ପାରୁ ନାହିଁ । ଓଲଟା ଭିଜିଲାନ୍ସ ତଳମୁହାଁ ହୋଇ ପିୟନ, ଡାଟା ଏଣ୍ଟ୍ରୀ ଅପରେଟରଙ୍କୁ ଧରିବାରେ ବ୍ୟସ୍ତ । ବିଭାଗ ଭିତରେ କିଏ ଏହି ବଡ଼ ଅଧିକାରୀ । ତାଙ୍କ ସମ୍ପୃକ୍ତି କଣ ରହିଛି । ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥ, ଜରୁରୀକାଳୀନ ପାଣ୍ଠିକୁ ସେମାନେ ନିଜ ଭାଇ, ଡ୍ରାଇଭର ଏବଂ ସମ୍ପର୍କିୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ହଡ଼ପ କଲେ । ହେଲେ ବଡ଼ ବାବୁମାନେ କିଭଳି ଏସମ୍ପର୍କରେ କିଛି ବି ସୁରାକ୍ ପାଇଲେ ନାହିଁ । କାହିଁକି ବଡ଼ବଡିଆଙ୍କ ପାଖରେ ପହଞ୍ଚିବାରେ ଭିଜିଲାନ୍ସ ଅସମର୍ଥ ହୋଇଛି । ନାଆଁ ବଡ଼ ବାବୁଙ୍କ ନାମକୁ କାଳେ ସାମ୍ନାକୁ ଆସିବ ତେଣୁ କେବଳ ତଳମଳିଆ କର୍ମଚାରୀଙ୍କୁ ଗିରଫ କରି ତଦନ୍ତରେ ପୂର୍ଣ୍ଣଚ୍ଛେଦ ପକାଯାଉଛି ।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ନିଜ ସମ୍ପର୍କୀୟ ଏବଂ ପରିଚିତ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ମୋଟ ୪୮ ଜଣ ବ୍ୟକ୍ତିଙ୍କ ୭୭ଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହୃତ ହୋଇଥିଲା । ଏଥିମଧ୍ୟରେ ବନଲତା ମହାନ୍ତିଙ୍କ ପୁଅ, ଡ୍ରାଇଭର ଏବଂ ସହଯୋଗୀ ତଥା ବିଭୁଦତ୍ତ ନାୟକଙ୍କ ଭାଇ ଓ ସମ୍ପର୍କୀୟଙ୍କ ଆକାଉଣ୍ଟ ରହିଛି । ତେବେ ପରବର୍ତ୍ତି ସମୟରେ ୩.୯୬ କୋଟି ଟଙ୍କା ଜବତ ହୋଇଥିଲା । ହେଲେ ଅବଶିଷ୍ଟ ଟଙ୍କା କିଏ ନେଲା ଭିଜିଲାନ୍ସ ଏହାର ତଦନ୍ତ ଚଳାଇଛି । ତେବେ ଆଗକୁ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

ଜଟଣୀ ଗଣେଶ ଭସାଣରେ ଅଘଟଣ

# ପୁଲିସ ଉପସ୍ଥିତିରେ ଡିଜେ ବାଜିଲା, ତାଜା ଭାଙ୍ଗିଲା




ଭୁବନେଶ୍ୱର/ଜଟଣୀ,୨୭/୯ (ସମିସ): ଶନିବାର ରାତିରେ ଜଟଣୀ ଗଣେଶ ଭସାଣ ଉତ୍ସବ ବେଳେ ଏକ ବଡ଼ ଧରଣର ଅଘଟଣ ଘଟିଛି । ରାଜ୍ୟ ସାରା ଡିଜେ ବ୍ୟାନ୍ ଥିଲା ବେଳେ ପୁଲିସ ଉପସ୍ଥିତିରେ ଏଠାରେ ଡିଜେ ବାଜିଲା । ଡିଜେର ଭାଇବ୍ରେସନ୍ ଏତେ ଭୟଙ୍କର ଥିଲା ଯେ ଏକ ଘରୋଇ ବ୍ୟାଙ୍କ୍‌ର ତାଜା ଭାଙ୍ଗିଗଲା । ତାଜାର ଭଗ୍ନାବଶେଷ ତଳେ ଚାପି ହୋଇ ଭଷାଣ ଉତ୍ସବ ଦେଖୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ମୃତକ ହେଲେ ହରିରାଜପୁର ଗ୍ରାମର ବିଶ୍ୱଜିତ ବାରିକ(୩୦) । ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ରେଡ଼କ୍ରସ ଅନୁଦାନ ପ୍ରଦାନ କରାଯାଇଛି ।

■ ଜଣେ ମୃତ, ୧୫ ଆହତ
■ ଏନ୍‌ଏଚ୍‌ଆର୍‌ସିରେ ରୁଜ୍ଜୁ ହେଲା ମାମଲା

କମିସନରେଟ୍ ଅଞ୍ଚଳରେ ଗଣେଶ ପୂଜା ପୂର୍ବରୁ ପୂଜା କମିଟିମାନଙ୍କୁ ନେଇ ପୁଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଡକାଯାଇଥିଲା । ଏଥିରେ ପ୍ରତ୍ୟେକ ପୂଜା କମିଟିକୁ ଡିଜେ ନ ବଜାଇବାକୁ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା । ଥାନା ଗୁଡ଼ିକରେ ଏସମ୍ପର୍କିତ ନୋଟିସ ଲଗାଯାଇଥିଲା । ଏପରିକି ପୂଜା କମିଟି ପୁଲିସ ନିକଟରୁ ଅନୁମତି ପତ୍ର ନେଲା ବେଳେ ସ୍ପଷ୍ଟ ଭାବେ ଦର୍ଶାଇଥିଲେ ଯେ ଡିଜେ ବଜାଇବେ ନାହିଁ । କମିଟି ମୁଖ୍ୟଙ୍କ ଦ୍ୱାରା ଲିଖିତ ଭାବେ ପୁଲିସକୁ ଅବଗତ କରାଯାଇଥିଲା । ହେଲେ ଏହି ନିୟମକୁ ସମସ୍ତେ ଫୁ କାରିଦେଲେ । ନାଁ ପୂଜା କମିଟି ନିୟମକୁ ଅନୁପାଳନ କଲା ନାଁ ପୁଲିସ ଅଟକାଇବାକୁ ଉଦ୍ୟମ କଲା । ବିନା ଅନୁମତିରେ କୋଡିଏରୁ ଅଧିକ ଡିଜେ ବିକଟାଳ ସାଉଣ୍ଡ କରି ଭଷାଣ ଯାତ୍ର କଲେ । ଡିସିପିଙ୍କ ଠାରୁ ଆରମ୍ଭ କରି ୧୫ ଆଇଆଇସି, ୩ ଏସିପି, ୨ ଆଡିସନାଲ ଡିସିପି ସମସ୍ତେ ଉପସ୍ଥିତରେ ଡିଜେ ବାଜିଲା । ପୁଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ କେବଳ ଦେଖଣାହାରୀ ସାଜିଗଲା ।

ଅଘଟଣ ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା ବେଳେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନାହିଁ । ଅନ୍ୟପଟେ ଭଷାଣ ଶୋଭାଯାତ୍ରାରେ ଡିଜେ କଟକଣା ଅମାନ୍ୟ କରିଥିବା ସବୁ ପୂଜା କମିଟିକୁ ନୋଟିସ ପଠାଇବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି । ଏହି ଘଟଣାକୁ ନେଇ ବିବାଦ ତେଜୁ ଥିଲା ବେଳେ ସାଉଣ୍ଡ ଆସୋସିଏସ୍ ପକ୍ଷରୁ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ଏହି ମାମଲା ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ ହୋଇଛି । ମାନବାଧିକାର କର୍ମୀ ଜୟନ୍ତ ଦାଶ ଘଟଣା ପାଇଁ ଜିଲ୍ଲା ପ୍ରଶାସନ ଏବଂ କମିଶନରେଟ୍ ପୁଲିସକୁ ଦାୟୀ କରିଛନ୍ତି । ଡିଜେ ବ୍ୟାନ୍ ଥିବା ବେଳେ କିଭଳି ଭାବେ ପୁଲିସ ଉପସ୍ଥିତିରେ ଡିଜି ବାଜିଲା ତାହାକୁ ନେଇ ପ୍ରଶ୍ନ କରିଛନ୍ତି । ସର୍ବସାଧାରଣ ରାସ୍ତାରେ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଡିଜେ ବଜାଯାଇଛି । ତେଣୁ ଆୟୋଗ ନିଜ ଆଡୁ ମାମଲା କରି ୭ ଦିନ ଭିତରେ ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲ୍ଲାପାଳ, ପୁଲିସ ଡିଜି ଏବଂ ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ଦେବା ସହ ଆହତଙ୍କୁ ୫ଲକ୍ଷରୁ ୧୫ ଲକ୍ଷ ଦେବାକୁ ନିବେଦନ କରାଯାଇଛି । ଆହୁରି ମଧ୍ୟ ଆହତଙ୍କୁ ଭଲ ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ୬୦ ଦିନ ଭିତରେ ଖୋର୍ଦ୍ଧା, ପୁରୀ ଏବଂ ଭୁବନେଶ୍ୱରରେ ହେବାକୁ ଥିବା ପାର୍ବଣରେ ରାସ୍ତା କଡ଼ରେ ଥିବା ପୁରୁଣା ବିଲ୍ଡିଂ ଗୁଡ଼ିକର ସେଫ୍ଟି ଅଡ଼ିଟ୍ କରିବାକୁ ନିବେଦନ କରାଯାଇଛି ।

# ଦିଲ୍ଲୀ ଜୁହାର ପରିବାର ନୂଆଁଖାଇ ପରବ ୨୦୨୬ ପାଳିତ



ଭୁବନେଶ୍ୱର,୨୭ ।୯ (ସମିସ): ଉତ୍ସାହ ଆଉ ଉଦ୍ଦୀପନା ମଧ୍ୟରେ ଜୁହାର ପରିବାର ନୂଆ ଦିଲ୍ଲୀର ନୂଆଁଖାଇ ପରବ ଆଜି ପାଳିତ ହୋଇ ଯାଇଛି । ପ୍ରଥମେ ମା ସମଲେଶ୍ୱରୀ ଙ୍କ ନିକଟ ରେ ବିଶେଷ ପୂଜା ପରେ କାର୍ଯ୍ୟକ୍ରମ ଆରମ୍ଭ ହେଇଥିଲା । ଏ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ପ୍ରଧାନମନ୍ତ୍ରୀ ଙ୍କ ପ୍ରମୁଖ ସଚିବ ଡ଼. ପ୍ରମୋଦ କୁମାର ମିଶ୍ର । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଓ ବର୍ତ୍ତମାନ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ଭଟଲି ବିଧାୟକ ଇରାଶୀଷ ଆଚାର୍ଯ୍ୟ, ରାଷ୍ଟ୍ରୀୟ ସଫେଇ କର୍ମଚାରୀ ଆୟୋଗ ର ଉପାଧ୍ୟକ୍ଷ କେଶବ ବିହାରୀ, ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ଏବଂ କେବିକେ ମୁଖ୍ୟ ପ୍ରଶାସକ ବିଷ୍ଣୁପଦ ସେଠୀ, ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଆଇ ଆଇ ଏମ ସମ୍ବଲପୁର ର ନିର୍ଦ୍ଦେଶକ ଡ଼. ମହାଦେବ ପ୍ରସାଦ ଜୟସ୍ୱାଲ ଓ ବରିଷ୍ଠ ସାମ୍ବାଦିକ ଡ଼ ଭବାନୀ ଦୀକ୍ଷିତ ।

ଶ୍ରୀ ଓରାମ ନୂଆଁଖାଇ ର ଅଭିନନ୍ଦନ ଜଣାଇ ଏ ବର୍ଷ ଟି ସମସ୍ତଙ୍କ ପାଇଁ ମଙ୍ଗଳମୟ ହଉ ବୋଲି କାମନା କରିଥିଲେ।

ନିଜ ଅଭିଭାଷଣ ରେ ଡ଼. ମିଶ୍ର କହିଥିଲେ ଯେ ନୂଆଁଖାଇ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ ଏହା ପଶ୍ଚିମ ଓଡିଶା ର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ର ପ୍ରତୀକ ।

ଶ୍ରୀ ପ୍ରଧାନ କହିଥିଲେ ଯେ ନୂଆଁଖାଇ କେବଳ ଗୋଟିଏ ପର୍ବ ନୁହେଁ, ଏହା ମାଟି, କୃଷି, ଏବଂ ଭାଇଚାରାର ଏକ ଅନନ୍ୟ ଉତ୍ସବ ।

ଏ ଅବସରରେ ଆମସେନା ବୈଦିକ ଗୁରୁକୁଳ ଆଶ୍ରମ ର ଆଚାର୍ଯ୍ୟ ଓ ପ୍ରଖ୍ୟାତ ଆୟୁର୍ବେଦ ଚିକିତ୍ସକ, ଶିକ୍ଷାବିତ୍ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ଙ୍କୁ ଜୁହାର ସମ୍ମାନ ୨୦୨୬ ରେ ସମ୍ମାନିତ କରାଯାଇଥିଲା । ଜୁହାର ଅଟଳ ସମ୍ମାନ ୨୦୨୬ ରେ ବରିଷ୍ଠ ମଞ୍ଚ କଳାକାର ଲଳିତ ପୂଝାରୀ ଙ୍କୁ ସମ୍ମାନିତ କରାଯାଇଥିଲା । ଏଅବସରରେ ଅନୁଷ୍ଠାନ ର ବାର୍ଷିକ ସ୍ମରଣିକା ଜୁହାର ସୁରତା ମଧ୍ୟ ଉନ୍ମୋଚିତ ହୋଇଥିଲା ।

ଏ ଅବସରରେ ଦିଲୀପ ସାହୁ ଙ୍କର ନେତୃତ୍ୱ ରେ କଳାଜୀବି ବରଗଡ଼ର କଳାକାର ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ । ଲୋକପ୍ରିୟ ଗାୟିକା ଅର୍ଚ୍ଚନା ପାଢ଼ୀ, ନିଲ ସାଗର, ପଦ୍ମଶ୍ରୀ ଖଟେଇ, ଜ୍ୟୋତି ପ୍ରକାଶ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ରେପ୍ପର ଏଲେକ୍ସ ବାୱା ନିଜର ପ୍ରସ୍ତୁତି ରେ ଯୁବପିଢ଼ି ଙ୍କୁ ଆକର୍ଷିତ କରିଥିଲେ । ପ୍ରଖ୍ୟାତ କମେଡିଆନ ବିନ୍ଦୁ ଓ ସାଥି କଳାକାର ପ୍ରେମା, ସ୍ୱାତୀ, ବିନୋଦ ହାସ୍ୟରସ ର ପ୍ରସ୍ତୁତି ଦେଇଥିଲେ । ପୁଷ୍ପାଞ୍ଜଳି ନନ୍ଦଙ୍କ ନେତୃତ୍ୱ ରେ ସମ୍ବଲପୁରୀ ଫେସନ ଶୋ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମ ଆୟୋଜନ ରେ ସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ ମାନସ ମିଶ୍ର, ବିଜୟାନନ୍ଦ ନାଏକ, ଅନିତା ପଟେଲ, ଜଗଦୀଶ ପଟେଲ, ମାନସ ପାଢ଼ୀ, ଦେବଦତ୍ତ ଦାଶ, ଅରକ୍ଷିତ ଶାସ୍ତ୍ରୀ, ଦେବାଶିଷ ମାଝୀ, ଆକାଶ ପାଣିଗ୍ରାହୀ, ପିନାକୀ ପ୍ରସାଦ ରଥ, ଅନୁପମ ମିଶ୍ର, ବିଜୟ ତ୍ରିପାଠୀ, ସର୍ବେଶ୍ୱର ପଧାନ, ଚନ୍ଦ୍ରଶେଖର ପାଢ଼ୀ, ତାପସ ଷଡ଼ଙ୍ଗୀ, ଶ୍ରୀକାନ୍ତ ମିଶ୍ର, ମାନସ ମହାନ୍ତି, ରୁଦ୍ରମଣି ସାହୁ, ସତ୍ୟନାରାୟଣ ପ୍ରଧାନ, ସୁଜିତ ପଟେଲ, ସୁଧୀର ସାହୁ, ପଞ୍ଚାନନ ପ୍ରଧାନ, ମନୋଜ ସାହୁ, ବିବେକ ପାତ୍ର,କୈଳାଶ ନାଏକ ରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଉଦଳା ବିଧାୟକ ହଟହଟା

ଉଦଳା,୨୭।୯ (ସମିସ): ବନ୍ୟା ଅଞ୍ଚଳ ବୁଲି ଦେଖିବାକୁ ଯାଇଥିବା ସମୟରେ ଉଦଳା ବିଧାୟକ ଭାସ୍କର ମଢେଇ ହଟହଟା ହୋଇଛନ୍ତି । ଯାହାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଭିଡିଓରେ ବିଧାୟକ ଓ ଗ୍ରାମରେ କିଛି ବ୍ୟକ୍ତିଙ୍କ ମଧ୍ୟରେ ଅଶାଳୀନ ଭାଷାରେ ଗାଳିଗୁଲଜ ହେଉଥିବା ଦେଖିବାକୁ ମିଳିଛି । ଏପରିକି ମାଡ଼ ମାରିବାକୁ ଉଦ୍ୟମ ଓ ଠେଲାପେଲା ହେଉଥିବା ଦେଖାଯାଉଛି । ଫଳରେ ବିଧାୟକ ଭାସ୍କର ମଢେଇ ତାଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରୁଥିଲେ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି ସେହିଭଳି ଆଚରଣ କରିଥିଲେ । ତେବେ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଘଟଣା ସମ୍ପର୍କରେ ବିଧାୟକଙ୍କୁ ପଚାରିବାରୁ ବନ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଯାଇଥିବା ସମୟରେ ଜଣେ ଯୁବକ ମାଗଣା ଖାଦ୍ୟ ବଣ୍ଟନ କରୁଥିବା ଦେଖି ତାଙ୍କୁ ସେ ଧନ୍ୟବାଦ ଜଣାଇଥିଲେ । ଏହି ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ଭୋଟ ନେବା ପାଇଁ ଆସିଛ ବୋଲି କହି ତାଙ୍କୁ ଖରାପ ବ୍ୟବହାର କରିଥିବା କହିଛନ୍ତି ବିଧାୟକ । ସେହି ଭିଡିଓକୁ ସୋସିଆଲ ମିଡିଆରେ ଅତିରଞ୍ଜିତ କରି ପୋଷ୍ଟ କରାଯାଉଛି ବୋଲି ବିଧାୟକ କହିଛନ୍ତି । ଏଭଳି ପରିସ୍ଥିତିରେ ଥାନାରେ କୌଣସି ପ୍ରକାର ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି ।

# ଖେଳୁଖେଳୁ ଟଳିପଡ଼ିଲେ ଏଆର୍‌ଆଇ

ରାୟଗଡ/ଗୁଣୁପୁର,୨୭।୯ (ସମିସ): ରାୟଗଡରେ କ୍ରିକେଟ୍ ଖେଳୁଥିବା ସମୟରେ ଗୁଣପୁରରେ କାର୍ଯ୍ୟରତ ଏଆର୍‌ଆଇ ପି. ରାଜେଶ ହଠାତ୍ ଛାତି ଯନ୍ତ୍ରଣା ଅନୁଭବ କରିଥିଲେ । ସେ ଅଚେତ ହୋଇଯାଇଥିଲେ । ତାଙ୍କୁ ଡାକ୍ତରଖାନା ନେବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଏଆର୍‌ଆଇ ପି. ରାଜେଶଙ୍କ ବୟସ ୪୨ ବର୍ଷ । ସୂଚନା ପ୍ରକାରେ ରାଜେଶ କ୍ରିକେଟ୍ ଖେଳିବାକୁ ଭଲ ପାଉଥିବାରୁ ରବିବାର ଛୁଟି ଦିନରେ ସେ ରାୟଗଡ ଆସିଥିଲେ । ଆଜି ସକାଳେ



ବାରିଖୋଲା ନିକଟସ୍ଥ ପଡ଼ିଆରେ ସେ ଖେଳୁଥିବା ବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ । ତୁରନ୍ତ ତାଙ୍କୁ ଘରକୁ ନିଆଯାଇଥିଲା । ତେବେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜେଶଙ୍କ ପିତାଙ୍କ ପୂର୍ବରୁ ଦେହାନ୍ତ ହୋଇସାରିଥିବା ବେଳେ ପରିବାରରେ ତାଙ୍କ ମାଆ, ସ୍ତ୍ରୀ, ୨ ଝିଅ ଓ ଜଣେ ପୁଅ ଅଛନ୍ତି । ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## ଧରାପଡ଼ିଲା କୋରିଅର ସଂସ୍ଥାର ଚାଲାକି

# ୫ କୁଇଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ଭବାନୀପାଟଣା,୨୭ ।୯ (ସମିସ): ଅନଲାଇନ କୋରିଅର୍ ସେବା ନାଁରେ ମାଛ ପ୍ୟାକିଙ୍ଗ ସୋଲ ଡବାରେ ଗଞ୍ଜେଇ ଚାଲାଣ ଅବକାରୀ ବିଭାଗକୁ ଚକିତ କରିଛି । ବିଶ୍ୱସ୍ଥ ସୂତ୍ରରୁ ଖବରପାଇ ମାଡ଼ି ବସିଲା କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ୟୁନିଟ୍ । ଏହି ଗଞ୍ଜେଇ ଉତ୍ତର ପ୍ରଦେଶ(ୟୁପି) ବୁଲନ୍ଦସହର ଜିଲ୍ଲା ଖୁର୍ଜାର ଅତିରିକ୍ତ ଜିଲ୍ଲା ସେସନ୍ ଜଜ୍‌ଙ୍କ ନାମରେ ଚାଲାଣ ହେଉଥିବା ଠିକଣାରେ ପ୍ରାୟ ୫ କ୍ୱିଣ୍ଟାଲ ଗଞ୍ଜେଇ

**ୟୁପିର ଅତିରିକ୍ତ ଜିଲ୍ଲା ସେସନ୍ ଜଜ୍‌ଙ୍କ ନାଁରେ ହେଉଥିଲା ଗଞ୍ଜେଇ ଚାଲାଣ**



ଚାଲାଣ ହେଉଥିଲା । ରବିବାର ଭବାନୀପାଟଣା ବ୍ଲକ ପରମାନନ୍ଦପୁର ସ୍ଥିତ ଇକମର୍ସ ଅନଲାଇନ୍ କୋରିଅର୍ ସେବା (ସେଫ୍‌ଏକ୍ସପ୍ରେସ) ନାମକ ଏକ ଗୋଦାମ ଘରେ ଚଢ଼ଉ ସମୟରେ ୨୫ଟି ବସ୍ତାରେ ପ୍ରାୟ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ । ଏହି ଘଟଣାରେ ଗୋଦାମର ମୁଖ୍ୟପରିଚାଳକ ଉତ୍ତର ପ୍ରଦେଶର ସତ୍ୟେନ୍ଦ୍ର କୁମାର ପାଣ୍ଡେ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ପାଣ୍ଡେ ଗଞ୍ଜେଇ କେଉଁଠୁ ଆସିଲା କିଏ ବାହାରକୁ ପଠାଉଥିଲେ ସେ ସମ୍ପର୍କରେ ମୁହଁ ଖୋଲୁ ନ ଥିବା ଜଣାପଡ଼ିଥିଲା । କୋରିଅର୍ ସେବା ଗତ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସେଠାରେ ଚାଲୁଥିବାବେଳେ ଅବକାରୀ ନା ପୁଲିସ ବିଭାଗ ଏଥିପ୍ରତି କେମିତି ଜାଣି ପାରିଲେନି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଜିଲ୍ଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ ନିର୍ଦ୍ଦେଶ କ୍ରମେ ଏହି ଚଢ଼ଉରେ ଅତିରିକ୍ତ ଜିଲ୍ଲା ଅବକାରୀ ଅଧୀକ୍ଷିକା ସାଗରିକା ପ୍ରଧାନ, ଇନ୍ସପେକ୍ଟର ରାମ୍‌ଜୀ ପଟେଲ, ଏସ୍‌ଆଇ ପଙ୍କଜ ନାଏକ ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୨୨ତାରିଖରେ ମ.ରାମପୁର ବ୍ଲକର ରଜାମୁଣ୍ଡା ଜାତୀୟ ରାଜପଥରୁ ୧କ୍ୱିଣ୍ଟାଲ ୬୨ କେଜି ଗଞ୍ଜେଇ ଜବତ ହେବା ସହିତ ଜଣେ ନାବାଳକ ସମେତ ଅନ୍ୟଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା । ସେହିପରି ଚଳିତ ମାସ ୪ତାରିଖରେ କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗିର ସୀମାନ୍ତ ଅଞ୍ଚଳ ଦେଢ଼ସୁଳି ପଞ୍ଚାୟତ ନିକଟରୁ ୧୬୨ବସ୍ତା ଗଞ୍ଜେଇ ଧରା ପଡ଼ିଥିଲା । ଉକ୍ତ ବସ୍ତାରେ ୨୧କ୍ୱିଣ୍ଟାଲ ଗଞ୍ଜେଇ ବାହାରକୁ ଚାଲାଣ ପାଇଁ ଯୋଜନା କରାଯାଇଥିବାବେଳେ କଳାହାଣ୍ଡି ଏସ୍‌ପି ଏବଂ କଳାହାଣ୍ଡି ପୁଲିସର ମିଳିତ ଚଢ଼ଉ ପରେ ଜବତ ହୋଇଛି ।

■ ଶ୍ରମିକ ଚାଲାଣବେଳେ ମାଡ଼ିବସିଲା ସିନାପାଲି ପୁଲିସ

# ୨ ଦାଦନ ସର୍ଦ୍ଦାର ଗିରଫ; ୬ ଶ୍ରମିକ ଉଦ୍ଧାର

ସିନାପାଲି,୨୭ ।୯ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ପୁଲିସ ଦ୍ୱାରା ବେଆଇନ ଦାଦନ ଶ୍ରମିକ ଚାଲାଣ ଉଦ୍ୟମକୁ ପଣ୍ଡ କରାଯାଇଛି । ବେଆଇନ ଭାବେ ଶ୍ରମିକ ଚାଲାଣ କରୁଥିବା ଅଭିଯୋଗରେ ୨ ଜଣ ସର୍ଦ୍ଦାର/ଦଲାଲଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ପ୍ରକାଶଯୋଗ୍ୟ ଯେ, ଶନିବାର ସିନାପାଲି ଥାନା ଏ.ଏସ୍‌ଆଇ. ନେତ୍ରାନନ୍ଦ ସେନାପତିଙ୍କ ସହ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୋଡାଲଛକ ନିକଟରେ କିଛି ଦାଦନ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ । ପୁଲିସ ଟିମ୍ ତୁରନ୍ତ ଗୋଡାଲ ଛକରେ ପହଞ୍ଚି ୬ ଜଣ ପୁରୁଷ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ସେଠାରେ ଶ୍ରମିକମାନଙ୍କୁ ବିଜୟୱାଡାପଠାଇବା ପାଇଁ ବସ୍ ଅପେକ୍ଷାରେ ରଖିଥିବା ୨ ଜଣ ଦଲାଲଙ୍କୁ ପୁଲିସ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ସିନାପାଲି ଥାନା ଅଧୀନ ବଇଗାପଡ଼ା ଗ୍ରାମର ନରେଶ ସାହୁ (୨୭) ଓ ରାଣୀମୁଣ୍ଡା ଗ୍ରାମର ଭେଟୁ ଚିନ୍ଦା (୪୦) ବୋଲି ଜଣାପଡ଼ିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଅଧିକ ଅର୍ଥର ପ୍ରଲୋଭନ ଦେଖାଇ ଅସହାୟ ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶ ପଠାଇବାକୁ ଯୋଜନା କରିଥିଲେ । ପୁଲିସ ଯାଞ୍ଚ ସମୟରେ ସେମାନେ ଶ୍ରମ ବିଭାଗର କୌଣସି ବୈଧ ଲାଇସେନ୍ସ, ଶ୍ରମିକମାନଙ୍କ ଆଇଡି/ ପାସବୁକ୍ କିମ୍ବା ଆବଶ୍ୟକୀୟ ଗମନାଗମନ



ଅନୁମତିପତ୍ର ଦେଖାଇପାରି ନ ଥିଲେ । ଏହାସହ ଶ୍ରମିକମାନଙ୍କୁ ନିୟମ ଅନୁସାରେ ମିଳିବାକୁ ଥିବା ପାରିଶ୍ରମିକ ନ ଦେଇ ସେମାନଙ୍କ ସହ ପ୍ରତାରଣା କରାଯାଉଥିବା ଜଣାପଡ଼ିଥିଲା । ଏହି ସଂକ୍ରାନ୍ତରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଥିବା ସିନାପାଲି ଥାନା ଅଧିକାରୀ ମହେଶ୍ୱର ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

## ଏସ୍‌ଆଇଆର୍ ସପକ୍ଷରେ ମୁହଁ ଖୋଲିଲେ ମୋହନ

# ସ୍ୱଚ୍ଛତାର ସହ ହୋଇଛି ଏସଆଇଆର ପ୍ରକ୍ରିୟା

ଭୁବନେଶ୍ୱର,୨୭।୯ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)କୁ ନେଇ ରବିବାର ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନିଜ ପ୍ରତିକ୍ରିୟାରେ ଏସଆଇଆର ଅତ୍ୟନ୍ତ ସ୍ୱଚ୍ଛ ଏବଂ ପାରଦର୍ଶୀତାର ସହ ସମ୍ପାଦିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ କଂଗ୍ରେସ ଉପରେ ବର୍ଷିଛନ୍ତି । ବିରୋଧୀ ଦଳ ଗୁଡିକ ବିଶେଷ କରି କଂଗ୍ରେସ ଦଳ ଏହାକୁ ବିରୋଧ କରି ନାନା ପ୍ରକାର କୁତ୍ସାରଟନା କରୁଛି ଏବଂ ସାରା ଦେଶରେ ଗୋଟିଏ ନେଗେଟିଭ୍ ମାହୋଲ ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନ କମିଶନ ଭଳି, ଗୋଟିଏ ସାମ୍ବିଧାନିକ ସଂସ୍ଥାକୁ ନିଜର ସ୍ୱାର୍ଥ ପାଇଁ ବଦନାମ କରିବାକୁ ଉଦ୍ୟମ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟ ଅତିଥି ଭବନରେ ଗଣଣାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶର ନିର୍ବାଚନ କମିଶନ ପକ୍ଷରୁ ପ୍ରାୟ ଦୀର୍ଘ ୨୫ ବର୍ଷ ପରେ ସାରା ଦେଶରେ ସ୍ପେସିଆଲ୍ ଇନ୍‌ଟେନ୍ସିଭ୍ ରିଭିଜନ୍ ବା ଏସଆଇଆର୍ କାର୍ଯ୍ୟକାରୀ ହୋଇଛି । ଏହା ଅତ୍ୟନ୍ତ ସ୍ୱଚ୍ଛ ଏବଂ ଡିଜିଟାଲ ଟେକ୍ନୋଲୋଜିର ପ୍ରୟୋଗରେ ଦକ୍ଷତାର ସହ କାର୍ଯ୍ୟକାରୀ କରାଯାଇଛି । ମାତ୍ର ଏସଆଇଆରକୁ ନେଇ ଅପପ୍ରଚାର ଚାଲିଛି । ୧୩ କୋଟି ଲୋକଙ୍କ ଭୋଟ କାଟି ଦିଆଯାଇଛି । କିନ୍ତୁ ବାସ୍ତବିକ ତଥ୍ୟ ହେଉଛି ଏଥିରୁ ୨.୮ କୋଟି ଲୋକ ମୃତ, ୩ କୋଟି ଅନୁପସ୍ଥିତ ଏବଂ ୬.୩ କୋଟି ଲୋକ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଛନ୍ତି । ୧ କୋଟି ଲୋକଙ୍କ

■ ଆୟୋଗ ଦ୍ୱାରା ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ହୋଇଛି
■ ଭୋଟର ତାଲିକା ଡାଟାବେସ୍ ସେଣ୍ଟ୍ରାଲାଇଜ୍‌ଡ ହେବାର ଅଭିଯୋଗକୁ ଖଣ୍ଡନ
■ ଇଆରଓମାନଙ୍କର ଆଇନଗତ ଓ ପ୍ରକ୍ରିୟାଗତ କ୍ଷମତାରେ ହୋଇନି କୌଣସି ପରିବର୍ତ୍ତନ
■ ହତୋତ୍ସାହିତ ହୋଇ କଂଗ୍ରେସ ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଧ୍ୱଂସ କରିବାକୁ କରୁଛି ଉଦ୍ୟମ

ନାମ ଏକାଧିକ ସ୍ଥାନରେ ପଞ୍ଜିକୃତ ହୋଇଥିଲା । ତେଣୁ ଏଗୁଡିକ ନାଁ କାଟି ଦିଆଯାଇଛି ବୋଲି କହିବା ଅତ୍ୟନ୍ତ ଅବିବେକି ଓ ଗଣତନ୍ତ୍ରର ପରିପନ୍ଥୀ । ଏହି ତାଲିକା ପ୍ରସ୍ତୁତି ଓ ଯାଞ୍ଚ ସମୟରେ ସାରା ଦେଶରେ ସବୁ ଦଳର ବୁଥ ସ୍ତରୀୟ ଏଜେଣ୍ଟ ଅଛନ୍ତି । ଏହା ସାମ୍ବିଧାନିକ ଅବସ୍ଥାରେ ରହିଛି । ସେହିପରି ଫର୍ମ-୬ ରେ ପରିବର୍ତ୍ତନ ନେଇ ମଧ୍ୟ ଅବିଯୋଗ ହେଉଛି । ପ୍ରକୃତରେ ଫର୍ମ-୬ରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ବରଂ ଭୋଟର ମାନଙ୍କ ସୁବିଧା ପାଇଁ ସେହି ଗୋଟିଏ ଫର୍ମରେ ଆଉ ଗୋଟିଏ ଘୋଷଣାନାମା ଫର୍ମକୁ ସାମିଲ କରାଯାଇଛି । ସୁପ୍ରିମକୋର୍ଟ ମଧ୍ୟ ଏହାକୁ କାୟମ ରଖିଛନ୍ତି । ଭୋଟର ତାଲିକା ଡାଟାବେସ୍‌କୁ ସେଣ୍ଟ୍ରାଲାଇଜ୍‌ଡ କରାଯାଇଛି ବୋଲି ଅଭିଯୋଗ ହେଉଛି । ମୁଁ କହିବାକୁ ଚାହେଁ ଯେ ରାଜ୍ୟର ଭୋଟର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀ(ଇଆରଓ)ଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏହା ସମ୍ପୂର୍ଣ୍ଣ ବିକେନ୍ଦ୍ରିକୃତ ଥିଲା ଓ ରହିଛି ମଧ୍ୟ । ସମସ୍ତ ରାଜ୍ୟର ଇଆରଓମାନଙ୍କର ଆଇନଗତ ଓ ପ୍ରକ୍ରିୟାଗତ କ୍ଷମତାରେ କୌଣସି ପରିବର୍ତ୍ତନ ହୋଇନାହିଁ । କେବଳ ପ୍ରକ୍ରିୟାକୁ ଡିଜିଟାଇଜ୍‌ଡ କରାଯାଇ ଇସିଆଇ-ନେଟ ଓ ଇଆରଓ-ନେଟ ମଡ୍ୟୁଲ ସ୍ଥାପନ କରାଯାଇଛି । ସେହିପରି ନୂଆ ପିଢିର ଭୋଟରମାନଙ୍କ ପାଇଁ ମଧ୍ୟ କୌଣସି ଅସୁବିଧା ହୋଇନାହିଁ । ୨୦୨୫ ଜୁନ ୨୪ ଠାରୁ ଆଜି ପର୍ଯ୍ୟନ୍ତ ୨.୩୭ କୋଟି ନୂଆ ଭୋଟର ବା ଯାହାକୁ ଜେନ୍-ଜି କୁହାଯାଉଛି, ସାମିଲ ହୋଇସାରିଲେଣି । ଅର୍ଥାତ ପ୍ରତିଦିନ ପ୍ରାୟ ୫୦ ହଜାରରୁ ଅଧିକ ଜେନ୍-ଜି ଭୋଟର ସାମିଲ ହେଉଛନ୍ତି । ବର୍ତ୍ତମାନ ୧୮ ରୁ ୨୮ ବର୍ଷ ବୟସର ଜେନ୍-ଜି ଭୋଟରଙ୍କ ସଂଖ୍ୟା ୧୭.୩୮ କୋଟି । ଆଉ ଗୋଟିଏ ଅଭିଯୋଗ ହେଉଛି, ମୁଖ୍ୟ ନିର୍ବାଚନ କମିଶନର ଅନ୍ୟ ଦୁଇ ଜଣ କମିଶନରଙ୍କୁ ଅଣଦେଖା କରି ଏକଚାଟିଆ ନିଷ୍ପତ୍ତି ନେଇଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ଭ୍ରମାତ୍ମକ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ପ୍ରକୃତ କଥା ହେଉଛି ଆୟୋଗ ଦ୍ୱାରା ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମାତ୍ର ଏହାକୁ ନେଇ କଂଗ୍ରେସ ଦଳ ଯେଉଁ ହଙ୍ଗାମା କରୁଛି, ଏକ ନ୍ୟାରେଟିଭ୍ ସୃଷ୍ଟି କରିବାକୁ ଚେଷ୍ଟା କରୁଛି, ତାହା ସମ୍ପୂର୍ଣ୍ଣ ହତାଶ ମନୋଭାବର ପ୍ରତୀକ । କଂଗ୍ରେସ ଦଳର ନୀତି ହେଉଛି, ଯେଉଁଠି ଜିତିଲେ, ସେଠି ସବୁ ଠିକ୍ । ଯେଉଁଠି ହାରିଲେ, ସେଠି ଗଣତନ୍ତ୍ର ବିପଦରେ । ସେମାନେ ହତୋତ୍ସାହିତ ହୋଇ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ମିଥୁନ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମାନସିକ ଚିନ୍ତା ଦୂର ହେବ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**ଧନୁ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମକର:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**ମୀନ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ ।

## ଆଜିର ଦିନରେ

- ୧୮୮୭- ଚୀନ୍‌ର ହୋୟାଙ୍ଗ୍‌ହୋ ନଦୀରେ ଆସିଥିବା ଭୟାବହ ବନ୍ୟା ଯୋଗୁଁ ପାଖାପାଖି ୯ ଲକ୍ଷ ଲୋକଙ୍କ ମୃତ୍ୟୁ ।
- ୧୯୨୯- ବଲିଉଡ୍‌ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକରଙ୍କର ଜନ୍ମ ।
- ୧୯୫୦- ଇଣ୍ଡୋନେସିଆ ସଂଯୁକ୍ତରାଷ୍ଟ୍ରର ୬୦ତମ ସଦସ୍ୟ ହେଲା ।
- ୧୯୫୮- ଫ୍ରାନ୍ସରେ ସମ୍ବିଧାନ ଲାଗୁ ହେଲା ।
- ୨୦୦୪- ବିଶ୍ୱ ବ୍ୟାଙ୍କ ଭାରତକୁ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା କହିଲା ।

## ‘ମନଷ୍ଟର୍’

### ସୁଟିଂ ସରିବା ପୂର୍ବରୁ ଆୟ କଲା ୧୦୦ କୋଟି



ବଲିଉଡ୍ ସୁପରଷ୍ଟାର୍ ସଲମାନ୍ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ ‘ମନଷ୍ଟର୍’ ସାମାଜିକ ଗଣମାଧ୍ୟମରେ ବେଶ୍ ଚହଳ ପକାଇଛି । ଫିଲ୍ମର ସୁଟିଂ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ବେଳେ, ଏହା ରିଲିଜ୍ ପୂର୍ବରୁ ହିଁ ୧୦୦ କୋଟି ଟଙ୍କାର ଏକ ବିରାଟ ବ୍ୟବସାୟିକ ସଫଳତା ହାସଲ କରିଛି । ଭାରତର ସବୁଠାରୁ ବଡ଼ ମଲ୍ଟିପ୍ଲେକ୍ସ ଚେନ୍ ପିଭିଆର୍ ଆଇନକ୍ସ ଏହି ଚଳଚ୍ଚିତ୍ରର ସର୍ବଭାରତୀୟ ପ୍ରଦର୍ଶନ ଓ ବିତରଣ ଅଧିକାର ହାସଲ କରିଛି । ବର୍ତ୍ତମାନ ସିନେମା ବଜାରରେ ବିତରକମାନେ ରିଲିଜ୍ ପୂର୍ବରୁ ବଡ଼ ନିବେଶ କରିବାକୁ ଭୟ କରୁଥିବା ବେଳେ, ସଲମାନଙ୍କ ଫିଲ୍ମ ପାଇଁ ଏଭଳି ଏକ ମେଗା ଡିଲ୍ ହେବା ତାଙ୍କ ‘ଷ୍ଟାର୍ ପାୱାର୍’ କୁ ପ୍ରମାଣିତ କରୁଛି । ପିଭିଆର୍, ପ୍ରଯୋଜକ ଦିଲ୍ ରାଜୁଙ୍କୁ ଏହି ୧୦୦ କୋଟି ଏକ ‘ରିଫଣ୍ଡେବୁଲ ଆଡଭାନ୍ସ’ ଆକାରରେ ପ୍ରଦାନ କରିଛି । ଏହାର ଅର୍ଥ ହେଉଛି, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଆଶାନୁରୂପ ପ୍ରଦର୍ଶନ ନ କରେ, ତେବେ ଚୁକ୍ତିର ସର୍ତ୍ତ ଅନୁଯାୟୀ, ଏହି ରାଶିର କିଛି ଅଂଶ ଫେରସ୍ତ କରାଯାଇପାରେ । ଏହି ବଡ଼ ଚୁକ୍ତି ପରେ, ପିଭିଆର୍ ଭାରତର ପ୍ରତିଟି କୋଣରେ ଥିବା ସିନେମା ହଲ୍‌ରେ ଏହି ଫିଲ୍ମକୁ ବହୁତ ବଡ଼ ସ୍ତରରେ ସ୍କ୍ରିନିଂ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି । ‘ମହର୍ଷି’ଏବଂ ‘ୱାରିସୁ’ ଭଳି ସୁପରହିଟ୍ ଫିଲ୍ମ ଦେଇଥିବା ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଭାମସୀ ପୈଡିପାଲ୍ଲୀ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ଆଗଧାଡ଼ିର ପ୍ରଯୋଜକ ଦିଲ୍ ରାଜୁ ଏହାର ନିର୍ମାଣ କରୁଛନ୍ତି । ଫିଲ୍ମରେ ସଲମାନଙ୍କ ସହ ପ୍ରଥମ ଥର ପାଇଁ ସାଉଥ୍ ଇଣ୍ଡଷ୍ଟ୍ରୀର ଲେଡି ସୁପରଷ୍ଟାର୍ ନୟନତାରା ଏବଂ ଅଭିନେତା ଅରବିନ୍ଦ ସ୍ୱାମୀ ନଜର ଆସିବେ । ସେହିପରି ଅନିଲ୍ କପୁର ଏବଂ ଜ୍ୟାକି ଶ୍ରଫ୍ ମଧ୍ୟ ଏଥିରେ ଦେଖାଯିବେ । ଏହି ହାଇ-ଭୋଲ୍ଟେଜ୍ ଆକ୍ସନ ଡ୍ରାମା ଚଳଚ୍ଚିତ୍ରର ସୁଟିଂ ଏବେ ଚାଲିଛି ଏବଂ ଆସନ୍ତା ଅକ୍ଟୋବରରେ ଏହାର ଏକ ବଡ଼ ସେଡ୍ୟୁଲ୍ ବିଦେଶରେ ସୁଟିଂ ହେବ । ଏହି ବହୁପ୍ରତୀକ୍ଷିତ ଚଳଚ୍ଚିତ୍ରଟି ୨୦୨୭ ଇଦ୍ ଅବସରରେ ଆସିବ । ତେବେ ରିଲିଜ୍ ପୂର୍ବରୁ ଏହି ୧୦୦ କୋଟିର ଧମାକା ପ୍ରମାଣ କରୁଛି ଯେ, ୨୦୨୭ ଇଦ୍ ଅବସରରେ ସଲମାନ ବକ୍ସ ଅଫିସ୍‌ରେ ଏକ ନୂଆ ଝଡ଼ ଆଣିବାକୁ ଯାଉଛନ୍ତି ।

## ଆଜି ଆସିଥିଲେ

## କବିବର ରାଧାନାଥ



କବିବର ରାଧାନାଥ ରାୟ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ସ୍ରଷ୍ଟା ଏବଂ ଜଣେ ପ୍ରତିଭାସମ୍ପନ୍ନ କବି ଥିଲେ । ଓଡ଼ିଆ କାବ୍ୟ-କବିତାରେ ନୂତନ ଶୈଳୀ ଓ ଆଧୁନିକତାର ସୂତ୍ରପାତ କରିଥିବାରୁ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ‘କବିବର’ ଉପାଧିରେ ଭୂଷିତ କରାଯାଇଛି । ନଅଙ୍କ ଦୁର୍ଭିକ୍ଷ ପରେ ପାଶ୍ଚାତ୍ୟ ଶିକ୍ଷା-ସାହିତ୍ୟ-ସଂସ୍କୃତିର ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ ଯେଉଁ ନବ ଯୁଗର ଆବିର୍ଭାବ ଘଟିଥିଲା, ରାଧାନାଥ ଥିଲେ ସେହି ନବଯୁଗର ଆଦ୍ୟ ସ୍ରଷ୍ଟା । ପ୍ରକୃତିର ଜଣେ ସାର୍ଥକ ରୂପକାର ଥିଲେ କବିବର ରାଧାନାଥ । ତାଙ୍କ ଲେଖନୀରେ ଭରି ରହିଥିଲା ମାଟି, ପାଣି, ପବନ ଓ ପାହାଡ଼ର ଅପରୂପ ବର୍ଣ୍ଣନା । ଇଂରାଜୀ, ସଂସ୍କୃତ, ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ଏହି ଯଶସ୍ୱୀ ସାରସ୍ୱତ ସାଧକ ୧୮୪୮ ମସିହା ଆଜିର ଦିନରେ ବାଲେଶ୍ୱର ଜିଲ୍ଲା କେଦାରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ସୁନ୍ଦର ନାରାୟଣ ରାୟ ଓ ମାତାଙ୍କ ନାମ ତାରିଣୀ ଦେବୀ । ପିଲାଟିବେଳୁ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଥିଲେ ରାଧାନାଥ । ବାଲ୍ୟ କାଳରୁ ହିଁ ସେ ତାଙ୍କ ମା’ଙ୍କୁ ହରାଇଥିଲେ । ହେଲେ ଶାରୀରିକ ଅସୁସ୍ଥତା ତାଙ୍କ ପାଠପଢ଼ାର ଇଚ୍ଛାକୁ କେବେ ଅଟକାଇ ପାରି ନ ଥିଲା । ରାଧାନାଥ ସେ ସମୟରେ ଏଣ୍ଟ୍ରାନ୍ସ ପାସ୍ କରିଥିଲେ । ତତ୍କାଳୀନ ପରିପ୍ରେକ୍ଷୀରେ ତାହା ହିଁ ଥିଲା ସର୍ବୋଚ୍ଚ ଶିକ୍ଷା । ସେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକରେ ଉଚ୍ଚତର ଶିକ୍ଷା ନିମନ୍ତେ କଲେଜ ନ ଥିବାରୁ ସେ କଲିକତା ଯାଇଥିଲେ । ସେଠାରେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟିବାରୁ ପଳାଇ ଆସିଥିଲେ । ସେ ଘରେ ପାଠ ପଢ଼ି ଏଫ୍.ଏ ପାସ୍ କରିଥିଲେ ଓ ନିଜସ୍ୱ ଉଦ୍ୟମରେ ବି.ଏ. ପଢ଼ିଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ରାଧାନାଥ ୫ବର୍ଷ କାଳ ଚାକିରି କରିଥିଲେ ଏହି ସମୟରେ ସେ ପରଶମଣିଙ୍କୁ ବିବାହ କରିଥିଲେ । ଏହାପରେ ସେ ପୁରୀ ଜିଲ୍ଲାକୁ ଶିକ୍ଷକ ଭାବରେ ବଦଳିହେଲେ । ୧୮୭୬ରେ ସ୍କୁଲ ବିଭାଗୀୟ ଡେପୁଟି ଇନ୍‌ସ୍‌ପେକ୍ଟର ଭାବେ ବାଲେଶ୍ୱର ଜିଲ୍ଲାକୁ ଫେରି ଆସିଲେ । ୧୮୯୬ ମସିହାରେ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ ‘ରାୟ ବାହାଦୁର’ ଉପାଧିରେ ଭୂଷିତ କରିଥିଲେ । ଓଡ଼ିଆ ଗଦ୍ୟରେ ‘ବିବେକୀ’ ଲେଖି ସେ ଯଶସ୍ୱୀ ହୋଇଛନ୍ତି । ‘ବିବେକୀ’କୁ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ବୋଲି କୁହାଯାଏ । କବିବର ରାଧାନାଥ ସାବଲୀଳ ଭାଷାରେ ଏବଂ ନୂତନ ଶୈଳୀରେ କବିତା ରଚନା କରୁଥିଲେ । ତାଙ୍କ ରଚିତ ମହାକାବ୍ୟ ‘ମହାଯାତ୍ରା’ ସହିତ ‘ଚିଲିକା’, ‘ଦରବାର’, ‘ଉର୍ବଶୀ’, ‘ନନ୍ଦିକେଶ୍ୱରୀ’, ‘କେଦାରଗୌରୀ’, ‘ଯଯାତି କେଶରୀ’ ଏକାଧିକ କାବ୍ୟାବଳୀରେ ଓଡ଼ିଆ ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଥିଲା । ଓଡ଼ିଶାର ମାଟି, ପାଣି ଓ ପ୍ରକୃତିକୁ ନେଇ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଭିତ୍ତିଭୂମି ସ୍ଥାପନ କରିଥିବା ଜଣେ ଯୁଗସ୍ରଷ୍ଟା କବି ଥିଲେ ରାଧାନାଥ ।

## ବିଶ୍ୱ ଜଳାତଙ୍କ ଦିବସ

ଜଳାତଙ୍କ ରୋଗ ଓ ତା’ର ଚିକିତ୍ସା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ ‘ବିଶ୍ୱ ଜଳାତଙ୍କ ଦିବସ’ ବା ‘ୱାର୍ଲଡ୍ ରାବିଜ୍ ଡେ’ ଭାବେ ପାଳନ କରାଯାଏ । ଏହି ମାରାତ୍ମକ ଭୂତାଣୁଜନିତ ରୋଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ପ୍ରତିରୋଧ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ୨୦୦୭ ମସିହାରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯାଇଥିଲା । ‘ଗ୍ଲୋବାଲ ଆଲାଏନ୍ସ ଫର୍ ର୍‌ୟାବିଜ୍ କଣ୍ଟ୍ରୋଲ’ ଦ୍ୱାରା ଏହା ଘୋଷଣା କରାଯାଇଥିଲା । ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ସମର୍ଥନ ଜଣାଇଥିଲା । ଜଳାତଙ୍କ ରୋଗର ପ୍ରଥମ ସଫଳ ପ୍ରତିଷେଧକ ଟିକା ଉଦ୍ଭାବନ କରିଥିବା ଲୁଇ ପାଶ୍ଚରଙ୍କ ସ୍ମୃତିରେ ଏହି ଦିନଟି ପାଳିତ ହୁଏ, କାରଣ ସେପ୍ଟେମ୍ବର ୨୮ ତାରିଖରେ ତାଙ୍କର ପରଲୋକ ଘଟିଥିଲା । ଏହି ଦିବସରେ ଜନସାଧାରଣଙ୍କୁ ଉକ୍ତ ରୋଗର କାରଣ ଓ ନିରାକରଣର ଉପାୟ ତଥା ଚିକିତ୍ସା ବିଷୟରେ ଅବଗତ କରାଯାଇଥାଏ । ଜଳାତଙ୍କ ଏକ ଭୂତାଣୁଜନିତ ଜୁନୋଟିକ୍ ରୋଗ, ଯାହା ସଂକ୍ରମିତ ପଶୁଙ୍କ (ବିଶେଷ କରି କୁକୁର, ବିଲେଇ ବା ବିଲୁଆ) ଲାଳ ଦ୍ୱାରା ବ୍ୟାପିଥାଏ । ଥରେ ଏହି ରୋଗର ଲକ୍ଷଣ (ଯେପରିକି ପାଣିକୁ ଭୟ କରିବା, ଗଳା ବନ୍ଦ ହେବା, ମାନସିକ ସନ୍ତୁଳନ ହରାଇବା) ପ୍ରକାଶ ପାଇଲେ, ସଂକ୍ରମିତ ବ୍ୟକ୍ତି ବା ପଶୁର ମୃତ୍ୟୁ ପ୍ରାୟ ୧୦୦% ନିଶ୍ଚିତ ହୋଇଥାଏ । ଆମ ଦେଶରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ । ରୋଗ ସୃଷ୍ଟିକାରୀ ଭୂତାଣୁ ସୁସ୍ଥ ପ୍ରାଣୀ ବା ମନୁଷ୍ୟର ଶରୀରରେ ପ୍ରବେଶ କରିବାର ୩ରୁ ୮ ସପ୍ତାହ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ପ୍ରାରମ୍ଭିକ ଅବସ୍ଥାରେ କାମୁଡ଼ା ସ୍ଥାନ ପୋଡ଼ାଜଳା କରେ ଓ ଯନ୍ତ୍ରଣା ଅନୁଭୂତ ହୁଏ । କ୍ରମଶଃ ଶରୀରର ତାପମାତ୍ରା ବୃଦ୍ଧି, ମୁଣ୍ଡ ବ୍ୟଥା, କ୍ଷୁଧାହୀନତା, ଗିଳିବାରେ ଅସୁବିଧା, ଦ୍ୱନ୍ଦ୍ୱ, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ଆଦି ଲକ୍ଷଣ ଦେଖାଯାଏ । ମାନସିକ ଭାରସାମ୍ୟ ହରାଇବା ସଙ୍ଗେ ସଙ୍ଗେ ରୋଗୀ ଅତ୍ୟଧିକ ଉତ୍ତେଜିତ ଓ ହିଂସ୍ର ହୋଇପଡ଼େ । ରୋଗୀ ପାଣି ପିଇବାରେ ବହୁତ କଷ୍ଟ ଅନୁଭବ କରେ, ଏପରିକି ପାଣି ଦେଖିଲେ ମଧ୍ୟ ଭୟଭୀତ ହୋଇପଡ଼େ । ତେଣୁ ଏହି ରୋଗର ଅନ୍ୟ ନାମ ହେଉଛି ଜଳାତଙ୍କ ବା ହାଇଡ୍ରୋଫୋବିଆ । ସାଧାରଣତଃ ଲକ୍ଷଣ ପ୍ରକାଶ ପାଇବାର ୭ ରୁ ୧୦ଦିନ ମଧ୍ୟରେ ରୋଗୀର ମୃତ୍ୟୁ ଘଟେ । ଜଳାତଙ୍କ ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ତେବେ କାଳବିଳମ୍ବ ନ କରି ରୋଗୀକୁ ଡାକ୍ତରଖାନା ନେଇ ଯିବା ଉଚିତ । ଜଳାତଙ୍କ ଏକ ମାରାତ୍ମକ ସଂକ୍ରାମକ ରୋଗ । ରୋଗୀର ଲାଳ, ଲୁହ, ବାନ୍ତି ଓ ପରିସ୍ରାରେ ଭୂତାଣୁ ରହିଥାନ୍ତି । ତେଣୁ ରୋଗୀର ଚିକିତ୍ସା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀ ତଥା ନର୍ସମାନେ ମୁହଁରେ ମାସ୍କ, ହାତରେ ଗ୍ଲୋଭସ୍, ଆଖିରେ ରଙ୍ଗିନ୍ ଚଷମା ଓ ଦେହରେ ପୂରାହାତ ଆପ୍ରନ୍ ପିନ୍ଧିବା ଅପରିହାର୍ଯ୍ୟ । ଏହାବାଦ୍ ଯେଉଁମାନେ ଘରେ ପୋଷା କୁକୁର କି ବିରାଡ଼ି ପାଳି ଥାଆନ୍ତି ସେମାନେ ଏମାନଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ନେଇ ଜଳାତଙ୍କ ନିରୋଧୀ ପ୍ରତିଷେଧକ ଟିକା ଦେବା ଦରକାର ।



## ସ୍ମୃତି

## ପଛରୁ ଡାକିବା ମନା

**ସକାଳୁ ତଥା କୌଣସି ଜରୁରି କାମରେ ଘରୁ ବାହାରିବା ବେଳେ ପଛରୁ ଡାକିବାକୁ ଶୁଭ ବୋଲି କୁହାଯାଏ ନାହିଁ । ଅନେକ ଲୋକ ଏହାକୁ ପୁରୁଣା ପରମ୍ପରା ଭାବି ଅଣଦେଖା କରନ୍ତି । ତେବେ ବାସ୍ତୁ ଏବଂ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହା ପଛରେ କିଛି କାରଣ ରହିଛି ।**

- ସନାତନ ଧର୍ମରେ କୁହାଯାଇଛି ଯେ, ଘରୁ ବାହାରିବା ପରେ ପଛରୁ ଡାକିବା ମା’ ଲକ୍ଷ୍ମୀଙ୍କ କୋପ ସହ ଜଡ଼ିତ । ଏହାର ପ୍ରଭାବ ଧନ, ବ୍ୟବସାୟ, ଆର୍ଥିକ ସ୍ଥିତି ଉପରେ ପଡ଼ିଥାଏ ।
- କୌଣସି ଜରୁରି ତଥା ଶୁଭ କାମ ପାଇଁ ଘରୁ ବାହାରିଲେ ମନ ଲକ୍ଷ୍ୟ ଉପରେ କେନ୍ଦ୍ରିତ ଥାଏ । ଏଭଳି ସ୍ଥିତିରେ ପଛରୁ ଡାକିଲେ ଧ୍ୟାନ ଭଗ୍ନ ହୁଏ । ଏଥିରେ କାମରେ ବାଧା ଉପୁଜିପାରେ ।
- ରାହୁକୁ ଭ୍ରମ, ଅଚାନକ ଦେଖାଦେଉଥିବା ବାଧା ଏବଂ ନକାରାତ୍ମକ ଶକ୍ତି ସହ ଯୋଡ଼ି ଦେଖାଯାଏ । ଘରୁ ବାହାରିବା ବେଳେ ପଛରୁ ଡାକିଲେ ମନ ବିଚଳିତ ହୋଇଯାଏ । ଯାହାକୁ ଶୁଭ ବୋଲି କୁହାଯାଏ ନାହିଁ ।
- ଏହା ପଛରେ ଆଉ ଏକ ବ୍ୟାବହାରିକ କାରଣ ବି ଅଛି । ରାସ୍ତାରୁ ବାହାରିବା ବେଳେ ଜଣକୁ ସମୟ, ରାସ୍ତା ଏବଂ କାମ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଅଚାନକ ପଛରୁ ଡାକିବା ଦ୍ୱାରା ଜଣେ ପଛକୁ ଚାହିଁ ଦେଖେ, ଫଳରେ ଧ୍ୟାନ କେନ୍ଦ୍ରିତ ପ୍ରଭାବିତ ହୋଇପାରେ ।
- ତେବେ ଘରୁ ବାହାରିବା ବେଳେ କେହି ପଛରୁ ଡାକିଲେ ଆଦୌ ବିଚଳିତ ହେବା ଅନୁଚିତ । ବରଂ ଫେରି ଆସି ୧-୨ ମିନିଟ୍ ବସି ପାଣି ପିଅନ୍ତୁ । ଇଷ୍ଟଦେବଙ୍କୁ ସ୍ମରଣ କରି ଶାନ୍ତ ମନରେ ପୁଣି ଘରୁ ବାହାରନ୍ତୁ ।



## ପିତୃପକ୍ଷରେ ଦାନ

ଆରମ୍ଭ ହୋଇଛି ପିତୃପକ୍ଷ । ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମାରୁ ଆଶ୍ୱିନ କୃଷ୍ଣ ଅମାବାସ୍ୟା ବା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଅବଧିକୁ ‘ପିତୃପକ୍ଷ’ ବା ଅପରପକ୍ଷ କୁହାଯାଏ । ଏହି ୧୬ ଦିନ ସମ୍ପୂର୍ଣ୍ଣ ପିତୃପୁରୁଷଙ୍କୁ ସମର୍ପିତ । ଲୋକ ବିଶ୍ୱାସ ଅନୁଯାୟୀ, ଏହି ସମୟରେ ପୂର୍ବପୁରୁଷଗଣ ପିତୃଲୋକ ତ୍ୟାଗ କରି ନିଜ ନିଜର ଉତ୍ତର ପୁରୁଷଙ୍କ ଘରେ ଅବସ୍ଥାନ କରିଥାନ୍ତି । ଏହିପକ୍ଷରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରାଯାଏ । ତେବେ ପିତୃପକ୍ଷରେ ଦାନ-ପୁଣ୍ୟର ବିଶେଷ ମହତ୍ତ୍ୱ ଅଛି ।

- ପିତୃପକ୍ଷରେ ରୁପା ଜିନିଷ ଦାନ କରିବା ଅତ୍ୟନ୍ତ ଶୁଭ । କୁହାଯାଏ, ରୁପା ଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳେ ଏବଂ ସେମାନଙ୍କ ଆଶୀର୍ବାଦ ମିଳିଥାଏ ।
- ଚାଉଳ, ରାଶି ଦାନ କରିବା ଦ୍ୱାରା ଜୀବନର ସମସ୍ୟା ଦୂର ହୋଇଥାଏ ।
- ପିତୃପକ୍ଷରେ ଭୂମି ଦାନକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି । ଏହା ଦ୍ୱାରା ପାପ ଓ ପିତୃଦୋଷରୁ ମୁକ୍ତି ମିଳେ ।
- ପିତୃପକ୍ଷରେ ଗୁଡ଼ ଦାନ ମଧ୍ୟ ଲାଭକାରୀ । ଗୁଡ଼ ଦାନ ଦ୍ୱାରା ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ ।

ପିତୃପକ୍ଷରେ ଗୋ ଦାନ ଦ୍ୱାରା କାର୍ଯ୍ୟରେ ବିଘ୍ନ ଦୂର ହୁଏ ।





## ଆଶ୍ୱିନ ମାସର ମହତ୍ତ୍ୱ

**ହିନ୍ଦୁ ଧର୍ମରେ ଆଶ୍ୱିନ ମାସର ବିଶେଷ ମହତ୍ତ୍ୱ ଅଛି । ଏହି ମାସରେ ପୂଜା-ପାଠ କରିବା ଦ୍ୱାରା ବିଶେଷ ଫଳ ପ୍ରାପ୍ତି ହୁଏ । ଏହି ମାସରେ ‘ପିତୃପକ୍ଷ’, ଦେବୀ ପକ୍ଷ, ‘ଶାରଦୀୟ ନବରାତ୍ରୀ’, ‘ବିଜୟଦଶମୀ’, ‘ନରକ ଚତୁର୍ଦ୍ଦଶୀ’ ଭଳି ପର୍ବ ପାଳନ କରାଯାଏ ।**



- ଆଶ୍ୱିନ ମାସ ପିତୃପକ୍ଷ ଅବଧି ମଧ୍ୟରେ ପିତୃପୁରୁଷଙ୍କୁ ତର୍ପଣ ଓ ପିଣ୍ଡଦାନ କରିବା ଉଚିତ । ଏହା ଦ୍ୱାରା ବିଶେଷ ଫଳପ୍ରାପ୍ତି ହୁଏ ।
- ସେହିପରି ପିତୃପକ୍ଷ ଶେଷ ସହ ଶାରଦୀୟ ନବରାତ୍ରୀ ଆରମ୍ଭ ହୁଏ । ଏହି ନଅଦିନ ଯାକ ମା’ ଭଗବତୀଙ୍କ ଦିବ୍ୟରୂପକୁ ଉପାସନା କଲେ, ମନୋକାମନା ପୂରଣ ହୁଏ ।
- ଆଶ୍ୱିନ ନବରାତ୍ର ସମୟରେ ପ୍ରତ୍ୟେକ ଦିନ ଦୁର୍ଗାସପ୍ତସତୀ ପାଠ କରିବା ଉଚିତ ।
- ଏହି ମାସରେ ସ୍ନାନ-ଦାନ କରିବା ଦ୍ୱାରା ବିଶେଷ ଲାଭ ମିଳେ । ଗଙ୍ଗା ଓ ପବିତ୍ର ନଦୀରେ ସ୍ନାନ କରିବା ଭଲ । ଏହି ମାସରେ ଗୁଡ଼ ଖାଇବା ଭଲ ।
- ଆଶ୍ୱିନ ମାସରେ କ୍ଷୀର ଓ କଦଳୀ ଖାଇବା ମନା ।
- ଏହାସହ ଆମିଷ, ବାଇଗଣ, ଚଣା, ସୋରିଷ ଶାଗ ନ ଖାଇବା ଭଲ ।
- ଏହି ମାସ ଯାକ ସନ୍ଧ୍ୟାରେ ଦେବୀ ଦେବତା ଓ ପିତୃପୁରୁଷଙ୍କ ପାଇଁ ଦୀପ ଜାଳିବା ଉଚିତ ।
- ଏହି ମାସରେ କାହା ସହିତ କଳି, ଝଗଡ଼ା, ଅହଂକାର ନ କରିବା ଭଲ ।
- ଏହି ମାସରେ ବିବାହ, ଗୃହପ୍ରବେଶ ତଥା ଅନ୍ୟ ମାଙ୍ଗଳିକ ଶୁଭକାର୍ଯ୍ୟ କରିବା ଅନୁଚିତ ।

## ଭଙ୍ଗା ବାସନ ବ୍ୟବହାର କରୁଥିଲେ...

**ବାସ୍ତୁ ଶାସ୍ତ୍ରରେ ବାସନର ସ୍ଥିତି ମଧ୍ୟ ଘରର ସୁଖ ସମୃଦ୍ଧି ସହିତ ଜଡ଼ିତ । ବିଶେଷକରି ଭଙ୍ଗା ବାସନରେ ଖାଦ୍ୟ ଖାଇବାକୁ ଶୁଭ ବୋଲି କୁହାଯାଇ ନାହିଁ ।**

- ବାସ୍ତୁ ଅନୁସାରେ, ଖରାପ ବାସନରେ ଖାଦ୍ୟ ଖାଇବା ଦ୍ୱାରା ରାହୁର ପ୍ରଭାବ ବଢ଼ିପାରେ । ଘରେ ଚିନ୍ତାଠୁ ଆରମ୍ଭ କରି ଆର୍ଥିକ ସମସ୍ୟା ସୃଷ୍ଟି ହୋଇପାରେ । ତେଣୁ ଏଭଳି ବାସନ ବ୍ୟବହାରରୁ ବଞ୍ଚିତ ରହିବା ଦରକାର ।
- ବାସ୍ତୁ ଶାସ୍ତ୍ରରେ ଘରର ଜିନିଷକୁ ବ୍ୟବସ୍ଥିତ ଏବଂ ଠିକ୍ ସ୍ଥିତିରେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ତେଣୁ ଭଙ୍ଗା ବାସନକୁ ବ୍ୟବହାର କରିବାକୁ ଶୁଭ ବୋଲି କୁହାଯାଇ ନାହିଁ । ଭୋଜନକୁ ସମୃଦ୍ଧି ସହିତ ଯୋଡ଼ି ଦେଖାଯାଏ । ଏ ଦୃଷ୍ଟିରୁ ଭଙ୍ଗା ବାସନରେ ଖାଦ୍ୟ ପରଷିବାକୁ ଉଚିତ ବୋଲି କୁହାଯାଇ ନାହିଁ ।
- ଘରର ଭଙ୍ଗା ଜିନିଷ ରାହୁ ସହିତ ସମ୍ବନ୍ଧିତ । ରାହୁକୁ ଭ୍ରମ, ଅବସାଦ, ନକାରାତ୍ମକ ସହ ଜଡ଼ିତ ଗ୍ରହ ବୋଲି ବିବେଚନା କରାଯାଏ । କୁହାଯାଏ, ଘରେ ଲଗାତାର ଭଙ୍ଗା ଜିନିଷ ପଡ଼ି ରହିଲେ ରାହୁ ପ୍ରଭାବ ବୃଦ୍ଧି ପାଏ । ଏହାଦ୍ୱାରା ପରିବାରରେ କଳି ଝଗଡ଼ା, ମନୋମାଳିନ୍ୟ ଦେଖାଦିଏ ।
- ଧାର୍ମିକ ମାନ୍ୟତାନୁସାରେ, ମା’ ଲକ୍ଷ୍ମୀଙ୍କ ସମ୍ବନ୍ଧ ସ୍ୱଚ୍ଛତା, ସୁନ୍ଦରତା ଏବଂ ବ୍ୟବସ୍ଥିତ ଘର ସହିତ ଜଡ଼ିତ । ତେଣୁ ଭଙ୍ଗା ଜିନିଷକୁ ଶୁଭ ବୋଲି କୁହାଯାଏ ନାହିଁ । ଏହାସହ ଘରେ ବ୍ୟବହାର କରାଯାଉଥିବା ବାସନ ପରିଷ୍କାର ଓ ଠିକ୍ ସ୍ଥିତିରେ ରହିବା ପରମ୍ପରା ରହିଛି ।
- ଭଙ୍ଗା ବାସନରେ ଖାଦ୍ୟ ରଖିବା ଦ୍ୱାରା ସକାରାତ୍ମକ ଶକ୍ତି ପ୍ରଭାବିତ ହୁଏ । ବିଶେଷକରି ଯେଉଁ ବାସନରେ ଖାଦ୍ୟ ପ୍ରସ୍ତୁତ କରାଯାଏ ବା ରଖାଯାଏ, ତାହା ଭାଙ୍ଗିଥିଲେ ତାହାକୁ ବ୍ୟବହାର କରିବା ଅନୁଚିତ ।
- ବାସ୍ତୁ ଅନୁସାରେ ଖଣ୍ଡିତ ବାସନରେ ଖାଇଲେ ମନ ଓ ଘରର ବାତାବରଣ ଉପରେ ନକାରାତ୍ମକ ପ୍ରଭାବ ପଡ଼େ । ଏହା ଦ୍ୱାରା ଚିନ୍ତା ବୃଦ୍ଧି ପାଏ ଏବଂ ପରିବାରରେ ଅଯଥାରେ କଳି ଝଗଡ଼ା ଲାଗି ରହେ । ଏଣୁ କୌଣସି ପ୍ଲେଟ୍, କପ୍ ଗିନା ଭାଙ୍ଗିଯାଇଥିଲେ ତାହାକୁ ବାହାର କରି ଦେବା ଉଚିତ ।

ଆଇଚି-ନାଗୋୟା
ଏସିଆନ୍ ଗେମ୍ସ

# ଆନ୍ନୁ, ଅନାହତ, ଅଭୟ ଓ ସର୍ବେଶଙ୍କୁ ରୌପ୍ୟ

ଟୋକିଓ,୨୭।୯ (ଏଜେନ୍ସି): ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୯ମ ଦିନରେ ଭାରତକୁ ୭ଟି ପଦକ ମିଳିଛି। ଏହା ମଧ୍ୟରେ ୪ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ମିଳିଛି। ଏହାକୁ ମିଶାଇ ଭାରତକୁ ୪ସ୍ୱର୍ଣ୍ଣ, ୧୬ ରୌପ୍ୟ ଓ ୧୭ କାଂସ୍ୟ ସହ ୩୭ଟି ପଦକ ଜିତି ତାଲିକାର ଦ୍ୱାଦଶ ସ୍ଥାନକୁ ଉଠିଛି।

ଆଜି ଅନୁଷ୍ଠିତ ସ୍କ୍ୱାଶର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସରେ ଅନାହତ ସିଂ ଓ ଅଭୟ ସିଂ ରନର୍ସଅପ୍ ହୋଇ ୨ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ପରେ ଆଥଲେଟିକ୍ସର ମହିଳା ଲଙ୍ଗ୍ ଜମ୍ପରେ ଆନ୍ନୁ ସୋଜାନ ଓ ପୁରୁଷ ଲଙ୍ଗ୍ ଜମ୍ପରେ ଆଉ ୨ଟି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏମାନଙ୍କ ସହ ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ର, ଡେକାଥଲନରେ ତେଜସ୍ୱୀନ ଶଙ୍କର ଓ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ କାଂସ୍ୟ ପଦକ ସହ ଆଜିର ଅଭିଯାନ ଶେଷ କରିଛନ୍ତି। ଆସନ୍ତାକାଲି ୫ଜଣ ଆଥଲେଟ ଫାଇନାଲରେ ପ୍ରବେଶ କରିଥିଲାବେଳେ ଏମାନଙ୍କଠାରୁ ୫ମ ସ୍ୱର୍ଣ୍ଣପଦକ ଆଶା କରାଯାଉଛି।

## ଆନ୍ନୁ, ସର୍ବେଶଙ୍କୁ ରୌପ୍ୟ ପଦକ

ଦୌଡ଼କୁଦରେ ଆଜି ଭାରତୀୟ ଆଥଲେଟମାନେ ୫ଟି ପଦକ ଜିତିଥିଲାବେଳେ ଜଣେ ହେଲେ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇପାରି ନାହାନ୍ତି। ଫଳରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଆଜି ଅନୁଷ୍ଠିତ ଇଭେଣ୍ଟ ମଧ୍ୟରୁ ମହିଳା ଲଙ୍ଗ୍ ଜମ୍ପରେ ଆନ୍ନୁ ସୋଜାନ ଓ ପୁରୁଷ ହାଇ ଜମ୍ପରେ ସର୍ବେଶ କୁଶାରେ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଲଙ୍ଗ୍ ଜମ୍ପରେ ଆନ୍ନୁ ୬.୫୩ ମିଟର ଦୂରତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶେଷ ମୂହୂର୍ତ୍ତରେ ଚୀନ୍‌ର ୟିଙ୍ଗୟିଙ୍ଗ ହୁଆଙ୍ଗ ୬.୫୫ ମିଟରକୁ ଲମ୍ଫ ପ୍ରଦାନ କରି ଆନ୍ନୁଙ୍କଠାରୁ ଏକପ୍ରକାର ସ୍ୱର୍ଣ୍ଣପଦକ ଛଡ଼ାଇ ନେଇଥିଲେ। ସେହିପରି ପୁରୁଷ ହାଇଜମ୍ପରେ ସର୍ବେଶ କୁଶାରେ ୨.୨୫ ମିଟରକୁ ଡେଇଁ ଦ୍ୱିତୀୟସ୍ଥାନରେ ରହି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମହିଳା ଲଙ୍ଗ ଜମ୍ପ ପରି ଶେଷ ମୁହୂର୍ତ୍ତରେ ଚାଇନିଜ୍ ତାଇପେର ପ୍ରତିଯୋଗୀ ଚାଓ-ହୁସିଆନ ଫୁ' ୨.୨୭ ମିଟରକୁ ଡେଇଁ ସର୍ବେଶଙ୍କୁ ପଛରେ ପକାଇଦେଇଥିଲେ।




## ହରିତା, ପାରୁଲ ଓ ତେଜସ୍ୱିନଙ୍କୁ କାଂସ୍ୟ ପଦକ









ଦୌଡ଼କୁଦରେ ଆଜି ଭାରତକୁ ଆଉ ୩ଟି ପଦକ ମିଳିଛି। ଏହି ୩ଟି ଯାକ କାଂସ୍ୟ ପଦକ ଅଟେ। ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ର, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ ଓ ଡେକାଥଲନରେ ତେଜସ୍ୱିନ ଶଙ୍କରଙ୍କୁ କାଂସ୍ୟ ପଦକ ମିଳିଛି। ଡେକାଥଲନର ଶେଷ ଇଭେଣ୍ଟ ୧୫୦୦ ମିଟର ଦୌଡ଼ରେ ଭଲ ପ୍ରଦର୍ଶନ କରି ତେଜସ୍ୱିନ ତୃତୀୟ ସ୍ଥାନରେ ରହିବାରେ ସମର୍ଥ ହୋଇଥିଲେ। ଏସିଆନ୍ ଗେମ୍ସରେ ଏହା ତାଙ୍କର ଦ୍ୱିତୀୟ ପଦକ ଓ ଦ୍ୱିତୀୟ କାଂସ୍ୟ ମଧ୍ୟ। ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପାରୁଲ ଚୌଧୁରୀ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ସହ ତୃତୀୟ ସ୍ଥାନରେ ରହିଥିଲେ। ସେ ୯ ମିନିଟ ୦୮.୬୭ ସେକେଣ୍ଡ ସମୟରେ ଏହି ରେସ୍ ପୂରଣ କରିଥିଲେ। ପୂର୍ବରୁ ମହିଳା ୨୦୦ ମିଟର ଦୌଡ଼ରେ ହରିତା ଭଦ୍ରଙ୍କୁ ମଧ୍ୟ କାଂସ୍ୟ ପଦକ ମିଳିଛି। ସେ ୨୩.୨୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଗୋଟିଏ ସେକେଣ୍ଡ ଆଗରେ ରେସ୍ ପୂରଣ କରି ଜାପାନର ଆବିକେଇରୁଫୁଙ୍କା ରୌପ୍ୟ ପଦକ ଜିତିନେଇଥିଲେ। ପୁରୁଷ ବିଭାଗରେ ଅନିମେଶ କୁଜୁର ୫ମ ସ୍ଥାନରେ ରହି ରେସ୍ ପୂରଣ କରିଥିଲେ।

## ଫାଇନାଲରେ ହାରିଲେ ଅନାହତ, ଅଭୟ




ଏସିଆନ ଗେମ୍ସ ସ୍କ୍ୱାଶରେ ଆଜି ଭାରତର ଦୁଇ ପ୍ରତିଯୋଗୀ ସିଙ୍ଗଲ୍ସ ଫାଇନାଲରେ ପରାଜିତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଭୟ ସିଂ ଓ ମହିଳା ସିଙ୍ଗଲ୍ସରେ ଅନାହତ ସିଂ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ହାରିଯାଇଥିଲେ। ଏହା ଫଳରେ ସ୍କ୍ୱାଶ ଇଭେଣ୍ଟରେ ଭାରତକୁ ଆଜିର ଦୁଇଟି ରୌପ୍ୟ ପଦକ ମିଳିଥିଲା। ଗତକାଲି ଜ୍ୟୋସ୍ନା ଚିନ୍ନାପ୍ପା ଓ ଭେଲାଭାନ ସେନ୍ଥିଲ କୁମାର ମିକ୍ସଡ ଡବଲ୍ସରେ କାଂସ୍ୟ ପଦକ ଜିତିଥିଲେ। ଆଜି ପ୍ରଥମେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମାଲେସିଆର ଇୟେନ୍ ୟୋ ଏନ୍‌ଜି ୩-୦ ଗେମ୍ସରେ ସହଜରେ ହାରିଯାଇଥିଲେ। ଏହା ଫଳରେ ଏସିଆନ ଗେମ୍ସରେ ସୌରଭ ଘୋଷାଲଙ୍କ ପରେ ଅଭୟ ଦ୍ୱିତୀୟ ଭାରତୀୟ ଭାବେ ରୌପ୍ୟ ପଦକ ପାଇଥିଲେ। ଗତଥର ସେ କାଂସ୍ୟ ପଦକ ଜିତିଥିବାରୁ ଏସିଆନ ଗେମ୍ସରେ ତାଙ୍କ ପଦକ ସଂଖ୍ୟା ୨ରେ ପହଞ୍ଚିଛି। ମହିଳା ସିଙ୍ଗଲ୍ସରେ ମଧ୍ୟ ଭାରତୀୟ ଖେଳାଳି ଅନାହତ ସିଂ ଫାଇନାଲରେ ପରାଜିତ ହୋଇଥିଲେ। ମାଲେସିଆର ଆଉ ଜଣେ ପ୍ରତିଯୋଗୀ ତଥା ଭାରତୀୟ ବଂଶୋଦ୍ଭବ ଶିବାସାଙ୍ଗରି ସୁବ୍ରମଣ୍ୟମ ମଧ୍ୟ ୩-୦ରେ ଅନାହତଙ୍କୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଜିତିନେଇଥିଲେ। ଏହା ସହ ସେ ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିବା ସହ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ।

## ଫାଇନାଲରେ ସନ୍ତୋଷ, ବିଥ୍ୟା, ଅନୁ, ଶ୍ରୀଶଙ୍କର ଓ ପଞ୍ଚୁରାଜ

ଭାରତର ଆଉ କିଛି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ପଦକ ଆଶାରେ ରହିଛନ୍ତି। ଏହା ମଧ୍ୟରୁ ପୁରୁଷ ୪୦୦ ମିଟର ହର୍ଡଲ୍ସରେ ସନ୍ତୋଷ ତାମିଲରସନ, ଲଙ୍ଗ୍‌ଜମ୍ପରେ ମୁରଲୀ ଶ୍ରୀଶଙ୍କର ଦ୍ୱିତୀୟ ଓ ପଞ୍ଚୁରାଜ ଡେଭିଡ୍ ସୋଲୋମନ ୭ମ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ୪୦୦ ମିଟର ହର୍ଡଲ୍ସରେ ମଧ୍ୟ ୨ଜଣ ଭାରତୀୟ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବିଥ୍ୟା ରାମରାଜ ୫୫.୭୩ ଓ ଅନୁ ରାଘବନ ୫୫.୮୪ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ପ୍ରତିଯୋଗୀ ସେମାନଙ୍କ ହିଟ୍ସରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

## ବକ୍ସିଂରେ ୩ଟି ପଦକ ନିଶ୍ଚିତ




ଭାରତର ୩ଜଣ ବକ୍ସର ଏସିଆନ ଗେମ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଏହି ୩ଜଣ ଅତିକମ୍‌ରେ ୩ଟି କାଂସ୍ୟ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ସେମାନେ ହେଲେ ମହିଳା ୬୫ କେଜିରେ ପରବିନ, ପୁରୁଷ ୮୦ କେଜିରେ ଅଙ୍କୁଶ ଓ ୯୦ କେଜିରୁ ଊର୍ଦ୍ଧ୍ୱ କାଟେଗୋରୀରେ ନରେନ୍ଦର ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ଜିତିବା ନିଶ୍ଚିତ କରିଛନ୍ତି। କିନ୍ତୁ ୬୦ କେଜିରେ ସଚିନ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ।

## ବ୍ୟାଡ୍‌ମିଣ୍ଟନରେ ନିରାଶ



ଭାରତର ବ୍ୟାଡ୍‌ମିଣ୍ଟନ ଖେଳାଳି ଆଜି ପ୍ରାୟ ସମସ୍ତ ବିଭାଗରେ ପରାଜିତ ହୋଇଛନ୍ତି। ପ୍ରଥମେ ଖେଳାଯାଇଥିବା ଡବଲ୍ସର ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଏହା ମଧ୍ୟରୁ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ବିଭାଗରେ ଓ ଧ୍ରୁବ କପିଲା ଓ ତାନିଶ କ୍ରାଷ୍ଟୋ ପୁରୁଷ ଡବଲ୍ସରେ ପରାଜିତ ହୋଇ ପଦକ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଗତକାଲି ପ୍ରଥମ ରାଉଣ୍ଡରେ ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ହାରିଯାଇଥିଲେ। ମହିଳା ସିଙ୍ଗଲ୍ସରେ ପିଭି ସିନ୍ଧୁ ଓ ଉନ୍ନତି ହୁଦାଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି।

## ମହିଳା ହକି: ଭାରତ-କୋରିଆ ସେମିଫାଇନାଲ ବୁଧବାର

କାକାମିଗାହାରା,୨୭।୯ (ଏଜେନ୍ସି)

ଏସିଆନ ଗେମ୍ସ ମହିଳା ହକିର ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ଆଜି ସ୍ଥିର ହୋଇଯାଇଛି। ଆସନ୍ତା ବୁଧବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ସହ ଦକ୍ଷିଣ କୋରିଆର ଓ ଚୀନ୍ ସହ ଜାପାନର ମୁକାବିଲା ହେବ। ଆଜି ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୭-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରି ପୁଲ-ବି'ରେ ପ୍ରଥମସ୍ଥାନରେ ରହିଥିଲା। ଏହା ପୂର୍ବରୁ ଭାରତ ୧୯-୦ରେ ଉଜ୍‌ବେକିସ୍ତାନକୁ, ୧୭-୧ରେ ଇଣ୍ଡୋନେସିଆକୁ, ୨୦-୧ରେ ଥାଇଲାଣ୍ଡକୁ ଓ ୩-୧ ଗୋଲରେ ଜାପାନକୁ ପରାସ୍ତ କରିବାରେ ସଫଳ ହୋଇଥିଲା। ଭାରତ ପରି ପୁଲ-ଏ'ରେ ଚୀନ୍ ଅପରାଜେୟ ସହ ପ୍ରଥମ, ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନରେ ରହିଥିଲା। ବୁଧବାର ସେମିଫାଇନାଲ ଓ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତ ଭାବେ ଭାରତର ଦୀପିକା ସେରାୱତ୍ ସର୍ବାଧିକ ୨୧ ଓ ନବନୀତ କୌର ୯ଟି ଗୋଲ ଦେଇ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି।




## ଚେସ୍ ଅଲିମ୍ପିଆଡ: ପୁରୁଷଙ୍କୁ ରୌପ୍ୟ, ମହିଳାଙ୍କୁ କାଂସ୍ୟ

ନୂଆଦିଲ୍ଲୀ,୨୭।୯ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏଥର ଚେସ୍ ଅଲିମ୍ପିଆଡରେ ଟାଇଟଲ ବଜାୟ ରଖିବାରେ ବିଫଳ ହୋଇଛି। ଏହା ସତ୍ତ୍ୱେ ଅର୍ଜୁନ ଏରାଇଗାଇସିଙ୍କୁ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ବଳରେ ଭାରତ ପୁରୁଷ ବିଭାଗରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି। କିନ୍ତୁ ମହିଳା ଦଳକୁ କାଂସ୍ୟ ପଦକ ମିଳିଛି। ସବିତା ଶ୍ରୀ'ଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ମହିଳା ଦଳ ପଦକ ଜିତି କିଛିଟା ସମ୍ମାନ ରକ୍ଷା କରିବାରେ ସଫଳ ହୋଇଛି। ବ୍ୟକ୍ତିଗତ ପୁରୁଷ ଚାମ୍ପିଅନ ଡି ଗୁକେଶ ଓ ମହିଳା ଚାମ୍ପିଅନ ଦିବ୍ୟା ଦେଶମୁଖ ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ।

## ଭାରତ-ଆଫଗାନିସ୍ତାନ କ୍ୱାର୍ଟରଫାଇନାଲ ଆଜି

ପୁରୁଷ କ୍ରିକେଟ

ନିଶିନ୍, ୨୭।୯ (ଏଜେନ୍ସି): ପୁରୁଷ କ୍ରିକେଟରେ ଆସନ୍ତାକାଲି ଓ ତା'ପରଦିନ ପୁରୁଷକ୍ୱାର୍ଟର ଫାଇନାଲ ଖେଳାଯିବ। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ସହ ହଂକଂର ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା (ପୂର୍ବାହ୍ନ ୧୦ଟାରେ) ହେବ। ସେହିପରି ଏହାର ପରଦିନ ଅର୍ଥାତ୍ ୨୯ ତାରିଖରେ ଶ୍ରୀଲଙ୍କା ସହ ନେପାଳର ଓ ପରେ ବାଂଲାଦେଶ ସହ ମାଲେସିଆର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଦଳ ମଧ୍ୟରେ ଅକ୍ଟୋବର ୧ରେ ଦୁଇଟିଯାକ ସେମିଫାଇନାଲ ଓ ଅକ୍ଟୋବର ୩ରେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ଲାଗି ମୁକାବିଲା ହେବ। ସୂଚନାଯୋଗ୍ୟ ପାକିସ୍ତାନ, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାଲିଫାୟର ଟୁର୍ଣ୍ଣାମେଣ୍ଟରୁ ଆଫଗାନିସ୍ତାନ, ନେପାଳ, ହଂକଂ ଚୀନ୍ ଓ ମାଲେସିଆ ଯୋଗ୍ୟତା ଅର୍ଜନ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ମହିଳା ବିଭାଗରେ ପାକିସ୍ତାନକୁ ଦୟନୀୟ ଭାବେ ହରାଇ ଭାରତ ସ୍ୱର୍ଣ୍ଣପଦକ ଜିତିନେଇଛି।

ଓଡ଼ିଶା ଟି-୨୦ ଲିଗ୍ ଫାଇନାଲ୍ ୩୦ରେ

## କଟକ ପାନ୍ଥର୍ସ ବିଜୟୀ

ଭୁବନେଶ୍ୱର,୨୭।୯ (ସମିସ): କଟକର ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ଟି-୨୦ ଲିଗ୍‌ର ଆଜି ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ କଟକ ପାନ୍ଥର୍ସ ୯ ୱିକେଟରେ ପୁରୀ ଟାଇଟାନ୍ସକୁ ପରାସ୍ତ କରିଛି। ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପୁରୀ ୭ ୱିକେଟରେ ୫୪ ରନ୍ କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୧୯ ଓ ସର୍ବେଶ୍ୱର ମହାନ୍ତି ୧୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପ୍ରଶାନ୍ତ ରଣା ୩ଟି ଓ ସାହିଲ ରଣା ୨ଟି ୱିକେଟ ନେଇଥିଲେ।




ଜବାବରେ କଟକ ପାନ୍ଥର୍ସ ଏମ୍‌ଜି ଗୋପାଳ (୪)ଙ୍କ ୱିକେଟ ହରାଇ ୯ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। କାର୍ତ୍ତିକ ବିଶ୍ୱାଳ ୧୯ ବଲ୍‌ରୁ ୭ ଚୌକା ସହ ୩୯ ଓ ଅଧିନାୟକ ବିପ୍ଲବ ସାମନ୍ତରାୟ ୮ ବଲ୍‌ରୁ ୧୩ ରନ୍ କରି ଅପରାଜିତ ରହିବା ସହ ଆଉ କୌଣସି କ୍ଷତି ହେବାକୁ ନ ଦେଇ ମ୍ୟାଚ୍ ଜିତିନେଇଥିଲା। ୩ ଓଭରରେ ୧୧ ରନ୍ ଦେଇ ୩ଟି ୱିକେଟ ନେଇଥିବା କଟକର ପ୍ରଶାନ୍ତ ରଣାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଭାରତ ମସଲାର ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ପ୍ରଦାନ କରିଥିଲେ।

ଏହା ପରେ ଖେଳାଯାଇଥିବା ଆଜିର ଦ୍ୱିତୀୟ ମ୍ୟାଚ୍‌ରେ କେନ୍ଦୁଝର ମାଇନର୍ସ ୪୭ରନ୍‌ରେ ପରାସ୍ତ କରିଛି। ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ସମ୍ବଲପୁର ୱାରିୟର୍ସ ୮ ୱିକେଟ୍‌ରେ ପୁରୀ ଟାଇଟନ୍ସକୁ ପରାସ୍ତ କରିଛି। ପରିବର୍ତ୍ତିତ ଖେଳସୂଚୀ ଅନୁଯାୟୀ ୨୯ରେ କ୍ୱାଲିଫାୟର୍ ଓ ୩୦ରେ ଫାଇନାଲ୍ ଖେଳାଯିବ।

ପ୍ରଥମ ଦିନିକିଆରେ ଜଷ୍ଟିନ୍ ଗ୍ରୀଭ୍‌ସଙ୍କ ଶତକ ବ୍ୟର୍ଥ

# ଭାରତକୁ ଜିତାଇଲେ କୋହଲି-ଗିଲ୍

ତିରୁଅନନ୍ତପୁରମ,୨୭।୯ (ଏଜେନ୍ସି): ଅଧିନାୟକ ଶୁବମନ ଗିଲ୍ (୧୧୦ରନ୍)ଙ୍କ ୧୦ମ ଦିନିକିଆ ଶତକ, ବିରାଟ କୋହଲି (ଅପରାଜିତ ୧୩୯)ଙ୍କ ୫୫ତମ ଶତକ ଓ କୁଲଦୀପ ଯାଦବ (୪/୪୦)ଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଆୟୋଜକ ଭାରତ ୮ ୱିକେଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଗୌହାଟୀର ବର୍ଷାପଡ଼ାରେ ବୁଧବାର ଖେଳାଯିବ। ଏହି ମ୍ୟାଚ୍‌ରେ ଦମ୍‌ଦାର ବୋଲିଂ ପ୍ରଦର୍ଶନ କରିଥିବା ଭାରତର କୁଲଦୀପ ଯାଦବଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।






ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଜଷ୍ଟିନ ଗ୍ରୀଭ୍‌ସ ୧୦୧, ଜନ୍ କ୍ୟାମ୍ପବେଲ ୬୨ ଓ ଅମିର ଜାଙ୍ଗୁ ଅପରାଜିତ ୫୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୯୫ ରନ୍ କରିଥିଲା। ଜବାବରେ ୨୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪୧.୪ ଓଭରରେ ମାତ୍ର୨ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ଗିଲ ଓ କୋହଲି ଦ୍ୱିତୀୟ ୱିକେଟରେ ୧୩୨ବଲ୍‌ରୁ ୧୫୧ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ଏଠାରେ ୩୧୫ତମ ଦିନିକିଆ ମ୍ୟାଚ୍ ଖେଳି ବିଶ୍ୱର ଦ୍ୱିତୀୟ ଖେଳାଳିଭାବେ ୧୫,୦୦୦ ରନ୍ ପୂରଣ କରିଥିବା କୋହଲି ମାତ୍ର ୮୮ବଲ୍‌ରୁ ୧୦ ଚୌକା ଓ ୯ଛକା ସହ ୧୩୯ ରନ୍ କରି ଅପରାଜିତ ରହିଥିଲେ। ସେ ଓ ଋତୁରାଜ ଗାଏକ୍ୱାଡ ଅବିଭକ୍ତ ତୃତୀୟ ୱିକେଟରୁ ୭୫ ରନ୍ ଉଠାଇ ଦଳକୁ ଜିତାଇଥିଲେ। ପୂର୍ବରୁ ଗିଲ ଓ ରୋହିତ ଶର୍ମା (୩୨) ପ୍ରଥମ ୱିକେଟରୁ ୭୪ ରନ୍ ଉଠାଇଥିଲେ। ୯୬ତମ ବଲ୍‌ରେ ଦିନିକିଆ କ୍ୟାରିୟରର ୧୦ମ ଟେଷ୍ଟ ଶତକ ହାସଲ କରିଥିବା ଗିଲ୍ ୧୦୮ ବଲ୍‌ରୁ ୧୩ ଚୌକା ଓ ୧ଛକା ସହ ୧୧୦ରନ୍ ଉଠାଇଥିଲେ।

### ଚମକ ଦେଖାଇଲେ କୁଲଦୀପ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍‌ର ଦୁଇ ଓପନର ଗ୍ରୀଭସ ଓ କ୍ୟାମ୍ପବେଲ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଭାରତକୁ ନିରାଶ କରିଥିଲେ। କିନ୍ତୁ କୁଲଦୀପ ଯାଦବ ବୋଲିଂ କରିବାକୁ ଆସି ଏହି ଯୋଡି ଭାଙ୍ଗିବା ପରେ ଦଳ ଆଉ ଦ୍ରୁତଗତିରେ ରନ୍ କରିପାରି ନ ଥିଲା। କ୍ୟାମ୍ପବେଲ ୬୦ବଲ୍‌ରେ ୬୨ ଓ ଗ୍ରୀଭ୍‌ସ ୧୦୮ ବଲ୍‌ରେ ୧୨ଟି ସୁନ୍ଦର ଚୌକା ସହ ୧୦୧ରନ୍‌ରେ ଆଉଟ ହୋଇଥିଲେ। କୁଲଦୀପ ପ୍ରଥମ ୫ଟି ମଧ୍ୟରୁ ୪ଟି ୱିକେଟ ନେବା ଫଳରେ ଦଳର ରନ୍ ହାର କମିଯାଇଥିଲା। ଶେଷ ଭାଗରେ ଜାଙ୍ଗୁ ୪୩ବଲ୍‌ରୁ ୭ ଚୌକା ଓ ୧ ଛକା ସହ ଅପରାଜିତ ୫୮ ରନ୍ ଉଠାଇବା ଫଳରେ ଦଳ ୭/୨୯୫ରନ୍‌ର ଏକ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲା। କୁଲଦୀପଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଓ ନୀଶାଥ ରେଡ୍ଡୀଙ୍କୁ ୧ଟି ୱିକେଟ ମିଳିଥିଲା। ନମନ ଧୀର ଏଠାରେ ଭାରତ ଲାଗି ଡେବ୍ୟୁ କରିଥିଲେ।

## ନିର୍ମଳ ପଟ୍ଟନାୟକ ସ୍ମାରକୀ ଚେସ୍: ଆଦିତ୍ୟ ଚାମ୍ପିଅନ

ଭୁବନେଶ୍ୱର,୨୭।୯ (ସମିସ): ୟୁନିଟ୍-୧ ମଦର୍ସ ପବ୍ଲିକ ସ୍କୁଲ୍‌ର ଆଦିତ୍ୟ ଶଙ୍କର ବେହେରା ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ନିର୍ମଳ ପଟ୍ଟନାୟକ ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ସେ ୩.୫ ପଏଣ୍ଟ ପାଇ ପ୍ରଥମ ହୋଇଛନ୍ତି। ତାଙ୍କ ସହ ୟୁନିଟ୍-୯ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ସମାନ ୩.୫ ପଏଣ୍ଟ ରଖି ରନର୍ସଅପ୍, ତାଙ୍କ ଭାଇ ଆତିଶନନ୍ଦ ଗୋସ୍ୱାମୀ ତୃତୀୟ, ମଡେଲ ଇଂଲିଶ ମିଡିୟମ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ଚତୁର୍ଥ ଓ ସେଣ୍ଟ ଯୋଶେଫ ହାଇସ୍କୁଲ୍‌ର ସାଇ ସାର୍ଥକ ବାରିକ ୫ମ ସ୍ଥାନ ଅଧିକାର କରିଛନ୍ତି।



## ସାହାଣୀ କପ୍ ଫୁଟବଲ: କଟକ, ସମ୍ବଲପୁରର ବୃହତ୍ ବିଜୟ

ଭୁବନେଶ୍ୱର,୨୭।୯ (ସମିସ): ରାଜ୍ୟର ୪ଟି ସ୍ଥାନରେ ଖେଳାଯାଉଥିବା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟବଲରେ ଆଜି ଅନୁଷ୍ଠିତ ମୁକାବିଲାରେ ସୁବର୍ଣ୍ଣପୁର ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ରେ କଟକ ୧୩-୦ ଗୋଲରେ ପୁରୀକୁ ହରାଇଥିଲା। ସେହିପରି ନୂଆପଡ଼ା ଜୋନ୍‌ରେ ସମ୍ବଲପୁର ୧୨-୦ ଗୋଲରେ ରାୟଗଡ଼ାକୁ ଓ ନବରଙ୍ଗପୁର ୫-୩ ଗୋଲରେ କଳାହାଣ୍ଡିକୁ ପରାସ୍ତ କରିଥିଲା। ସୁନ୍ଦରଗଡ଼ ଜୋନ୍‌ରେ କେନ୍ଦ୍ରାପଡ଼ା ୫-୦ ଗୋଲରେ ଦେବଗଡକୁ ଓ ସୁନ୍ଦରଗଡ ୨-୦ ଗୋଲରେ ବଲାଙ୍ଗୀରକୁ ହରାଇଛି। ଭୁବନେଶ୍ୱର ଜୋନ୍‌ରେ ଝାରସୁଗୁଡା ୧୧-୪ ଗୋଲରେ ଗଜପତିକୁ ଓ ଭୁବନେଶ୍ୱର ୫-୨ ଗୋଲରେ ଜଗତ୍‌ସିଂହପୁର ଜିଲ୍ଲାକୁ ହରାଇବାରେ ସମର୍ଥ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY